ODIA DAILY EDITION
15.09.2024
କଟକ, ରବିବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ସେପ୍ଟେମ୍ବର-୧୫, ୨୦୨୪
ବର୍ଷ-୩୬, ସଂଖ୍ୟା-୭୦
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
35 Years of publication SINCE 1989
Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

# ସୁଭଦ୍ରାରେ ୫୦ ଲକ୍ଷ ପଞ୍ଜିକରଣ

## ■ ୧୭ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ
## ■ ୧୫ ତାରିଖ ଯାଏ କରିଥିବା ଆବେଦନକାରୀଙ୍କୁ ମିଳିବ ପ୍ରଥମ କିସ୍ତି

**ଭୁବନେଶ୍ୱର, ୧୪।୯:** ରାଜ୍ୟରେ ସୁଭଦ୍ରା ଯୋଜନାକୁ ନେଇ ବଢୁଛି ଉତ୍ସାହ । ୧୭ରେ ଓଡ଼ିଶା ଆସି ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଘରେ ଘରେ ପହଂଚିବ ସୁଭଦ୍ରା । ସୁଭଦ୍ରା ଯୋଜନା ପାଇଁ ଏବେ ଯାଏଁ ୫୦ ଲକ୍ଷ ମହିଳା ଆବେଦନ କଲେଣି ବୋଲି ସୂଚନା ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ।

ସେ କହିଛନ୍ତ ଯେ, ୧୫ ତାରିଖ ଯାଏଁ ଯେଉଁମାନେ ଆବେଦନ କରିଥିବେ ତାଙ୍କୁ ୧୭ ରେ ବ୍ୟାଙ୍କରୁ ପ୍ରଥମ କିସ୍ତି ଯିବ । ଆସନ୍ତାକାଲି ସୁଭଦ୍ରା ସ୍ୱାଗତ ପଦଯାତ୍ରାର ଦିନ ଦଶ ହଜାର ପଦଯାତ୍ରା ହେବ । ରାଜଧାନୀରୁ ଆରମ୍ଭ କରି ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ସୁଭଦ୍ରା ଯାତ୍ରା ହେବ । ପ୍ରତି ପଂଚାୟତରେ ଜିପିଏଲଏଫଙ୍କ ନେତୃତ୍ୱରେ ହେବ । ଏସଚଜି ମା ମାନେ ମଧ ଗାଁ ଗାଁରେ ସାମିଲ ହେବେ । ଭୁବନେଶ୍ୱରରେ ଗିରିଦୁର୍ଗା ମନ୍ଦିରରୁ ରମାଦେବୀ ଯାଏଁ ସୁଭଦ୍ରା ପଦଯାତ୍ରା ହେବ ବୋଲି ସେ କହିଛନ୍ତି ।

ସୁଭଦ୍ରା ସହାୟତା ଉପଲବ୍ଧି ହେବ ଆହୁରି ସହଜ । ଡାକ ବିଭାଗ ବ୍ୟାଙ୍କ ଆକାଉଂଟରେ ବି ମିଳିବ ସୁଭଦ୍ରା ପ୍ରୋତ୍ସାହନ ରାଶି । ଓଡିଶା ଡାକ ପରିମଣ୍ଡଳ, ଇଣ୍ଡିଆ ପୋଷ୍ଟ ପେମେଂଟବ୍ୟାଙ୍କ ଜରିଆରେ ଏହି ସେବାକୁ ଯୋଗାଇବ । ସମସ୍ତ ୮୯୧୨ ଡାକ ଘର ଆକ୍ସେସ୍ ପଏଂଟଭାବରେ କାର୍ଯ୍ୟ କରିବ ଏବଂ ୯୫୦୦ ଡାକ କର୍ମଚାରୀ ଏହି କାର୍ଯ୍ୟରେ ନିୟୋଜିତ ହେବେ । ଇଣ୍ଡିଆ ପୋଷ୍ଟ ପେମେଂଟବ୍ୟାଙ୍କର ବିସ୍ତୃତ ପରିସୀମା ମାଧ୍ୟମରେ ପ୍ରତ୍ୟେକ ଯୋଗ୍ୟ ମହିଳା ନିର୍ଭରଯୋଗ୍ୟ ତଥା ସହଜ ବ୍ୟାଙ୍କିଙ୍ଗ ସେବା ପାଇପାରିବେ ।



ସେପଟେ ସୁଭଦ୍ରା ଯୋଜନାର ବ୍ୟାପକ_ଚାର ପ୍ରସାର ପାଇଁ ବଡ ପଦକ୍ଷେ ନେଇଛନ୍ତି ସରକାର । ସବୁ ବିଭାଗ କରିବେ ସୁଭଦ୍ରା ଯୋଜନାର ବ୍ରାଣ୍ଡିଂ । ଏ ନେଇ ସବୁ ବିଭାଗ ସଚିବଙ୍କୁ ଚିଠି ଲେଖି ଆଜି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବ । ସବୁ ବିଭାଗ କାର୍ଯ୍ୟାଳୟରେ ଏଲ୍ ଇ ଡି ଜରିଆରେ ସୁଭଦ୍ରା ଯୋଜନାର ଭିଡ଼ିଓ ଚାଲିବ । ସବୁ ବିଭାଗର ୱେବ୍ ସାଇଟ୍, ସୋସିଆଲ ମିଡ଼ିଆ ହାଣ୍ଡେଲ, ମୋବାଇଲ ଆପରେ ପ୍ରଦର୍ଶିତ ହେବ ସୁଭଦ୍ରା ଯୋଜନା ଲୋଗୋ ଏବଂ ଟ୍ୟାଗ ଲାଇନ୍ । ୧୫ ତାରିଖରୁ ସବୁ ବିଭାଗର ସୋସିଆଲ ମିଡ଼ିଆ ପେଜର ପ୍ରୋଫାଇଲ୍ ପିକ୍ଚରରେ ଲାଗିବ ସୁଭଦ୍ରା ଲୋଗୋ ।

## ଓଡ଼ିଶା ଗସ୍ତ ସମୟରେ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ବାଣ୍ଟିବେ ମୋଦୀ

**ଭୁବନେଶ୍ୱର, ୧୪।୯:** ଓଡ଼ିଶା ଗସ୍ତ ସମୟରେ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ବାଂଟିବେ ପିଏମ ମୋଦି । ଆସନ୍ତା ୧୭ ତାରିଖ ଓଡ଼ିଶା ଗସ୍ତ ଅବସରରେ ବିଭିନ୍ନ ରାଜ୍ୟର ୧୦ ଲକ୍ଷ 'ପ୍ରଧାନମନ୍ତ୍ରୀ ଆବାସ' ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବାଂଟନ କରିବେ ପ୍ରଧାନମନ୍ତ୍ରୀ । ଜାତୀୟସ୍ତରର କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ଏହି ଆବାସ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଂଟକୁ 'ଅବାସ'ର ପ୍ରଥମ କିସ୍ତି ଟଙ୍କା ବାବଦକୁ ୩୧୮୦ କୋଟି ଟଙ୍କା ଡିବିଟି ମାଧ୍ୟମରେ ପଠାଇବେ ପ୍ରଧାନମନ୍ତ୍ରୀ । ସେହିପରି 'ଆବାସ + ୨୦୨୪' ଆପ୍ ମଧ ଉନ୍ମୋଚନ କରିବେ ମୋଦି । ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂ ଚୌହାନ ।

## ଆଜି ୬ ବନ୍ଦେ ଭାରତ ଟ୍ରେନର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୪।୯:** ଆଜି ୬ଟି ବନ୍ଦେ ଭାରତ ଟ୍ରେନର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ଟ୍ରେନଗୁଡ଼ିକ ହେଉଛି ଟାଟାନଗର-ପାଟନା, ବ୍ରହ୍ମପୁର-ଟାଟାନଗର, ରାଉରକେଲା-ହାଓଡ଼ା, ଦେଓଘର-ବାରଣାସୀ, ଭାଗଲପୁର-ହାଓଡ଼ା, ଗୟା-ହାଓଡ଼ା । ଏହାଦ୍ୱାରା ଏହି ଅଞ୍ଚଳର ଲୋକଙ୍କୁ ବିଶ୍ୱସ୍ତରୀୟ ଭ୍ରମଣର ଅନୁଭୂତି ସହିତ ଏହା ବିକାଶର ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହେବ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ରାଜ୍ୟପାଳ, ମୁ୍ୟଖମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀମାନେ ଉପସ୍ଥିତ ରହିବେ । ଏହା ସହ ୬୫୦ କୋଟି ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ମଧ କରିବେ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅପରାଜିତା

# ୪ ପ୍ରସ୍ତାବ ଉପରେ ଆଲୋଚନା



**ଭୁବନେଶ୍ୱର, ୧୪।୯:** ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଶନିବାର ଦିନ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ଲିଖିତ ଭାବରେ ୪ଟି ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କୁ ଦେଇଛନ୍ତି । ସମସ୍ତ ପ୍ରସ୍ତାବ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ କାମ ଆରମ୍ଭ ହେବ ।

ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ, ଭୁବନେଶ୍ୱର ସହରର ସବୁଠାରୁ ବଡ ସମସ୍ୟା ହେଉଛି ଡ୍ରେନେଜ ସମସ୍ୟା । ବିଭିନ୍ନ ବିଭାଗର ପରସ୍ପର ସହିତ ସମନ୍ୱୟର ଅଭାବ ରହିଛି । ଯାହା ଫଳରେ ଡ୍ରେନେଜର ସୁବିଧା ହୋଇପାରୁ ନାହିଁ । ଅର୍ଥର ମଧ ସମସ୍ୟା ରହିଛି ।

ସେ କହିଛନ୍ତି ଯେ ଜଟଣୀ ବିଞ୍ଝାଗିରୀରେ ୨୦ ଏକରରେ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ ଯୋଗା ଆଣ୍ଡ ନେକ୍ରୋପାଥି ପାଇଁ ଜଣେଇଛୁ । ଜୁନ ୨୦୧୪ରେ କେନ୍ଦ୍ର ଆୟୁଷ ବିଭାଗକୁ ଦେଇଥିଲେ । ୯୭ କୋଟିରୁ ଅଧିକ ଟଙ୍କା ଅନୁମୋଦନ ବି ହୋଇଥିଲା ।

ସେ କହିଛନ୍ତି ଯେ ୧୦ ସେପ୍ଟେମ୍ବରରେ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କ ସହିତ ନ୍ୟାସନାଲ ଜିଏମ ଆର୍ଟ ପାଇଁ ଆଲୋଚନା ହୋଇଥିଲା

ସେ କହିଛନ୍ତି ଯେ ଖୋର୍ଦ୍ଧା ମା ଉଗ୍ରତାରାଙ୍କ ମନ୍ଦିର ପାଇଁ ୩୨କୋଟି ୧୪ଲକ୍ଷ ଟଙ୍କା ଅନୁମୋଦନ ହୋଇଥିଲା । ଏହି କାମ ଓବିସିସି ନେଇଥିଲା । ୨୦ ଏକର ଜମିର ଆବଶ୍ୟକ ଥିଲା । ତେଣୁ ଜମି ଯୋଗାଇ ନ ଦେବାରୁ କାମ ଅଟକି ରହିଛି । ଜିଲ୍ଲାପାଳଙ୍କୁ ତାଗିଦ କରିବାକୁ ସେ ଅନୁରୋଧ କରିଛନ୍ତି । ଏହା ଦ୍ୱାରା ଜିଲ୍ଲାପାଳ ତୁରନ୍ତ ଜମି ଯୋଗାଇ ଦେବେ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ କାମ ହେବା କଥା । ୫୦କୋଟି ଟଙ୍କା ଅନୁମୋଦନ ବି ହୋଇଛି । ପାଳାଶୁଣି ନିକଟରେ ୨ ଏକର ୯୧ ଡ଼ିସିମିଲ ଜମି ଚିହ୍ନଟ ହୋଇଥିଲା । କାମ ଆରମ୍ଭ ହୋଇପାରିଲା ନାହିଁ । ତୁରନ୍ତ ଚିହ୍ନଟ ଜମିରେ କାମ ଆରମ୍ଭ କରାଯାଉ ବୋଲି ସେ କହିଛନ୍ତି । ବିଗତ ସରକାର ଅକର୍ମଣ୍ୟତାରୁ କାମ ହୋଇପାରୁ ନଥିଲା । ପୂର୍ବ ସରକାରରେ ଇଛା ଶକ୍ତିର ଅଭାବ ରହିଥିଲା ।

# ଆଜି ପ୍ରବଳ ବର୍ଷା ସମ୍ଭାବନା



ବାଂଲାଦେଶ ଓ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ପ୍ରଭାବରେ ରାଜ୍ୟରେ କିଛି ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ରବିବାର ସକାଳ ସାଢ଼େ ଆଠଟା ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର କିଛି ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ତଥା ସ୍ଥାନେ ସ୍ଥାନେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ତିନି ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ଏହି ସମୟ ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଦେବଗଡ଼, ସୁନ୍ଦରଗଡ଼, ଜଗତସିଂହପୁର, କଟକ, ନୟାଗଡ଼, ବୌଦ୍ଧ, ସମ୍ବଲପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଞ୍ଜାମ, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ରବିବାର ସକାଳ ସାଢ଼େ ୮ଟାରୁ ସୋମବାର ସାଢ଼େ ୮ଟା ପର୍ଯ୍ୟନ୍ତ

## ତିନି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେଥିପାଇଁ ଏହି ତିନି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଅନ୍ୟପକ୍ଷରେ ପ୍ରବଳ ବର୍ଷା ନେଇ ଦେବଗଡ଼, ଅନୁଗୋଳ. କେନ୍ଦୁଝର, ସୋନପୁର, ବରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ସୋମବାର ବା ୧୬ ତାରିଖ ସାଢ଼େ ୮ଟାରୁ ତା'ପର ଦିନ ସକାଳ ସାଢ଼େ ୮ଟା ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ବାଂଲାଦେଶ ଓ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଆଜି ଉତ୍ତର-ଉତ୍ତରପଶ୍ଚିମ ଗତ କରିବା ସହିତ ସେହି ଗଭୀର ଅବପାତରେ ରହିବ । ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଅବପାତର ରୂପ ନେଇ ଝାରଖଣ୍ଡ ଓ ଉତ୍ତର ଛତିଶଗଡ଼ ଦେଇ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରିବ ।




MBA/24-25/0215

ମାତୃଭାଷା

କଟକ, ରବିବାର, ସେପ୍ଟେମ୍ବର-୧୫, ୨୦୨୪ ପୃଷ୍ଠା:୨

## ମିଶନ ଶକ୍ତିର କାଟ୍ ସୁଭଦ୍ରା

ବଡ଼ ଆକାରରେ ଆସୁଛି 'ସୁଭଦ୍ରା'। ଏହି ଯୁଗାନ୍ତକାରୀ ଯୋଜନାର ମହାଶୁଭାରମ୍ଭ ପାଇଁ ଯୋଜନା କରିଛି ବିଜେପି ସରକାର। ମୋଦିଙ୍କ ଜନ୍ମଦିନ ୧୭ ତାରିଖରେ । ସେହି ଦିନ ୭୦ ହଜାର ମହିଳାଙ୍କ ଉପସ୍ଥିତିରେ ଏହି ଯୋଜନାର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିପାଇଁ ଜନତା ମୈଦାନରେ ବିଶାଳ ସମାବେଶର ଆୟୋଜନ କରାଯାଉଛି। ଏଥିପାଇଁ ଭୁବନେଶ୍ୱର ଜନତା ମୈଦାନରେ ୭୦ ହଜାରରୁ ଅଧିକ ମହିଳାଙ୍କୁ ନେଇ ଏକ ସଭା ହେବ, ଯେଉଁଠି ପ୍ରଧାନମନ୍ତ୍ରୀ ମହିଳାମାନଙ୍କୁ ସମ୍ବୋଧନ କରିବେ।

ଏହି ଅବସରରେ ଭୁବନେଶ୍ୱର ବିମାନ ବନ୍ଦରରୁ ଜନତା ମୈଦାନ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସୁଭଦ୍ରା ଯୋଜନା ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ଯୋଜନା।

ଯେଉଁମାନେ ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ପଞ୍ଜୀକରଣ କରିଛନ୍ତି, ସେମାନଙ୍କ ଆବେଦନ ଫର୍ମ ଯାଞ୍ଚ ପରେ ହିତାଧିକାରୀ ଚୟନ କରାଯିବ। ଆଉ ୧୭ ତାରିଖରେ ସେମାନଙ୍କୁ ପ୍ରଥମ କିସ୍ତି ଯୋଗାଇ ଦିଆଯିବ।

ଏହି ଅବସରରେ ଭୁବନେଶ୍ୱର ବିମାନ ବନ୍ଦରରୁ ଜନତା ମୈଦାନ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସୁଭଦ୍ରା ଯୋଜନା ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ଯୋଜନା।

ଯେଉଁମାନେ ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ପଞ୍ଜୀକରଣ କରିଛନ୍ତି, ସେମାନଙ୍କ ଆବେଦନ ଫର୍ମ ଯାଞ୍ଚ ପରେ ହିତାଧିକାରୀ ଚୟନ କରାଯିବ। ଆଉ ୧୭ ତାରିଖରେ ସେମାନଙ୍କୁ ପ୍ରଥମ କିସ୍ତି ଯୋଗାଇ ଦିଆଯିବ।

ସୁଭଦ୍ରା ଯୋଜନାରୁ ବିଜେପି ସରକାର ଭରପୁର ମାଇଲେଜ ନେବାକୁ ଚେଷ୍ଟା କରୁଛନ୍ତି। ପ୍ରଥମ ପାଳିରେ ଏହି ଯୋଜନାକୁ ଏଭଳି ଭାବେ ପ୍ରଦର୍ଶିତ କରାଯିବ ଯେମିତି ପୂର୍ବ ବିଜେଡି ସରକାରଙ୍କ ମିଶନ ଶକ୍ତି କାର୍ଯ୍ୟକ୍ରମ ଫିକା ପଡ଼ିଯିବ।

ପୂର୍ବ ବିଜେଡି ସରକାରର ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଫିକା କରି ସୁଭଦ୍ରା ଯୋଜନାକୁ ଆଗରେ ରଖିବା ପାଇଁ ବଡ଼ ଯୋଜନା କରିଛି ବିଜେପି।

ମିଶନ ଶକ୍ତିରେ ୭୦ ଲକ୍ଷ ମହିଳା ସାମିଲ ହୋଇଥିଲେ। ସୁଭଦ୍ରା ଯୋଜନାରେ ଯୋଡ଼ି ହେବେ ୧ କୋଟିରୁ ଅଧିକ ମହିଳା। ରାଜ୍ୟରେ ଏହି ଯୋଜନା ଏପର୍ଯ୍ୟନ୍ତ ସର୍ବାଧିକ ହିତାଧିକାରୀ ଥିବା ଯୋଜନା ଭାବେ ପରିଗଣିତ ହେବ ବୋଲି କଳାଯାଉଛି। ଆଗାମୀ ଦିନରେ ଏହା ବିଜେପିକୁ ବ୍ୟାପକ ନିର୍ବାଚନୀ ଫାଇଦା ଦେବ। ପୂର୍ବର ବିଜେଡି ସରକାର ମିଶନ ଶକ୍ତି କାର୍ଯ୍ୟକ୍ରମ ଜରିଆରେ ରାଜ୍ୟର ୭୦ ଲକ୍ଷ ମହିଳାଙ୍କୁ ଏଥିରେ ଯୋଡ଼ି ବ୍ୟାପକ ନିର୍ବାଚନୀ ଫାଇଦା ପାଇଆସୁଥିଲା, ଯାହା ଫଳରେ ବିଜେଡି ଦୀର୍ଘ ୨୪ ବର୍ଷ କାଳ କ୍ଷମତାରେ ରହିବା ସମ୍ଭବପର ହୋଇଥିଲା। ବିରୋଧୀ ଦଳ ବିଜେଡିର ଏହି ମହାଅସ୍ତ୍ରର କାଟ୍ ଆଜିଯାଏ ପାଇନଥିଲା। ତେବେ ନିକଟରେ ବିଧାନସଭା ନିର୍ବାଚନରେ ଓଡ଼ିଆ ଅସ୍ମିତା ଅସ୍ତ୍ର ସଫଳ ପ୍ରୟୋଗ ହେବାରୁ ବିଜେପି ଏଥର ବିଜେଡିକୁ ପରାସ୍ତ କରି ପ୍ରଥମ ଥର ଲାଗି କ୍ଷମତାସୀନ ହୋଇଛି। ବିଜେପି ନେତୃତ୍ୱ ଭଲ ଭାବେ ଜାଣିଛନ୍ତି ଯେ ଓଡ଼ିଆ ଅସ୍ମିତା ଅସ୍ତ୍ରର ଧାର ବେଶୀଦିନ ରହିବନାହିଁ। ଆଗାମୀ ନିର୍ବାଚନ ବେଳକୁ ଏହି ଧାରା ନଥିବ। ଏଣୁ ସେତେବେଳେ ନିର୍ବାଚନ ଜିଣିବା ବଡ଼ ମୁସ୍କିଲ ହୋଇଯିବ। ଏଣୁ ବିଜେପି ନେତୃତ୍ୱ ଏବେ ଠାରୁ ହିଁ ଲଙ୍ଗ୍ ଲାଷ୍ଟିଙ୍ଗ୍ ମଧ୍ୟ ଦୀର୍ଘ କାମିକା ଅସ୍ତ୍ର ତିଆରି କରିରଖିବାକୁ ଚାହୁଁଛି, ଯାହାକି ୨୦୨୯ ନିର୍ବାଚନ ଏପରିକି ଏହା ପରେ ବି ଦଳ ଲାଗି ଭୋଟ ଆଣିପାରିବ। ଏଣୁ ସୁଭଦ୍ରା ଯୋଜନା ମହିଳା ମିଶନ ଶକ୍ତି ଯୋଜନାର ଉପଯୁକ୍ତ ବିକଳ୍ପ ହେବ ବୋଲି ଜାଣି ବିଜେପି ଏହାକୁ ଜୀବନ୍ୟାସ ଦେବାକୁ ଯାଉଛି। ଏଥିରେ ୧ କୋଟି ମହିଳାଙ୍କୁ ଯୋଡ଼ାଯିବ, ଯେଉଁଥିରେ କେ ମିଶନ ଶକ୍ତି ଯୋଜନାରେ ସାମିଲ ଥିବା ୭୦ ହଜାର ମହିଳା ମଧ୍ୟ ସାମିଲ ହେବେ। ଯଦି ଏହା ସଫଳ ହେଲା, ତେବେ ବିଜେପିର ଦୀର୍ଘକାଳୀନ କଲ୍ୟାଣ ହେଲା ବୋଲି କୁହାଯାଇପାରେ। ଅପରପକ୍ଷରେ ଏହା ବିଜେଡିର ଭେଳା ବୁଡ଼ାଇଦେବ। ମୋଟା ମୋଟି ଭାବେ ଏହା କୁହାଯାଇପାରେ ଯେ ବିଜେଡିର ମିଶନ ଶକ୍ତି ଭୋଟ୍ ବ୍ୟାଙ୍କକୁ ଚ୍ୟାଲେଞ୍ଜ ଦେବ ବିଜେପିର ସୁଭଦ୍ରା ଯୋଜନା। ସେଥିପାଇଁ ଏହି ମହତ୍ୱାକାଂକ୍ଷୀ ଯୋଜନାର ଶୁଭାରମ୍ଭକୁ ବ୍ୟାପକ କରିବାକୁ ଲାଗି ପଡ଼ିଛି ରାଜ୍ୟ ବିଜେପି।

## ବାମନ ବେଶରେ କଳାଠାକୁର

*ବିପିନ ବିହାରୀ ରାଉତ*

ବାମନ ବେଶ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ଶ୍ରୀମନ୍ଦିରରେ ପାଳନ କରାଯାଏ। ପୌରାଣିକ ଉପାଖ୍ୟାନ ଅନୁସାରେ ଏହିଦିନ ଏକ ଶୁଭ ମୁହୂର୍ତ୍ତରେ ଭଗବାନ ବିଷ୍ଣୁ ନିଜ ପଞ୍ଚମ ଅବତାରରେ ଏକ ଦିବ୍ୟ, ଜ୍ୟୋତିର୍ମୟ ବାମନ ବାଳକ ରୂପରେ ଧରିତ୍ରୀରେ ଅବତରଣ କରିଥିଲେ। ନୃସିଂହ ଜନ୍ମ ଓ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପରି ଶ୍ରୀମନ୍ଦିରରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ବାମନ ଜନ୍ମ ପାଳିତ ହେବା ସଙ୍ଗେ ସଙ୍ଗେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଏକ ବାମନରୂପ ବାଳକ ବେଶରେ ସଜ୍ଜିତ କରାଯାଇଥାଏ। ଶ୍ରୀମନ୍ଦିରରେ ବାମନଙ୍କ ଜନ୍ମୋତ୍ସବ ନୀତି ଓ ଦ୍ୱିପହର ଧୂପ ଶେଷ ହେବା ପରେ ଜଗନ୍ନାଥ ମହାପ୍ରଭୁ ବାମନ ବେଶ ଧାରଣ କରନ୍ତି। ଏଥିରେ ସୁଭଦ୍ରା ସାଧାରଣ ବେଶ ଓ ବଳଭଦ୍ର ରାଜ ବେଶରେ ଦୃଶ୍ୟମାନ ହେବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ରୀପୟର ଓ କିରୀଟରେ ଆଭୂଷିତ ହୋଇଥାନ୍ତି। ଶ୍ରୀଜଗନ୍ନାଥଙ୍କ ଶ୍ରୀଭୂଜର ବାମ ହସ୍ତରେ ଛତା ଓ ଡାହାଣ ହସ୍ତରେ କୁଶବଟୁ ଗଡୁ ଧରାଯାଇ




ଏକ ବାମନରୂପୀ ନୈଷ୍ଠିକ ବ୍ରାହ୍ମଣ ବେଶରେ ଭୂଷିତ କରାଯାଏ। ପୁଷ୍ପାଳକ ସେବକମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଏପରି ବେଶ କରିଥାନ୍ତି, ଜଣାଯାଏ ସତେ ଯେପରି ଜଗନ୍ନାଥ ମହାପ୍ରଭୁ ସ୍ୱୟଂ ଏକ ବାମନ ବା କ୍ଷୁଦ୍ରକାୟ ବିପ୍ର। ଶ୍ରୀଜଗନ୍ନାଥ ବାମନ ଭାବେ ପରିଚିତ। ଜଗନ୍ନାଥଙ୍କର ହସ୍ତପଦ ବିହୀନ ଅବୟବକୁ ଦର୍ଶନ କଲେ ସେ ସ୍ୱତଃ ବାମନ ଭଳି ଦେଖାଯାନ୍ତି। ବାମନ ବେଶରେ ଠାକୁରଙ୍କ ଲାଗି କରାଯାଉଥିବା ସ୍ୱର୍ଣ୍ଣ ଅଳଙ୍କାର ଇତ୍ୟାଦି ବେଶ ଦିବସ ପୂର୍ବରୁ ରତ୍ନଭଣ୍ଡାରରୁ ବାହାର କରାଯାଇ ଭଣ୍ଡାର ମେକାପ ସେବକଙ୍କ ତତ୍ତ୍ୱାବଧାନରେ ରହିଥାଏ।

## ସାର ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟ

*ଇଂ.ପ୍ରକାଶ କୁମାର ଭୂୟାଁ*

ସାର ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟ ଭାରତର ଜଣେ ସଫଳ ଇଞ୍ଜିନିୟର ତଥା ବିଦ୍ୱାନ ଥିଲେ। ୧୯୧୨ରୁ ୧୯୧୮ ପର୍ଯ୍ୟନ୍ତ ସେ ମୈସୁର ଦିୱାନ ଥିଲେ। ୧୯୫୫ରେ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଜନମଙ୍ଗଳରେ ଅତୁଳନୀୟ ଅବଦାନ ପାଇଁ ରାଜା ଜର୍ଜ ପଞ୍ଚମଙ୍କ ଦ୍ୱାରା ସେ ବ୍ରିଟିଶ ଇଣ୍ଡିଆ ସାମ୍ରାଜ୍ୟର ନାଇଟ କମାଣ୍ଡର ଭାବେ ନାଇଟ ଉପାଧି




ଲାଭ କରିଥିଲେ। ତାଙ୍କ ଅବଦାନକୁ ମନେରଖିବା ପାଇଁ ପ୍ରତି ବର୍ଷ ତାଙ୍କ ଜନ୍ମ ଦିନକୁ ସମଗ୍ର ଭାରତ ବର୍ଷରେ ଇଞ୍ଜିନିୟର ଦିବସ ରୂପେ ପାଳନ କରାଯାଏ। କନ୍ନଡ଼ ମିଡ଼ିୟମ ପ୍ରାଇମେରୀ ସ୍କୁଲ ଓ ବାଙ୍ଗାଲୋର ସ୍ଥିତ ହାଇସ୍କୁଲରେ ଶିକ୍ଷା ଶେଷକରି ସେ ବାଙ୍ଗାଲୋର ସେଣ୍ଟ୍ରାଲ କଲେଜରୁ କଳାରେ ସ୍ନାତକ ଡିଗ୍ରୀ ହାସଲ କଲେ। ତା'ପରେ ପୁନେର କଲେଜ ଅଫ୍ ଇଞ୍ଜିନିୟରିଙ୍ଗରେ ସିଭିଲ ଇଞ୍ଜିନିୟରିଙ୍ଗ ପାଠ୍ୟକ୍ରମ ଶେଷ ପରେ ମୁମ୍ବାଇ ପିଡବ୍ଲ୍ୟୁଡିରେ ତାଙ୍କୁ ଚାକିରି ମିଳିଲା। ଏହାପରେ ଗୋଟିଏ ପରେ ଗୋଟିଏ ସଫଳତାର ସିଡ଼ି ସେ ଚଢ଼ିଚାଲିଲେ। ଭାରତୀୟ ଜଳସେଚନ କମିସନରେ କାର୍ଯ୍ୟଭାର ଗ୍ରହଣ କଲେ। ଅନେକ ନାମୀ ସଂସ୍ଥା ସହ ମିଶି ଦେଶର ବିଭିନ୍ନ ଅଞ୍ଚଳ ଉନ୍ନତି ପାଇଁ କାର୍ଯ୍ୟ କଲେ। ହାଇଦ୍ରାବାଦର ବନ୍ୟା ନିରାପତ୍ତା ପ୍ରଣାଳୀର ସେ ଥିଲେ ମୁଖ୍ୟ ଡିଜାଇନର। ମୈସୁର କୃଷ୍ଣରାଜସାଗର ଡ୍ୟାମ ନିର୍ମାଣର ମୁଖ୍ୟ ଇଞ୍ଜିନିୟର ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ବିଶ୍ୱେଶ୍ୱରାୟ ୧୮୬୦ ମସିହା ସେପ୍ଟେମ୍ବର ଆଜି ଦିନରେ ମୁଲୁକାନାଡୁ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ।

# ପିଏସିଏସ-ସମବାୟ ପୁନରୁତ୍ଥାନର ବାର୍ତ୍ତାବହ

**ଶାଜି. କେ ଭି.**

୨୦୨୫ ମସିହାରେ ଯେତେବେଳେ ସମଗ୍ର ବିଶ୍ୱ 'ଅନ୍ତରାଷ୍ଟ୍ରୀୟ ସମବାୟ ବର୍ଷ'କୁ ସ୍ୱାଗତ କରିବାକୁ ପ୍ରସ୍ତୁତ ହେଉଛି, ଭାରତରେ ସମବାୟ କ୍ଷେତ୍ର ସେହି ସମୟରେ ନିଜର ସ୍ଥିତିକୁ ଏକ ନୂତନ, ବିଶାଳ ଏବଂ ଦ୍ରୁତ- ସମ୍ପ୍ରସାରଣଶଳୀ ବ୍ୟବସ୍ଥା ଭାବରେ ସୁପ୍ରତିଷ୍ଠିତ କରିବା ପାଇଁ ବ୍ରତୀ ହୋଇଛି। ଭାରତର ପ୍ରାଥମିକ କୃଷି ଋଣ ସୋସାଇଟି (ପିଏସିଏ) ଏବେ ସାରା ଦେଶରେ ତା'ର ଶାଖା ପ୍ରଶାଖାକୁ ଚେର ସଦୃଶ ବିସ୍ତାରଣ କରିଚାଲିଛି। ଏହି କ୍ଷେତ୍ରରେ ଅଣାଯାଇଥିବା ଅନେକ ଆର୍ଥିକ ଓ ପ୍ରଶାସନିକ ସଂସ୍କାରରେ ସଜ୍ଜିତ ହୋଇ, ପ୍ରାଥମିକ କୃଷି ସୋସାଇଟି (ପିଏସିଏସ) ଅଧୁନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସହକାର ସେ ସମୃଦ୍ଧି' ପରିକଳ୍ପନାକୁ ଗ୍ରାମାଞ୍ଚଳ ଏବଂ କୃଷି ସମୃଦ୍ଧ ଭାରତରେ ବାସ୍ତବତାର ରୂପ ପ୍ରଦାନ କରିବାକୁ ପ୍ରସ୍ତୁତ ହେଉଛି।

ଯଦିଚ ସମବାୟ କ୍ଷେତ୍ରରେ ଭାରତର ଏକ ସମୃଦ୍ଧ ଏବଂ ଗୌରବୋଜ୍ଜ୍ୱଳ ଇତିହାସ ରହିଛି ବୋଲି ଦେଶ ଗର୍ବ ଅନୁଭବ କରେ, ତଥାପି କୁ-ପରିଚାଳନା, ସମୟାନ୍ତରେ ପର୍ଯ୍ୟାପ୍ତ ସରକାରୀ ସମର୍ଥନ ଯୋଗାଣର ଅଭାବ ତଥା ଆବଶ୍ୟକ ହେଉଥିବା ସଂସ୍କାର ଅଭାବରୁ ଏହା ସୁପ୍ତ ଅବସ୍ଥାରେ ସଦା ସର୍ବଦା ରହିଆସିଥିଲା। କିନ୍ତୁ, ଏହି କ୍ଷେତ୍ରରେ ପରିବର୍ତ୍ତନର ସମୀରଣ ସେତିକିବେଳେ ବହିବାକୁ ଆରମ୍ଭ କଲା ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ ସରକାର ସମବାୟ ମନ୍ତ୍ରଣାଳୟ ନାମକ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ତାଙ୍କର ଦ୍ୱିତୀୟ ପାଳି ସରକାର ଅବଧିରେ ଗଠନ କଲେ ଏବଂ ସେହି ଦାୟିତ୍ୱକୁ ନିଜର ନିର୍ଭରଯୋଗ୍ୟ ସହଯୋଗୀ ଅମିତ ଶାହାଙ୍କୁ ପ୍ରଦାନ କଲେ।

କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା ଗୁଜରାଟରେ ସମବାୟ ଆନ୍ଦୋଳନକୁ ସଂସ୍କାର ଜରିଆରେ ପୁନଃ ରୂପ ପ୍ରଦାନ କରିବାରେ ମୁଖ୍ୟ ସୂତ୍ରଧର ଭାବରେ ସର୍ବତ୍ର ଜଣାଶୁଣା ଏବଂ ସେ ଯେତେବେଳେ କେନ୍ଦ୍ରରେ ଏହି ମନ୍ତ୍ରଣାଳୟର ଦାୟିତ୍ୱ ବହନ କଲେ ବ୍ୟାପକ ଓ ଗଠନମୂଳକ ସଂସ୍କାର ଜରିଆରେ ଜାତୀୟ ସମବାୟ ଦୃଶ୍ୟପଟରେ ଲକ୍ଷ୍ୟଣୀୟ ପରିବର୍ତ୍ତନ ଓ ପ୍ରଗତି ଘଟିବାକୁ ଆରମ୍ଭ କଲା। ଦାୟିତ୍ୱ ଗ୍ରହଣ କରିବା ପରେ ପରେ ହିଁ ସେ ଏହି ପଦକ୍ଷେପ ଗ୍ରହଣ କରିଥିଲେ। ଅଧୁନା ଦେଶର ସମବାୟ ସଂସ୍ଥାଗୁଡ଼ିକର ସାମର୍ଥ୍ୟ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି ଏବଂ ତାହା ଦେଶର ଭବିଷ୍ୟତ ଗଠନ କରିବାକୁ ଯାଉଛି। ନିକଟରେ ଅର୍ଥ ମନ୍ତ୍ରଣାଳୟ ସହିତ ଅନୁଷ୍ଠିତ ବଜେଟ ସମ୍ପର୍କୀତ ଆଲୋଚନା କାଳରେ ଭାରତୀୟ ଜାତୀୟ ସମବାୟ ସଂଘ (ଏନସିୟୁଆଇ) ଦେଶର ସମବାୟ ସଂସ୍ଥାମାନଙ୍କ କାର୍ଯ୍ୟକ୍ଷମତା ଏବଂ ସାମର୍ଥ୍ୟକୁ ବ୍ୟାପକ ମାତ୍ରାରେ ସକ୍ରିୟ କରିବା ସକାଶେ ସୁପାରିଶ କରିଛନ୍ତି ଯଦ୍ୱାରା ପ୍ରମୁଖ କ୍ଷେତ୍ରରେ ସେବା ପ୍ରଦାନକୁ ବୃଦ୍ଧି କରାଯାଇପାରିବ।

ଜଣେ ଅଭିଜ୍ଞ ରାଜନୀତିଜ୍ଞ ଭାବରେ ଦେଶର ସମବାୟ କ୍ଷେତ୍ରର ବିକାଶ କ୍ଷେତ୍ରରେ ଯେଉଁସବୁ ପ୍ରତିବନ୍ଧକ ଓ ବାଧାବିଘ୍ନମାନ ରହିଛି ସେ ସମ୍ପର୍କରେ ଅମିତ ଶାହା ଉତ୍ତମ ରୂପେ ଅବଗତ ଅଛନ୍ତି। ସେହିସବୁ ପ୍ରତିବନ୍ଧକଗୁଡ଼ିକ ମଧ୍ୟରେ ପିଏସିଏସମାନଙ୍କ ସମ୍ପ୍ରସାରଣର ଅଭାବ ପ୍ରମୁଖ ଯାହାକି ଏହି ସଂସ୍ଥାକୁ ପ୍ରାୟତଃ କାର୍ଯ୍ୟରହିତ ଅବସ୍ଥାରେ ରଖିଥିଲା।

ଏହି ମନ୍ତ୍ରଣାଳୟ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ଅମିତ ଶାହାଙ୍କର ପ୍ରଥମ ପ୍ରମୁଖ କାର୍ଯ୍ୟ ପ୍ରାଥମିକ କୃଷି ସମବାୟ ସମିତି (ପିଏସିଏସ)ର କାର୍ଯ୍ୟକ୍ଷମତା ବୃଦ୍ଧି କରିବା ଦିଗରେ ହିଁ ଥିଲା ଏବଂ ଏହାର ଉପ-ନିୟମାବଳୀରେ ପରିବର୍ତ୍ତନ ଘଟାଇ ସେ ଏହି ସମସ୍ୟାକୁ ଦୂର କରିପାରିଛନ୍ତି। ବର୍ତ୍ତମାନ ପିଏସିଏସଗୁଡ଼ିକ ବିବିଧ- କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଛି ଏବଂ ସେଥି ନିମନ୍ତେ ମଡେଲ ଉପ- ନିୟମମାନ ପ୍ରବର୍ତ୍ତନ କରାଯାଇଛି ଯାହା ଫଳରେ ପିଏସିଏସଗୁଡ଼ିକୁ ଏବେ ଆଉ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁନାହିଁ। ଏହା ଫଳରେ ପିଏସିଏସଗୁଡ଼ିକ ସେମାନଙ୍କର ବ୍ୟବସାୟ ୨୫ଟିରୁ ଅଧିକ ବ୍ୟାବସାୟିକ କାର୍ଯ୍ୟକୁ ସମ୍ପ୍ରସାରିତ କରିପାରିଛନ୍ତି। ବର୍ତ୍ତମାନ ସେମାନେ ଜନ ସାଧାରଣ ସେବା କେନ୍ଦ୍ର (ସିଏସସି) ଭାବରେ ମଧ୍ୟ କାର୍ଯ୍ୟ କରୁଛନ୍ତି ଯାହାକି ଗ୍ରାମାଞ୍ଚଳ ଭାରତରେ ବସବାସ କରୁଥିବା ଜନସାଧାରଣଙ୍କୁ ୩୦୦ରୁ ଅଧିକ ପ୍ରକାର ଇ-ସେବା ଯୋଗାଇ ଦେଇପାରୁଛି। ସେଥି ମଧ୍ୟରେ ବ୍ୟାଙ୍କିଙ୍ଗ୍, ବୀମା, ଆଧାର ପଞ୍ଜୀକରଣ/ ଅପ୍‌ଡେସନ୍, ସ୍ୱାସ୍ଥ୍ୟ ସେବା, ପାନ୍ କାର୍ଡ ଏବଂ ଆଇଆରସିଟିସି/ ବସ୍/ ବିମାନ ଟିକେଟ ବିକ୍ରୟ ଇତ୍ୟାଦି ସାମିଲ। ଏଯାବତ୍, ୩୫,୦୦୦ରୁ ଅଧିକ ପ୍ରାଥମିକ କୃଷି ଋଣ ସମିତି (ପିଏସିଏସ) ଦେଶର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ସାଧାରଣ ସାଧାରଣ ସେବା କେନ୍ଦ୍ର (ସିଏସସି) ଜରିଆରେ ଏହିସବୁ ସେବା ଯୋଗାଣରେ ସକ୍ଷମ ହୋଇପାରିଛି। ଏହା ବ୍ୟତୀତ, ପିଏସିଏସଗୁଡ଼ିକ ପ୍ରଧାନମନ୍ତ୍ରୀ କିଷାନ ସମୃଦ୍ଧି କେନ୍ଦ୍ର (ପିଏମକେଏସକେ), ଜଳ କମିଟି, ଏ. ପି.ଜି. ବିତରକ, ଖୁଚୁରା ପେଟ୍ରୋଲ୍/ ଡିଜେଲ ବିକ୍ରୟ କେନ୍ଦ୍ର, କୃଷି ଉତ୍ପାଦନ ସଂଗଠନ (ଏଫପିଓ) ଆଦି ରୂପରେ ମଧ୍ୟ ନିଜର ସେବା ଯୋଗାଉଛି। ଏଥି ସହିତ, ପିଏସିଏସମାନେ ଏବେ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର (ପିଏମବିଜେଏକେ)ର ଭୂମିକା ଗ୍ରହଣ କରି ଗ୍ରାମାଞ୍ଚଳରେ ସୁଲଭ ମୂଲ୍ୟରେ ଗୁଣାତ୍ମକ ଜେନେରିକ୍ ଔଷଧ ବିତରଣରେ ଦାୟିତ୍ୱ ନିର୍ବାହ କରୁଛନ୍ତି ଯଦ୍ୱାରା ନିଜ ପାଇଁ ସେମାନେ ଉପାର୍ଜନର ଆଉ ଗୋଟିଏ ପନ୍ଥା ଆପଣାଇବା ସହିତ ଗ୍ରାମାଞ୍ଚଳର ଲୋକମାନଙ୍କୁ ସୁଲଭ ମୂଲ୍ୟରେ ସେହିସବୁ ଗୁଣାତ୍ମକ ଔଷଧ ବିତରଣ କରିପାରୁଛନ୍ତି।

ଏହିସବୁ ପ୍ରୟାସ ପିଏସିଏସମାନଙ୍କର ଉପାର୍ଜନ ବୃଦ୍ଧି କରିବାରେ ଲାଗିଛି ଏବଂ ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ମଧ୍ୟ ସକ୍ଷମ କରିପାରୁଛି।

କେନ୍ଦ୍ର ସମବାୟ ମନ୍ତ୍ରଣାଳୟର ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା ଏହି କ୍ଷେତ୍ର ପ୍ରତି ଲୋକମାନଙ୍କ ମନରେ ଥିବା ଆସ୍ଥାକୁ ପୁଣି ଥରେ ଫେରାଇ ଆଣିବା ଯାହାକି କୁପରିଚାଳନା ଯୋଗୁ ଦଶନ୍ଧି ଦଶନ୍ଧି ଧରି ଅଚଳ ଅବସ୍ଥାରେ ରହିଆସିଥିଲା। ଏଥି ନିମନ୍ତେ ଦେଶର ୬୩,୦୦୦ ଗୋଟି ପିଏସିଏସକୁ କମ୍ପ୍ୟୁଟରୀକରଣ କରିବା ସକାଶେ ବର୍ତ୍ତମାନ କାର୍ଯ୍ୟ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୨୩ ହଜାରରୁ ଅଧିକ ପ୍ରାଥମିକ କୃଷି ଋଣ ସମିତିକୁ ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂ (ଇପିଆର) ସଫ୍ଟୱେର ସହିତ ସମନ୍ୱିତ କରାଯାଇ ସାରିଛି। ସେହିସବୁ ସଂସ୍ଥାଗୁଡ଼ିକୁ କମ୍ପ୍ୟୁଟରୀକରଣ କରାଯିବା ଫଳରେ ସେମାନଙ୍କୁ ସିଧାସଳଖ ଭାବରେ ଜାତୀୟ କୃଷି ଓ ଗ୍ରାମୀଣ ବ୍ୟାଙ୍କ (ନାବାର୍ଡ) ସହିତ ସଂଯୋଗ କରାଯାଇପାରିବ। ସାଧାରଣ ହିସାବ ବ୍ୟବସ୍ଥା (ସିଏଏସ) ଏବଂ ପରିଚାଳନା ସୂଚନା ବ୍ୟବସ୍ଥା (ଏମଆଇଏସ) ଅଧିକତର ଭାବରେ ସେମାନଙ୍କ କାର୍ଯ୍ୟରେ ସମାନତା ଓ ସମନ୍ୱୟ ରକ୍ଷା କରିବ। ଏହା ପିଏସିଏସର କାର୍ଯ୍ୟକାରିତା ଉପରେ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି କରିବ।

ଏଭଳି ନୂତନ ଭାବରେ ପ୍ରାପ୍ତ ଆତ୍ମବିଶ୍ୱାସ ଓ କାର୍ଯ୍ୟଦକ୍ଷତା ସହିତ, ଦେଶର ସମବାୟ କ୍ଷେତ୍ର ଅଧୁନା ଏକ ସୁସଂଗଠିତ ଭାବରେ କାର୍ଯ୍ୟ କରୁଛି ଏବଂ ଏହା ଫଳରେ ଉଭୟ ସଂସ୍ଥା ଏବଂ ଜନସାଧାରଣ ଅଧିକ ଉପକୃତ ହୋଇପାରୁଛି। କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା ସମବାୟ ସଂସ୍ଥାମାନଙ୍କ ସହିତ ଜଡ଼ିତ ସମସ୍ତ ସମ୍ପୃକ୍ତ ଅନ୍ୟ ସଂସ୍ଥାମାନଙ୍କୁ ଜିଲ୍ଲା ସମବାୟ ବ୍ୟାଙ୍କ୍‌ମାନଙ୍କରେ ସେମାନଙ୍କର ବ୍ୟାଙ୍କ୍ ଜମାଖାତା ଖୋଲିବା ସକାଶେ ଆହ୍ୱାନ ଜଣାଇଛନ୍ତି ଯାହାକି ସେମାନଙ୍କୁ ଅଧିକ ସକ୍ଷମ କରାଇ ପାରିବ। ମନ୍ତ୍ରୀ ଶ୍ରୀ ଶାହାଙ୍କ ମତରେ 'ସମବାୟ ସଂସ୍ଥାମାନଙ୍କ ମଧ୍ୟରେ ସହଯୋଗ' ହେଉଛି ଏକ ସୁଦୃଢ଼ ଆର୍ଥିକ ନୀତି ଯାହାକି ଦେଶରେ ଏକ ସୁଦୃଢ଼ ସମବାୟ କ୍ଷେତ୍ର ଗଠନ ଦିଗରେ ସର୍ବାଦୌ ଆବଶ୍ୟକ। ୨୦୨୪ ମସିହାରେ ସମବାୟ ମନ୍ତ୍ରଣାଳୟର ଦାୟିତ୍ୱ ଦ୍ୱିତୀୟ ଥର ପାଇଁ ନେବା ଅବସରରେ ମନ୍ତ୍ରୀ ଶ୍ରୀ ଶାହା ସଂକଳ୍ପ କରିଛନ୍ତି ଯେ ଦେଶର ତୃଣମୂଳ ସ୍ତରରୁ ନୀତିଗତ ପରିବର୍ତ୍ତନ ଏବଂ ଏହାର ସଫଳ ପ୍ରବର୍ତ୍ତନ ଜରିଆରେ ସମବାୟ ସଂସ୍ଥାଗୁଡ଼ିକୁ ସୁଦୃଢ଼ ଓ କାର୍ଯ୍ୟକ୍ଷମ କରାଯିବ। ସେ ଆହୁରି କହିଛନ୍ତି ଯେ ତାଙ୍କର ପୂର୍ବପାଳି ଅବଧିରେ ସମବାୟ ସଂସ୍ଥାମାନଙ୍କ ନିମନ୍ତେ ନୀତିଗତ ଢାଞ୍ଚା ଗଠନ ଉପରେ ଅଧିକ ଧ୍ୟାନ ଦିଆଯାଇଥିଲା ଏବଂ ବର୍ତ୍ତମାନ ପାଳିରେ ତାଙ୍କର ଅଗ୍ରାଧିକାର ହେଉଛି ସେହିସବୁ ନୀତିଗୁଡ଼ିକ ଦେଶସାରା ତୃଣମୂଳ ସ୍ତରରେ ପ୍ରବର୍ତ୍ତନ କରିବା ଏବଂ ସେଥିରୁ ଜନସାଧାରଣଙ୍କୁ ଉପକୃତ କରାଇବା ଯାହା ଫଳରେ ପିଏସିଏସ ଏକ ସୁଦୃଢ଼ ଓ ନିର୍ଭରଯୋଗ୍ୟ ସଂସ୍ଥା ଭାବରେ ସମସ୍ତଙ୍କର ବିଶ୍ୱାସଭାଜନ ହୋଇପାରିବ।

କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଗ୍ରହଣ କରାଯାଇଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପକ୍ରମଟି ହେଲା ସମବାୟ କ୍ଷେତ୍ର ଜରିଆରେ 'ବିଶ୍ୱର ସର୍ବବୃହତ୍ ବିକେନ୍ଦ୍ରୀକୃତ ଶସ୍ୟ ସଂରକ୍ଷଣ କାର୍ଯ୍ୟକ୍ରମ'ର ଶୁଭାରମ୍ଭ। ଏହି ଯୋଜନା ଏକ ବିକେନ୍ଦ୍ରୀକୃତ ଭଣ୍ଡାରଗୃହ ସୃଷ୍ଟି କରିବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଏହା ବ୍ୟତୀତ ଏହା ମାଧ୍ୟମରେ କଷ୍ଟମ ହାୟାରିଂ କେନ୍ଦ୍ର, ପ୍ରାଥମିକ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ଅନ୍ୟାନ୍ୟ କୃଷି ସଂସାଧନ ଯାହାକି ପିଏସିଏସ ସ୍ତରରେ ଶସ୍ୟ ସଂରକ୍ଷଣ ନିମନ୍ତେ ଆବଶ୍ୟକ ତାହାର ବ୍ୟବସ୍ଥା କରିବା। ଏହା ବ୍ୟତୀତ ସରକାରଙ୍କର ବିଭିନ୍ନ ଯୋଜନା ଯଥା କୃଷି ସଂସାଧନ ପାଣ୍ଠି (ଏ. ଆଇ. ଏଫ.), କୃଷି ବିପଣନ ସଂସାଧନ (ଏ. ଏମ. ଆଇ.), କୃଷି ଯାନ୍ତ୍ରିକରଣ ସମ୍ପର୍କୀତ ଉପ- ଅଭିଯାନ (ଏସ. ଏମ. ଏ. ଏମ.), ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଆନୁଷ୍ଠାନିକରଣ (ପି. ଏମ. ଏଫ. ଏମ. ଇ.) ଇତ୍ୟାଦିକୁ ଏକତ୍ରିକରଣ କରାଯାଇଛି। ଏହା ଫଳରେ ଏହି ଯୋଜନା ଦେଶ ପାଇଁ ଏକ ବିଶାଳ ଶସ୍ୟ ଭଣ୍ଡାରଣ କ୍ଷମତା ଯୋଗାଇବ ବୋଲି ଲକ୍ଷ୍ୟ ରଖାଯାଇଛି। ଫଳରେ ପରିବହନ ସମୟରେ ଖାଦ୍ୟଶସ୍ୟ ନଷ୍ଟକୁ ରୋକାଯିବା ସହିତ ଏହାର ପରିବହନ ମୂଲ୍ୟକୁ ମଧ୍ୟ ହ୍ରାସ କରାଯାଇପାରିବ, କୃଷକମାନେ ସେମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ ପାଇପାରିବେ ଏବଂ ବିଭିନ୍ନ କୃଷି ଆବଶ୍ୟକତାକୁ ମଧ୍ୟ ପିଏସିଏସ ସ୍ତରରେ ହିଁ ସମାଧାନ କରାଯାଇପାରିବ।

ଯେହେତୁ ପିଏସିଏସ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମର ମେରୁଦଣ୍ଡ ସଦୃଶ, ସେମାନଙ୍କର ସୁରକ୍ଷାକରଣ ଏବଂ ପୁନରୁତ୍ଥାନ ଗ୍ରାମାଞ୍ଚଳ ଅର୍ଥନୀତିକୁ ଯଥା ଶୀଘ୍ର ବିକାଶ ପଥରେ ଆଗେଇ ନେବା ଦିଗରେ ବାହକ ଭାବରେ କାର୍ଯ୍ୟ କରିବ। ଏହା ଫଳରେ ପିଏସିଏସ ସମ୍ପର୍କୀତ କାର୍ଯ୍ୟକଳାପ ବୃଦ୍ଧି ପାଇବ ଏବଂ ଏହା ଋତୁକାଳୀନ ବେକାରୀକୁ ହ୍ରାସ କରିବାର ଆଶା କରାଯାଏ। ଦେଶର ୧୩ କୋଟି କୃଷକ ଯେଉଁମାନେ ଭାରତର ୧ ଲକ୍ଷ ପିଏସିଏସ ସହିତ ପ୍ରତ୍ୟକ୍ଷ ଭାବରେ ଜଡ଼ିତ, ବିଶେଷ କରି ସେମାନଙ୍କୁ ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ପ୍ରଦାନ ଏବଂ ସେମାନଙ୍କ ଉପାର୍ଜନ ବୃଦ୍ଧିରେ ପିଏସିଏସ ନିଶ୍ଚିତ ଭାବରେ ସହାୟକ ହେବ।

**ଅଧ୍ୟକ୍ଷ, ନାବାର୍ଡ**

# ପୋର୍ଟବ୍ଲେୟାରରୁ ଶ୍ରୀବିଜୟପୁରମ : ମାନସିକ ଦାସତ୍ୱରୁ ମୁକ୍ତି ଆଡକୁ ଆଉ ପାଦେ

**ଡ. ସମନ୍ୱୟ ନନ୍ଦ**

କୌଣସି ସହର କିମ୍ବା ସ୍ଥାନ କିମ୍ବା ପ୍ରତୀକର ନାମ ଆପେ ଆପେ ପରିବର୍ତ୍ତିତ ହୋଇ ନ ଥାଏ । କୌଣସି ବିଦେଶୀ ଆକ୍ରମଣକାରୀଙ୍କ ଦ୍ୱାରା ହିଂସ୍ର ଆକ୍ରମଣ ଓ ଲମ୍ବା ସମୟ ଧରି ଶାସନ ପରେ ବିଦେଶୀ ସଂସ୍କୃତିର ଆଧିପତ୍ୟକୁ ଦର୍ଶାଇବାକୁ ଯାଇ ଆକ୍ରମଣକାରୀ ମାନେ ସହର କିମ୍ବା ସ୍ଥାନ ଅଥବା ପ୍ରତୀକର ନାମକୁ ସେମାନେ ପରିବର୍ତ୍ତନ କରିଥାନ୍ତି ।

ତେଣୁ ସ୍ୱାଭବିକ ଭାବେ ଆକ୍ରମଣକାରୀ ମାନଙ୍କ ତାଙ୍କର ଆଧିପତ୍ୟକୁ ଦର୍ଶାଇବାକୁ ଯାଇ ସେମାନେ ଦେଇଥିବା ନାମ ଗୁଡିକୁ ପରିବର୍ତ୍ତିତ କରିବା କୌଣସି ସମାଜ ପ୍ରତି କରାଯାଇଥିବା ଐତିହାସିକ ଅନ୍ୟାୟର ପ୍ରତିକାର ମାତ୍ର । କୌଣସି ସ୍ୱାଭିମାନୀ ଓ ବଳଶାଳୀ ସମାଜ ଦାସତ୍ୱର ପ୍ରତୀକ ଏହି ନାମ ଗୁଡିକୁ କେବେ ହେଲେ ବରଦାସ୍ତ କରି ପାରିବ ନାହିଁ, କିମ୍ବା କରିବା ଉଚିତ ମଧ୍ୟ ନୁହେଁ ।

ସହର କିମ୍ବା ସ୍ଥାନ କିମ୍ବା ପ୍ରତୀକ ମାନଙ୍କର ନାମକୁ ଆକ୍ରମଣକାରୀମାନଙ୍କ ଦ୍ୱାରା ପ୍ରଦତ୍ତ ନାମରୁ ପରିବର୍ତନ କରି ପୁରୁଣା ନାମ ପ୍ରଦାନ କରିବା ଅଳ୍ପକାଳୀନ ଦୃଷ୍ଟିରୁ ଉପଯୋଗୀ ଭଳି ଲାଗି ନ ପରେ କିନ୍ତୁ ଦୀର୍ଘକାଳୀନ ଦୃଷ୍ଟିରୁ ଏହା ଆକ୍ରମଣର ଶୀକାର ହୋଇଥିବା ଦେଶର ଲୋକ ମାନଙ୍କୁ ମାନସିକ ଦାସତ୍ୱରୁ ମୁକ୍ତ କରିବାରେ ସହାୟକ ହୋଇଥାଏ ।

ଏବେ ନରେନ୍ଦ୍ର ମୋଦୀଙ୍କ ସରକାର ତାଙ୍କର ତୃତୀୟ କାର୍ଯ୍ୟକାଳରେ ଅଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ରାଜଧାନୀ ପୋର୍ଟ ବ୍ଲେୟାରର ନାମକୁ ପରିବର୍ତନ କରି ଏହାକୁ ଶ୍ରୀବିଜୟପୁରମ କରିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଏହି ନାମ ପରିବର୍ତନ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଏହାର କାରଣ ସମ୍ପର୍କରେ ସ୍ୱଷ୍ଟ କରିଛନ୍ତି । ସେ କହିଛନ୍ତି ଯେ "ଦେଶରେ ଗୋଲାମୀର ପ୍ରତୀକ ଗୁଡିକ ଗୁଡିକରୁ ମୁକ୍ତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପରେ ପ୍ରେରଣା ଲାଭ କରି ଗୃହ ମନ୍ତ୍ରଣାଳୟ ପୋର୍ଟ ବ୍ଲେୟାରର ନାମ ବଦଳାଇ ଶ୍ରୀବିଜୟପୁରମ କରିବାକୁ ନିଷ୍ପତ୍ତି ନେଉଛି । ଶ୍ରୀ ବିଜୟପୁରମର ନାମ ଆମର ସ୍ୱାଧୀନତା ସଂଘର୍ଷ ଓ ଏଥିରେ ଅଣ୍ଡାମାନ ନିକୋବରର ଯୋଗଦାନକୁ ଦର୍ଶାଉଛି । ଏହି ଦ୍ୱୀପର ଆମ ଦେଶର ସ୍ୱାଧୀନତା ଓ ଇତିହାସରେ ଅଦ୍ୱିତୀୟ ସ୍ଥାନ ରହିଛି । ଚୋଳ ସାମ୍ରାଜ୍ୟରେ ନୌସେନାର ଅଡ୍ଡାର ଭୂମିକା ଗ୍ରହଣ କରିଥିବା ଏହି ଦ୍ୱୀପ ଆଜି ଦେଶର ସୁରକ୍ଷା ଓ ବିକାଶକୁ ଗତି ଦେବା ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ।"

ଅଣ୍ଡାମାନର ରାଜଧାନୀର ନାମ କରଣ ଅଷ୍ଟାଦଶ ଶତାବ୍ଦୀରେ ଜଣେ ଗୋରା ନାଭାଲ ଅଧିକାରୀ ଲେଫ୍ଟିନେଂଟ ଆର୍କିବାଲ୍ଡ ବ୍ଲେୟାରଙ୍କ ନାମରେ କରାଯାଇଥିଲା । ହେଲେ ମୋଦୀ ସରକାର ପରିବର୍ତ୍ତନ କରିଥିବା ଏହି ନୂଆ ନାମ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏହି ସହରର ଭୂମିକାକୁ ରେଖାଙ୍କିତ କରୁଛି ।

ଲେଫ୍ଟିନେଂଟ ଆର୍କିବାଲ୍ଡ ବ୍ଲେୟାର ଅଷ୍ଟାଦଶ ଶତାବ୍ଦୀରେ ବ୍ରିଟିଶ ନେଭିରେ କାର୍ଯ୍ୟରତ ଥିଲେ ଓ ଅଣ୍ଡାମାନ ନିକୋବର ଦ୍ୱୀପ ପୁଞ୍ଜରେ ଗୋରା ମାନଙ୍କର ଉପନିବେଶକୁ ଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ ଭୂମିକା ରହିଥିଲା । ସେତେବେଳ ଯାଏ ଏହି ଅଂଚଳ ବିଷୟରେ କାହାକୁ ବିଶେଷ ଭାବେ ଜଣା ନ ଥିଲା । ବ୍ଲେୟାର ଏହି ଅଂଚଳର ସର୍ଭେ କରିବା ସହ ଏଠାରେ ପ୍ରଶାସନ ସ୍ଥାପିତ କରିବାରେ ବଡ ଭୂମିକା ଗ୍ରହଣ କରିଥିଲେ । ଅଣ୍ଡାମାନ ନିକୋବର ଦ୍ୱୀପ ପୁଞ୍ଜ ଏହି କ୍ଷେତ୍ର ଉପରେ ନିୟନ୍ତ୍ରଣ ପାଇଁ ଇଂରେଜ ମାନଙ୍କ ପାଇଁ ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଇଂରେଜ ମାନଙ୍କର ଏହି ଔପନିବେଶିକ କାର୍ଯ୍ୟରେ ସହାୟତା କରିଥିବାରୁ ସେମାନେ ତାଙ୍କୁ ସମ୍ମାନ ଜଣାଇ ଏହି ସହରର ନାମ ପୋର୍ଟ ବ୍ଲେୟାର କରିଥିଲେ । ହେଲେ ଏହି ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଭାରତର ସ୍ୱାଧୀନତା ସଂଗ୍ରାମରେ ଏକ ଅନନ୍ୟ ସ୍ଥାନ ରହିଛି । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରଥମେ ଏହି ମାଟିରେ ଭାରତର ସ୍ୱାଧୀନତାର ଧ୍ୱଜା ଉତ୍ତୋଳନ କରିଥିଲେ । ସେହିପରି ମହାନ ବିପ୍ଳବୀ ସ୍ୱାତନ୍ତ୍ରବୀର ସାବରକର ଏଠାରେ ଥିବା ସେଲୁଲାର ଜେଲରେ କଳାପାଣି ଦଣ୍ଡ ଭୋଗିଲା ବେଳେ ଅନେକ ବର୍ଷ ବିତାଇଥିଲେ ।

ଅଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଇତିହାସ କେବଳ ଯେ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମ ସହ ଜଡିତ ତାହା ନୁହେଁ ବରଂ ଏହି ଦ୍ୱୀପ ଦକ୍ଷିଣ ଭାରତର ଚୋଳ ସାମ୍ରାଜ୍ୟ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ନୌସୈନିକ ଆଡ୍ଡା ଭାବେ ରହିଥିଲା । ଚୋଳ ସାମ୍ରାଜ୍ୟ ସମୟରେ ଏହି ଦ୍ୱୀପ ଭାରତର ସାମୁଦ୍ରିକ ବାଣିଜ୍ୟ ଓ ସୈନ୍ୟ ରଣନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଥିଲା । ଐତିହାସିକ ମାନଙ୍କ ମତରେ ଚୋଳ ରାଜା ମାନଙ୍କର ନୌସେନା ଏଠାରୁ ଦୂର-ଦୂର ପର୍ଯ୍ୟନ୍ତ ସାମୁଦ୍ରିକ ଅଭିଯାନ ଚଳାଉଥିଲେ । ଏହି ଦ୍ୱୀପର ଭୌଗଳିକ ସ୍ଥିତି କାରଣରୁ ଭାରତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ ଓ ସୈନ୍ୟ ଅଡ୍ଡା ଭାବେ ରହି ଆସିଥିଲା । କେବଳ ଏତିକି ନୁହେଁ ଆଜି ମଧ୍ୟ ଏହି ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଭାରତୀୟ ସେନା ଓ ନୌସେନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ କେନ୍ଦ୍ର ହୋଇଛି ।

ଏହା ପୂର୍ବରୁ ମଧ୍ୟ ମାନସିକ ଗୋଲାମୀରୁ ମୁକ୍ତି ପାଇଁ ମୋଦୀ ସରକାର ୨୦୧୮ ମସିହାରେ ରୋସ ଦ୍ୱୀପର ନାମକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପ, ନିଲ ଦ୍ୱୀପକୁ ଶହୀଦ ଦ୍ୱୀପ ଓ ହେବଲକ ଦ୍ୱୀପକୁ ସ୍ୱରାଜ ଦ୍ୱୀପ ଭାବେ ନାମିତ କରିଥିଲେ । ଏହା ପରେ ୨୦୨୩ ମସିହାରେ ପରାକ୍ରମ ଦିବସ ଅବସରରେ ପ୍ରଧାନମନ୍ତ୍ର ମୋଦୀ ଏହି ଦ୍ୱୀପପୁଂଜର ୨୧ଟି ଦ୍ୱୀପର ନାମ ପରମବୀର ଚକ୍ର ବିଜେତା ମାନଙ୍କର ନାମରେ ନାମିତ କରିଥିଲେ । ତେଣୁ ମୋଦୀ ସରକାର ମାନସିକ ଦାସତ୍ୱରୁ ମୁକ୍ତି ପାଇଁ ଆରମ୍ଭ କରିଥିବା ଏହି ପ୍ରକ୍ରିୟାକୁ ନିରନ୍ତର ଜାରୀ ରଖିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ପଂଚ ପ୍ରଣ ପାଇଁ ଆହ୍ୱାନ ଦେଇଥିଲେ । ଏଥି ମଧ୍ୟରୁ ଗୋଟିଏ ଥିଲା ଗୋଲାମୀର ପ୍ରତୀକ ଓ ମାନସିକତାରୁ ମୁକ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନର କ୍ରମରେ ପୋର୍ଟବ୍ଲେୟାରର ନାମ ପରିବର୍ତ୍ତନ କରାଯାଇ ଏହାର ନାମ ଶ୍ରୀବିଜୟପୁରମ କରାଯାଇଛି । ଏହି ଗୋଟିଏ ପଦକ୍ଷେପ ଦ୍ୱାରା ଅନେକ ବାର୍ତ୍ତା ଗୋଟିଏ ଥରରେ ଦିଆଯାଇଛି । ଦାସତ୍ୱର ପ୍ରତୀକ ଭାବେ ନାମକରଣ କରାଯାଇଥିବା ଇଂରେଜ ନୌସେନା ଅଧିକାରୀ ବ୍ଲେୟରର ନାମକୁ ପୋଛି ଭାରତର ପ୍ରାଚୀନ ଇତିହାସରୁ ଚୋଳ ରାଜା ମାନଙ୍କର ବୀରତ୍ୱ ଠାରୁ ଆରମ୍ଭ କରି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଦେଶର ସ୍ୱାଧୀନତା ପାଇଁ ଅକଥନୀୟ ଅତ୍ୟାଚାର ସହନ କରି ସେଲୁଲାର ଜେଲରେ କଳାପାଣି ଦଣ୍ଡ ପାଇଥିବା ସ୍ୱାତନ୍ତ୍ର୍ୟବୀର ବିନାୟକ ଦାମୋଦର ସାବରକର ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ମରଣ କରାଇ ଶ୍ରୀବିଜୟପୁରମ ଭାବେ ନାମିତ କରାଯାଇଛି । ଏହି କାର୍ଯ୍ୟ ଖୁବ ପୂର୍ବରୁ ହେବାର ଥିଲା । ବିଳମ୍ବରେ ହେଲେ ସୁଦ୍ଧା ଏହା ସ୍ୱାଗତଯୋଗ୍ୟ । ଭାରତ ସରକାରଙ୍କର ଏହି ନିଷ୍ପତ୍ତି ଦେଶକୁ ମାନସିକ ଗୋଲାମୀରୁ ମୁକ୍ତ କରିବା ଦିଗରେ ଅଗ୍ରସର କରାଇବ, ଏଥିରେ ତିଳେ ହେଲେ ସନ୍ଦେହ କାହା ମନରେ ରହିବା ଉଚିତ ନୁହେଁ । ଏଭଳି ଅନେକ କାମ ଅଛି ଯାହାକୁ ଖୁବ ଶୀଘ୍ର ଆଗାମୀ ଦିନରେ କରିବାର ଆବଶ୍ୟକତା ରହିଛି । ଭାରତ ସରକାରଙ୍କ ଏହି ନିଷ୍ପତ୍ତି ଗୋରା ଇଂରେଜ ମାନଙ୍କୁ କଷ୍ଟ ଦେଉ ନ ଥିବ, ହେଲେ ମାନସିକ ଦାସତ୍ୱର ଶୀକାର ଥିବା ଭାରତୀୟମାନଙ୍କ ମନରେ ନିଶ୍ଚିତ ଭାବେ କଷ୍ଟ ଦେଉଥିବ ଏଥିରେ ସନ୍ଦେହ ନାହିଁ । ଏହାର ପ୍ରତିଫଳନ ମଧ୍ୟ କିଛି ଦିନ ମଧ୍ୟରେ ଦେଖିବାକୁ ମିଳିପାରେ ।

# ଭଗବାନ ବାମନ

**ଡକ୍ଟର ତପନ କୁମାର ପାଳ**

ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ବାମନ ଜୟନ୍ତୀ ନାମରେ ଖ୍ୟାତ। ଶ୍ରୀମଦ୍‌ଭାଗବତର ଅଷ୍ଟମ ସ୍କନ୍ଧରେ ଥିବା ବର୍ଣ୍ଣନା ଅନୁଯାୟୀ, ଏହି ତିଥିରେ ମକର ଚନ୍ଦ୍ର ଶ୍ରବଣା ନକ୍ଷତ୍ରର ଅଭିଜିତ ମୁହୂର୍ତ୍ତରେ ଭଗବାନ ବିଷ୍ଣୁ ବାମନ ଅବତାରରେ ପ୍ରକଟ ହୋଇଥିଲେ। ସତ୍ୟଯୁଗରେ ପ୍ରହ୍ଲାଦଙ୍କ ପୌତ୍ର ଦୈତ୍ୟରାଜ ବଳୀ ସ୍ୱର୍ଗଲୋକରେ ଅଧିକାର ସାବସ୍ୟ କରିଥିଲେ। ବଳୀ ଦାନବୀର ଥିଲେ। ସର୍ବଦା ଧର୍ମ ଆଚରଣ କରୁଥିଲେ। ଫଳରେ ତାଙ୍କୁ ପରାସ୍ତ କରିବା ଅସମ୍ଭବ ଥିଲା। ସବୁ ଦେବଗଣ ବଳୀଙ୍କ ଠାରୁ ପରାଜିତ ହୋଇ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଭଗବାନ ବିଷ୍ଣୁ ଦେବତାମାନଙ୍କୁ ବାମନ ରୂପରେ ଅବତାର ନେବା ଲାଗି ପ୍ରତିଶ୍ରୁତି ଦେଲେ। ଏହାର କିଛି ଦିନ ପରେ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଋଷି କଶ୍ୟପଙ୍କ ପୁତ୍ର ରୂପରେ ଦେବମାତା ଅଦିତିଙ୍କ ଗର୍ଭରୁ ଭଗବାନ ବାମନ ଉତ୍ପନ୍ନ ହୋଇଥିଲେ।

ଭଗବାନ ବିଷ୍ଣୁଙ୍କ ପଞ୍ଚମ ଅବତାର ଥିଲେ ଭଗବାନ ବାମନ। ସେ ଋଷି କଶ୍ୟପ ଏବଂ ଦେବମାତା ଆଦିତିଙ୍କ ଗର୍ଭରୁ ଜନ୍ମ ହୋଇଥିଲେ। ଜନ୍ମ ସମୟରେ ତାଙ୍କର ନୀଳ ନବଘନ କାନ୍ତି ଦେବତା, ମୁନି ଋଷିମାନଙ୍କୁ ଆଚମ୍ଭିତ କରିଦେଇଥିଲେ। ସମସ୍ତେ ତାଙ୍କର ସ୍ତୁତିଗାନ କରିବାକୁ ଲାଗିଥିଲେ। ଭଗବାନ ବାମନଙ୍କ ଆଜାନୁ ଲମ୍ବ ଚାରିଭୂଜରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭା ପାଉଥିଲା। ସେ ପୀତ ବସ୍ତ୍ର ପରିଧାନ କରିଥିଲେ। କର୍ଣ୍ଣରେ ରକ୍ତ କୁଣ୍ଡଳ ସାଙ୍ଗକୁ ହୃଦୟରେ ଶ୍ରୀବସ୍ତ୍ର ଚିହ୍ନ ଶୋଭା ପାଉଥିଲା। ବକ୍ଷରେ ବନମାଳ ଧାରଣ କରିଥିବା ବାମନଙ୍କ ଶିରରେ ମଣିମୁକୁଟ, କଟିରେ ରତ୍ନମେଖଳା, କଣ୍ଠରେ କୌସ୍ତୁଭ ମଣି ଶୋଭାପାଉଥିଲେ। ସେ ବଟୁ ବାମନ ରୂପରେ ଜନ୍ମ ନେଇଥିଲେ। ଜନ୍ମ ଗ୍ରହଣ କରିବା ପରେ ତ୍ରିବ୍ରିକ୍ରମ ବାମନଙ୍କର ଉପନୟନ ସଂସ୍କାର କରାଯାଇଥିଲା। ସୃଷ୍ଟିକର୍ତ୍ତା ବ୍ରହ୍ମା ଓ ମୁନିମାନେ କଶ୍ୟପ ଆଶ୍ରମରେ ଉପନୟନ ଜାତକର୍ମ କରିଥିଲେ। ସୂର୍ଯ୍ୟଦେବ କର୍ଣ୍ଣରେ ସାବିତ୍ରୀ ମନ୍ତ୍ର ପ୍ରଦାନ କରିଥିଲେ। ଦେବଗୁରୁ କାନ୍ଧରେ ପଇତା, କଶ୍ୟପ କଟିରେ ମର୍କତ ମେଖଳା, ପୃଥିବୀ କାନ୍ଧରେ କୃଷ୍ଣାଜିନ, ଚନ୍ଦ୍ର ଦଣ୍ଡ, ଅଦିତି ମାତା କଉପୀନ, ଆକାଶ ଛତ୍ର, ମୁନିମାନେ କୁଶ ଓ ବ୍ରହ୍ମ ତେଜ, ବ୍ରହ୍ମା କମଣ୍ଡଳୁ, ସରସ୍ୱତୀ ଅକ୍ଷମାଳା, କୁବେର ଭିକ୍ଷାପାତ୍ର ପ୍ରଦାନ କରିଥିଲେ। ଅମ୍ବିକା ଭିକ୍ଷାଦାନ କରିଥିଲେ। ଥରେ ରାଜା ବଳୀ ଅଶ୍ୱମେଧ ଯଜ୍ଞ କରୁଥିବା ସମୟରେ ବାମନ ଯାଇ ଯଜ୍ଞଶାଳାରେ ପହଞ୍ଚିଲେ। ଦାନ ସ୍ୱରୂପ ତାଙ୍କୁ ତିନିପାଦ ଭୂମି ମାଗିଲେ। ଦୈତ୍ୟ ଗୁରୁ ଶଙ୍କରାଚାର୍ଯ୍ୟ ଭଗବାନଙ୍କ ଲୀଳା ବୁଝି ପାରି ବଳୀଙ୍କୁ ଦାନ ଦେବା ଲାଗି ମନା କଲେ। ମାତ୍ର ଦାନ ଦେବା ଲାଗି ବଳୀ ଉଦ୍ୟତ ହୁଅନ୍ତେ, ଶୁକ୍ରାଚାର୍ଯ୍ୟ ଏକ ମାଛି ରୂପ ଧରି ତାଙ୍କ ଶଙ୍ଖରେ ପଶିଗଲେ। ଶଙ୍ଖ ବଜାଇ ନପାରିବାରୁ ବାମନ ଏକ ଶଙ୍ଖ ସଫା କରିବା ଲାଗି ଏକ ଘାସ ପୁରାଇଦେଲେ। ଏହାଦ୍ୱାରା ଶୁକ୍ରାଚାର୍ଯ୍ୟଙ୍କ ଗୋଟିଏ ଆଖି କଣା ହୋଇଯାଇଥିଲା। ଏହାପରେ ଭଗବାନ ତିନିପାଦ ଭୂମି ନେବା ଲାଗି ସଂକଳ୍ପ ନେଲେ। ପ୍ରଥମ ପାଦରେ ସମ୍ପୂର୍ଣ୍ଣ ଧରିତ୍ରୀ ଏବଂ ଦ୍ୱିତୀୟ ପାଦରେ ସମ୍ପୂର୍ଣ୍ଣ ସ୍ୱର୍ଗରେ ରଖିବା ପରେ ତୃତୀୟ ପାଦ ରଖିବା ପାଇଁ ଭୂମି ମିଳିନଥିଲା। ଏହାପରେ ରାଜା ବଳୀ ନିଜ ମୁଣ୍ଡ ଦେଖାଇଥିଲେ। ବଳୀଙ୍କ ଦାନପ୍ରିୟତା ଦେଖି ଭଗବାନ ବିଷ୍ଣୁ ତାଙ୍କୁ ପାତାଳ ଲୋକର ସ୍ୱାମୀ କରିଦେଇଥିଲେ। ତାଙ୍କ ମୁଣ୍ଡରେ ଗୋଟିଏ ପାଦ ରଖି ବଳୀଙ୍କୁ ପାତାଳ ଲୋକରେ ସ୍ଥାପିତ କରିଥିଲେ। ବାମନ ଅବତାରରେ ପ୍ରଭୁ ଶିକ୍ଷା ଦେଇ ଯାଇଛନ୍ତି ଯେ ମନୁଷ୍ୟ ଯେତେ ଦାନୀ ଓ ଧର୍ମାତ୍ମା ହୋଇଥାଉ ପଛେ ଅହଂକାର ମନୁଷ୍ୟ ପାଇଁ ପତନ ଡାକି ଆଣିଥାଏ। ତେଣୁ ମନୁଷ୍ୟ କେବେ ବି ନିଜ ଧର୍ମକୁ ନେଇ ଗର୍ବ କିମ୍ବା ଅହଂକାରରେ ବୁଡ଼ିଯିବା ଉଚିତ ନୁହେଁ। ଅହଂକାର କାରଣରୁ ହିଁ ରାଜା ବଳୀଙ୍କୁ ସୁତଳ ଲୋକକୁ ଯିବାକୁ ପଡ଼ିଲା। ବାମନ ଅବତାରରେ ଭଗବାନ ଆଉ ଏକ ଶିକ୍ଷା ଦେଇଥାନ୍ତି, ତାହା ହେଲେ କେବେ ବି ନିଜ ସମ୍ପତ୍ତିକୁ ନେଇ ଗର୍ବ କରିବା ଉଚିତ ନୁହେଁ। ଆଜି ପାଖରେ ଥିବା ସମ୍ପତ୍ତି ଆସନ୍ତାକାଲିକୁ ନଥାଇପାରେ। ସବୁ ସମ୍ପତ୍ତି ଭଗବାନଙ୍କର। ଭଗବାନ ବାମନ ଥିଲେ ଉଦାର। ସେଥିପାଇଁ ଭଗବାନ ବାମନ ନିଜର ଭକ୍ତ ବଳୀଙ୍କୁ ମହାବଳୀ ନାମରେ ସମ୍ବୋଧନ କରିଥିଲେ।

# ବୀଥିକା







# ଥମୁନି ଆର୍‌ଜି କର ହସ୍ପିଟାଲ ନିଆଁ

କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଆନ୍ଦୋଳନ ଚଳାଇଥିବା ଜୁନିୟର ଡାକ୍ତରମାନେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି । ସେମାନେ ମାମଲାରେ ଉଭୟଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ।

ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମମତା ବାନର୍ଜୀଙ୍କ ସହ ସେମାନଙ୍କର ତିକ୍ତତା ଲାଗି ରହିଛି । ବେଙ୍ଗଲ ସରକାର ସେମାନଙ୍କୁ ଆଲୋଚନା ପାଇଁ ଡାକୁ ଥିଲେ ହେଁ ଆନ୍ଦୋଳନକାରୀ ଡାକ୍ତରମାନେ ଯାଉ ନାହାନ୍ତି । କ୍ରମାଗତ ତୃତୀୟ ଦିନ ପାଇଁ ଗୁରୁବାର ଆଲୋଚନା ହୋଇ ନ ପାରିବାରୁ ମମତା ମଧ ଇସ୍ତଫା ଦେବାକୁ ରାଜି ଥିବା ଘୋଷଣା କରିଛନ୍ତି ।

ଏହି ଘଟଣା ପରେ ଆନ୍ଦୋଳନକାରୀ ଡାକ୍ତରମାନେ ରାଷ୍ଟ୍ରପତି ମୁର୍ମୁଙ୍କୁ ୪ ପୃଷ୍ଠାର ଚିଠି ଲେଖିଛନ୍ତି । ଏହାର କପିକୁ ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପ ରାଷ୍ଟ୍ରପତି ଜଗଦୀପ ଧନକର ଓ ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କ ପାଖକୁ ପଠାଇଛନ୍ତି ।

ଏଥିରେ ସେମାନେ ଲେଖିଛନ୍ତି ଯେ "ଦେଶର ମୁଖିଆ ହିସାବରେ ଆମେ ଏହି ପ୍ରସଙ୍ଗକୁ ଆପଣଙ୍କ ଆଗରେ ବେଶ ବନମ୍ରତାର ସହ ଉପସ୍ଥାପନ କରୁଛୁ । ଏହାଦ୍ୱାରା ଭୟଙ୍କର ଅପରାଧର ଶିକାର ହୋଇଥିବା ଆମ ସହକର୍ମୀଙ୍କୁ ଉପଯୁକ୍ତ ନ୍ୟାୟ ମିଳି ପାରିବ । ଏଥିସହ ଆମେ ପଶ୍ଚିମବଙ୍ଗ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ସ୍ୱାସ୍ଥ୍ୟକର୍ମୀମାନେ ବିନା ଭୟ ଓ ଆଶଙ୍କାରେ ଲୋକଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିପାରିବୁ ।

ଆନ୍ଦୋଳନ ଆରମ୍ଭ ବା ଦିନ ଠାରୁ ପ୍ରତିଷ୍ଠାନ

> ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମମତା ବାନର୍ଜୀଙ୍କ ସହ ସେମାନଙ୍କର ତିକ୍ତତା ଲାଗି ରହିଛି । ବେଙ୍ଗଲ ସରକାର ସେମାନଙ୍କୁ ଆଲୋଚନା ପାଇଁ ଡାକୁ ଥିଲେ ହେଁ ଆନ୍ଦୋଳନକାରୀ ଡାକ୍ତରମାନେ ଯାଉ ନାହାନ୍ତି । କ୍ରମାଗତ ତୃତୀୟ ଦିନ ପାଇଁ ଗୁରୁବାର ଆଲୋଚନା ହୋଇ ନ ପାରିବାରୁ ମମତା ମଧ ଇସ୍ତଫା ଦେବାକୁ ରାଜି ଥିବା ଘୋଷଣା କରିଛନ୍ତି । ଏହି ଘଟଣା ପରେ ଆନ୍ଦୋଳନକାରୀ ଡାକ୍ତରମାନେ ରାଷ୍ଟ୍ରପତି ମୁର୍ମୁଙ୍କୁ ୪ ପୃଷ୍ଠାର ଚିଠି ଲେଖିଛନ୍ତି । ଏହାର କପିକୁ ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପ ରାଷ୍ଟ୍ରପତି ଜଗଦୀପ ଧନକର ଓ ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କ ପାଖକୁ ପଠାଇଛନ୍ତି ।

ଜନିତ ବିପଦ, ହିଂସା ଓ ଭଙ୍ଗାରୁଜୁ ବଢ଼ିବାରେ ଲାଗିଛି । ଏପରି ଏକ କଠିନ ସମୟରେ ଆପଣଙ୍କ ହସ୍ତକ୍ଷେପ ଆମ ସମସ୍ତଙ୍କ ପାଇଁ ଗୋଟିଏ ଆଶାର କିରଣ ଭାବେ ଉଭା ହେବ । ଆମ ଚାରିପାଖକୁ ଘେରି ରହିଥିବା ଅନ୍ଧକାରରୁ ମୁକୁଳିବା ପାଇଁ ଆମକୁ ଏହି କିରଣ ରାସ୍ତା ଦେଖାଇବ ।" ଅଗଷ୍ଟ ୯ରେ ଆରଜି କର ହସ୍ପିଟାଲରେ ଭୟଙ୍କର ଘଟଣା ଘଟିଥିବା ବେଳେ ମାସ ଶେଷ ବେଳକୁ ରାଷ୍ଟ୍ରପତି ମୁର୍ମୁ ଏହା ଉପରେ ପ୍ରତିକ୍ରିୟା ରଖିଥିଲେ । ସେ ଏହାକୁ ଅତ୍ୟନ୍ତ ଭୟଙ୍କର ଓ ଘଟଣାରେ ସେ ବିଚଳିତ ବୋଲି ମଧ କହିଥିଲେ ।

ଜୁନିୟର ଡାକ୍ତରମାନେ ଚିଠିରେ ଆହୁରି ଲେଖିଛନ୍ତି, "ଅପରାଧର ଭୟାବହତା, ଏହାକୁ ଲୁଚାଇବା ପାଇଁ ପ୍ରୟାସ ଓ ଏହାପରେ ସୃଷ୍ଟି ହୋଇଥିବା ଭୟର ପରିବେଶ ପୂରା ଦେଶକୁ ଜାଗ୍ରତ କରିଛି । ପୀଡ଼ିତଙ୍କ ପାଇଁ ନ୍ୟାୟ ଦାବିରେ ପଶ୍ଚିତମବଙ୍ଗର ଲୋକମାନେ ରିକ୍ଲେମ ଦ ନାଇଟ ନାମରେ ଆନ୍ଦୋଳନ ମଧ କରିଛନ୍ତି ।

ଭୟ, ଅବିଶ୍ୱାସ ଓ ହତାଶର ପରିବେଶ ମଧରେ ପଶ୍ଚିମବଙ୍ଗର ଜୁନିୟର ଡାକ୍ତରମାନେ ବାଧ ହୋଇ ହସ୍ପିଟାଲରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରୁଛନ୍ତି ।"



## ଇସ୍ତଫା ଦେବାକୁ ରାଜି ଥିବା ଘୋଷଣା କଲେ ମମତା ବାନାର୍ଜୀ

ଆନ୍ଦୋଳନ କରୁଥିବା ଜୁନିୟର ଡାକ୍ତରଙ୍କ ସହ ଲାଗି ରହିଥିବା ଅଚଳା ଅବସ୍ଥା ମଧରେ ବଡ଼ ଘୋଷଣା କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ସେ ନିଜ ପଦରୁ ଇସ୍ତଫା ଦେବାକୁ ରାଜି ଥିବା ଆଜି କହିଛନ୍ତି ।

ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣା ବିରୋଧରେ ଜୁନିୟର ଡାକ୍ତରଙ୍କ ଆନ୍ଦୋଳନ ଜାରି ରହିଛି । ସେମାନଙ୍କ ସହ ମମତା ବାନାର୍ଜୀ ନବାନ୍ନରେ ଆଲୋଚନା କରିବାର ଥିଲେ । ମମତା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଲୋଚନା ପାଇଁ ୨ ଘଣ୍ଟା କାଳ ଅପେକ୍ଷା କରି ରହିଥିଲେ ହେଁ କେହି ବି ସେଠାକୁ ଆସି ନଥିଲେ । ଏହାକୁ ନେଇ ମମତା ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହାପରେ ସେ ଲୋକଙ୍କ ସ୍ୱାର୍ଥ ପାଇଁ ଇସ୍ତଫା ଦେବାକୁ ରାଜି ଥିବା ଘୋଷଣା କରିଛନ୍ତି ।

ମମତା କହିଛନ୍ତି, "ଆମ ସରକାର ଅପମାନିତ ହୋଇଛନ୍ତି । ସାଧାରଣ ଲୋକ ଜାଣନ୍ତି ନାହିଁ ଯେ ଏହାକୁ ରାଜନୀତିକ ରଙ୍ଗ ଦିଆଯାଉଛି । ସେମାନେ ନ୍ୟାୟ ଚାହୁଁ ନାହାନ୍ତି । ସେମାନେ ଚେୟାର ଚାହୁଁନ୍ତି । ଲୋକଙ୍କ ସ୍ୱାର୍ଥ ପାଇଁ ମୁଁ ପଦ ଛାଡ଼ିବାକୁ ପ୍ରସ୍ତୁ । ମୁଁ ମୁଖ୍ୟମନ୍ତ୍ରୀ ପଦ ଚାହେଁ ନାହିଁ । ମୁଁ ତିଲୋତମା(ଆରଜି କର ପୀଡ଼ିତାଙ୍କ ଛଦ୍ମନାମ)ଙ୍କ ପାଇଁ ନ୍ୟାୟ ଚାହୁଁଛି । ସାଧାରଣ ଲୋକ ହସ୍ପିଟାଲରେ ଚିକିତ୍ସିତ ହୋଇପାରନ୍ତୁ ବୋଲି ମୁଁ ଚାହୁଁଛି । ଅଧିକାଂଶ ଡାକ୍ତର ବୈଠକ ପାଇଁ ରାଜି ଥିବା ମୁଁ ଜାଣିଛି । କିନ୍ତୁ କିଛି ଲୋକ ଅଛନ୍ତି, ଯେଉଁମାନେ କେବଳ ବିଭ୍ରାଟ ସୃଷ୍ଟି କରିବାର ଲକ୍ଷ୍ୟରେ ରହିଛନ୍ତି ।"

ମମତା ବାନାର୍ଜୀ ଆହୁରି କହିଛନ୍ତି, "ଆମ ପାଖରେ ବୈଠକକୁ ରେକର୍ଡ କରିବାର ପୂରା ବ୍ୟବସ୍ଥା ରହିଥିଲା । ସ୍ୱଚ୍ଛତା ଓ ପ୍ରକୃତ ତଥ୍ୟ ପାଇଁ ଆମେ ପୂରା ପ୍ରକ୍ରିୟାର ଭିଡିଓ ରେକର୍ଡିଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଜାରି କରିବା ପାଇଁ ପ୍ରସ୍ତୁତ ଥିଲୁ । ମାମଲା ବିଚାର ପ୍ରକ୍ରିୟାରେ ରହିଥିବାରୁ ଆମେ ଲାଇଭ ଟେଲିକାଷ୍ଟ କରିବା ସପକ୍ଷରେ ନାହୁଁ ।"

ଆନ୍ଦୋଳନକାରୀ ଡାକ୍ତର ପ୍ରାରମ୍ଭିକ ପର୍ଯ୍ୟାୟରେ ଆଜି ୫ଟାରେ ହେବାକୁ ଥିବା ବୈଠକ ପାଇଁ ରାଜି ହୋଇଥିଲେ । କିନ୍ତୁ ଲାଇଭ ଟେଲିକାଷ୍ଟ ଦାବିରେ ସେମାନେ ନବାନ୍ନ ଭିତରକୁ ମିଟିଂ ପାଇଁ ଆସି ନାହାନ୍ତି । ମମତା ଓ ଜଣେ ଅଧିକାରୀ ଚେୟାର ପକାଇ ଆଲୋଚନା କରିବାକୁ ଅପେକ୍ଷା କରିବା ବେଳର ଫଟୋ ମଧ ସାମ୍ନାକୁ ଆସିଛି ।

## ମମତାଙ୍କୁ ସାମାଜିକ ବହିଷ୍କାର କଲେ ରାଜ୍ୟପାଳ

କୋଲକତାସ୍ଥିତ ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣା ବିରୋଧରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଡୁଆ ବଢ଼ିବାରେ ଲାଗିଛି । ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ନିମନ୍ତେ ପ୍ରସ୍ତୁତ ଥିବା ଘୋଷଣା କରିଥିଲେ ମମତା ବାନାର୍ଜୀ । ଏହାପରେ ବି ଥମୁନି ବିବାଦ । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସାମାଜିକ ବହିଷ୍କାର କରିଛନ୍ତି ରାଜ୍ୟପାଳ ସିଭି ଆନନ୍ଦ ବୋଷ ।

ରାଜ୍ୟପାଳ କହିଛନ୍ତି, ସେ ମୁଖ୍ୟମନ୍ତ୍ରୀ ମମତାଙ୍କ ସହ ଆଉ କୌଣସି ସଭା ମଞ୍ଚରେ ଏକାଠି ବସିବେନି । ମମତା ଯେଉଁ ସଭାକୁ ଯିବେ ସେ ସେଠାକୁ ଯିବେନି । ମମତାଙ୍କୁ ଲେଡି ମ୍ୟାକବେଥ୍ ସମ୍ବୋଧନ କରି ସାରା ରାଜ୍ୟରେ ଏବେ ହିଂସା ଚାଲିଛି ବୋଲି ଏକ ଭିଡିଓ ବାର୍ତ୍ତା ମାଧମରେ କହିଛନ୍ତି ରାଜ୍ୟପାଳ । ଆରଜି କର ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ମୁଁ ସମ୍ବିଧାନ, ପୀଡିତାଙ୍କ ପରିବାର, ରାଜ୍ୟବାସୀ ଏବଂ ନ୍ୟାୟ ପାଇଁ ସଂଗ୍ରାମ ଜାରି ରଖିଥିବା ସମସ୍ତଙ୍କ ସହ ଅଛି ଠିଆ ହୋଇଛି ବୋଲି ରାଜ୍ୟପାଳ କହିଛନ୍ତି ।

ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ନିମନ୍ତେ ପ୍ରସ୍ତୁତ ଥିବା ନେଇ ଘୋଷଣା କରିବାର କିଛି ଘଣ୍ଟା ପରେ ରାଜ୍ୟପାଳଙ୍କ ଭିଡିଓ ସୋଶାଲ ମିଡିଆରେ ଅପଲୋଡ ହୋଇଛି । ନିଜ ଭିଡିଓ ବାର୍ତ୍ତାରେ ସେ କହିଛନ୍ତି, ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ସମେତ ରାଜ୍ୟର ଆଇନ୍ ? ମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ବି ଅଛନ୍ତି । ଏପରି ସ୍ଥିତିରେ ରାଜ୍ୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବା ବେଳେ ମେଡିକାଲ ସେବା ବି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଖୋଦ ମୁଖ୍ୟମନ୍ତ୍ରୀ ଏହି ଦୁଇ ବିଭାଗର ମନ୍ତ୍ରୀ ଥାଇ ବି ରାଜ୍ୟରେ ଆଇନ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ସେବାକୁ ଟ୍ରାକ୍ ?କୁ ଫେରାଇ ଆଣିବାକୁ ସେ ସଫଳ ହୋଇ ପାରୁନାହାନ୍ତି ।

ଏଥିସହ ସେ କହିଛନ୍ତି, ରାଜ୍ୟପାଳ ଭାବରେ ତାଙ୍କର ଭୂମିକା ସାମ୍ବିଧାନିକ ଦାୟିତ୍ୱରେ ସୀମିତ ରହିବ । ଏହାଠୁ ଅଧିକ କି କମ୍ ନୁହେଁ । ରାଜ୍ୟରେ ଅପରାଧ ରୋକିବାକୁ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ପୁଲିସ୍ କମିଶନରଙ୍କ ବିରୋଧରେ ବି ଗୁରୁତର ଅପରାଧିକ ଅଭିଯୋଗ ରହିଥିବା ଘଟଣା ମୋତେ ଖୁବ୍ ଦୁଃଖ ଦେଇଛି ବୋଲି କହିଛନ୍ତି ରାଜ୍ୟପାଳ ।

ଗତକାଲି ମୁଖ୍ୟମନ୍ତ୍ରୀ ମମତା ବାନାଜୀ ଜୁନିୟର ଡାକ୍ତରଙ୍କ ସହ ନବାନ୍ନରେ ଆଲୋଚନା କରିବା ନିମନ୍ତେ କାର୍ଯ୍ୟକ୍ରମ ସ୍ଥିତ ହୋଇଥିଲା । ମମତା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଲୋଚନା ପାଇଁ ୨ ଘଣ୍ଟା କାଳ ଅପେକ୍ଷା କରି ରହିଥିଲେ ହେଁ କେହି ବି ସେଠାକୁ ଆସି ନଥିଲେ । ଏହାକୁ ନେଇ ମମତା ନିଜର ଅସନ୍ତୋଷ ପ୍ରକାଶ କରିବା ସହ ଲୋକଙ୍କ ସ୍ୱାର୍ଥ ପାଇଁ ଇସ୍ତଫା ଦେବାକୁ ରାଜି ଥିବା କହିଥିଲେ ।

ଗଣମାଧମକୁ ସମ୍ବୋଧନ କରି ସେ କହିଥିଲେ, ଲୋକଙ୍କ ସ୍ୱାର୍ଥ ପାଇଁ ମୁଁ ପଦ ଛାଡ଼ିବାକୁ ପ୍ରସ୍ତୁତ । ମୁଁ ମୁଖ୍ୟମନ୍ତ୍ରୀ ପଦ ଚାହେଁ ନାହିଁ । ମୁଁ ପୀଡ଼ିତାଙ୍କ ପାଇଁ ନ୍ୟାୟ ଚାହୁଁଛି । ସାଧାରଣ ଲୋକ ହସ୍ପିଟାଲରେ ଚିକିତ୍ସିତ ହୋଇପାରନ୍ତୁ ବୋଲି ମୁଁ ଚାହୁଁଛି । ଅଧିକାଂଶ ଡାକ୍ତର ବୈଠକ ପାଇଁ ରାଜି ଥିବା ମୁଁ ଜାଣିଛି । କିନ୍ତୁ କିଛି ଲୋକ ଅଛନ୍ତି, ଯେଉଁମାନେ କେବଳ ବିଭ୍ରାଟ ସୃଷ୍ଟି କରିବାର ଲକ୍ଷ୍ୟରେ ରହିଛନ୍ତି । ସାଧାରଣ ଲୋକ ଜାଣନ୍ତି ନାହିଁ ଯେ ଏହି ଘଟଣାକୁ ରାଜନୀତିକ ରଙ୍ଗ ଦିଆଯାଉଛି ।

ଏହି ଘଟଣାକୁ ନେଇ ଆରମ୍ଭ ହୋଇଥିବା ଆନ୍ଦୋଳନ ଥମିବା ନାଁ ଧରୁନି । ସ୍ୱାସ୍ଥ୍ୟ ଭବନ ଆଗରେ ଆନ୍ଦୋଳନ ଜାରି ରଖିଛନ୍ତି ଜୁନିଅର ଡାକ୍ତର । ପୀଡ଼ିତାଙ୍କୁ ନ୍ୟାୟ ନମିଳିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଡାକ୍ତର ମାନେ ଚେତାବନୀ ଦେଇଛନ୍ତି ।

## ସରକାରଙ୍କ ବିରୋଧରେ ଷଡ଼ଯନ୍ତ୍ର ଚାଲିଛି ବୋଲି ଅଭିଯୋଗ ଆଣିଲେ ଟିଏମ୍‌ସି ନେତା

ବିରୋଧ ପ୍ରଦର୍ଶନକାରୀ ଡାକ୍ତର ଏବଂ ପଶ୍ଚିମବଙ୍ଗ ସରକାରଙ୍କ ମଧରେ ବିବାଦ ମଧରେ ବରିଷ୍ଠ ତୃଣମୂଳ କଂଗ୍ରେସ ନେତା କୁନାଲ ଘୋଷ ଦାବି କରିଛନ୍ତି ଯେ ମମତା ବାନାର୍ଜୀ ସରକାର ଏବଂ ରାଜ୍ୟର ଶାସକ ଦଳକୁ ବଦନାମ କରିବା ପାଇଁ ବିରୋଧୀ ଦଳ ଚାପ ପକାଉ ଆନ୍ଦୋଳନକାରୀଙ୍କୁ ଉସୁକାଉଛି । ବିରୋଧୀ ଦଳର ଷଡଯନ୍ତ୍ରର ପ୍ରମାଣ ଭାବରେ ଘୋଷ ବାର୍ତ୍ତାଳାପର ଏକ ଅଡିଓ କ୍ଲିପକୁ ବ୍ୟବହାର କରରିଛନ୍ତି ।

ଅଗଷ୍ଟ ୯ ତାରିଖରେ ଆରଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲା ପରେ ହଜାର ହଜାର ଜୁନିୟର୍ ଡାକ୍ତର ନ୍ୟାୟ ଦାବିରେ ରାସ୍ତାକୁ ଓହ୍ଲାଇଛନ୍ତି ।

କୁନାଲ ଘୋଷ ପ୍ରକାଶ କରିଥିବା ଅଡିଓରେ ୨ ଜଣ ଯୁବ ନେତା ସରକାରଙ୍କ ବିରୋଧରେ କଥା ହେଉଥିବାର ଶୁଣିବାକୁ ମିଳୁଛି । ସେମାନେ କଥା ହେଉଛନ୍ତି ଯେ ଧାରଣାରତ ଡାକ୍ତରମାନଙ୍କ ଉପରେ ସେମାନେ ଆକ୍ରମଣ କରିବେ ଓ ବଦ୍‌ନାମ ହେବେ ପଶ୍ଚିମବଙ୍ଗ ସରକାର । ସେ ଦୁହେଁ ପଶ୍ଚିମବଙ୍ଗ ସରକାରଙ୍କୁ ବଦନାମ କରିବା ପାଇଁ ଜାଣି ଜାଣି ଆକ୍ରମଣ ଯୋଜନା କରୁଥିବା ଅଡିଓ କ୍ଲିପ୍‌ରୁ ସ୍ପଷ୍ଟ ଜଣାପଡ଼ିଛି । ଏହା ହେଉଛି ମୁଖ୍ୟ ଷଡଯନ୍ତ୍ର ବୋଲି ଘୋଷ ଶୁକ୍ରବାର ଦିନ କହିଛନ୍ତି ।

■ ■ ■

କୋଲକତାସ୍ଥିତ ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣା ବିରୋଧରେ



ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଡୁଆ ବଢ଼ିବାରେ ଲାଗିଛି । ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ନିମନ୍ତେ ପ୍ରସ୍ତୁତ ଥିବା ଘୋଷଣା କରିଥିଲେ ମମତା ବାନାର୍ଜୀ । ଏହାପରେ ବି ଥମୁନି ବିବାଦ । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସାମାଜିକ ବହିଷ୍କାର କରିଛନ୍ତି ରାଜ୍ୟପାଳ ସିଭି ଆନନ୍ଦ ବୋଷ ।

ରାଜ୍ୟପାଳ କହିଛନ୍ତି, ସେ ମୁଖ୍ୟମନ୍ତ୍ରୀ ମମତାଙ୍କ ସହ ଆଉ କୌଣସି ସଭା ମଞ୍ଚରେ ଏକାଠି ବସିବେନି । ମମତା ଯେଉଁ ସଭାକୁ ଯିବେ ସେ ସେଠାକୁ ଯିବେନି । ମମତାଙ୍କୁ ଲେଡି ମ୍ୟାକବେଥ୍ ସମ୍ବୋଧନ କରି ସାରା ରାଜ୍ୟରେ ଏବେ ହିଂସା ଚାଲିଛି ବୋଲି ଏକ ଭିଡିଓ ବାର୍ତ୍ତା ମାଧମରେ କହିଛନ୍ତି ରାଜ୍ୟପାଳ । ଆରଜି କର ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ମୁଁ ସମ୍ବିଧାନ, ପୀଡିତାଙ୍କ ପରିବାର, ରାଜ୍ୟବାସୀ ଏବଂ ନ୍ୟାୟ ପାଇଁ ସଂଗ୍ରାମ ଜାରି ରଖିଥିବା ସମସ୍ତଙ୍କ ସହ ଅଛି ଠିଆ ହୋଇଛି ବୋଲି ରାଜ୍ୟପାଳ କହିଛନ୍ତି ।



> ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣା ବିରୋଧରେ ଜୁନିୟର ଡାକ୍ତରଙ୍କ ଆନ୍ଦୋଳନ ଜାରି ରହିଛି । ସେମାନଙ୍କ ସହ ମମତା ବାନାର୍ଜୀ ନବାନ୍ନରେ ଆଲୋଚନା କରିବାର ଥିଲେ । ମମତା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଲୋଚନା ପାଇଁ ୨ ଘଣ୍ଟା କାଳ ଅପେକ୍ଷା କରି ରହିଥିଲେ ହେଁ କେହି ବି ସେଠାକୁ ଆସି ନଥିଲେ । ଏହାକୁ ନେଇ ମମତା ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହାପରେ ସେ ଲୋକଙ୍କ ସ୍ୱାର୍ଥ ପାଇଁ ଇସ୍ତଫା ଦେବାକୁ ରାଜି ଥିବା ଘୋଷଣା କରିଛନ୍ତି ।

## ବିଚିତ୍ର ବିନ୍ଧାଣୀ ପ୍ରଭୁ ଦେବଶିଳ୍ପୀ...

ପୂଣ୍ୟ ଭାଦ୍ରବର ପବିତ୍ର ସଂକ୍ରାନ୍ତି
ଆସିଛି ମରତ ଧାମେ
ଚଉଦିଗ ଦିଶେ ମନଲୋଭା ଆଜି
ତୁମ ଶୁଭ ଆଗମନେ
ମଣ୍ଡପ ହୋଇଛି ସଜା
ଆସ ଦେବଶିଳ୍ପୀ ମର୍ତ୍ତ୍ୟକୁ ଓହ୍ଲାଇ
ହେବ ତୁମ ଭକ୍ତି ପୂଜା।
ବିଚିତ୍ର ବିନ୍ଧାଣୀ ପ୍ରଭୁ ଦେବଶିଳ୍ପୀ
ଧନ୍ୟ ତୁମ କଳା କୃତୀ
ସ୍ୱର୍ଣ୍ଣମୟୀ ଲଂକା ସ୍ୱର୍ଗ ଇନ୍ଦ୍ରପ୍ରସ୍ଥ
ତୁମରି ଅଦ୍ଭୁତ ସୃଷ୍ଟି
ସକଳ ଶିଳ୍ପର ସ୍ରଷ୍ଟା
ସମଗ୍ର ବିଶ୍ୱରେ ସଦା ବନ୍ଦନୀୟ
ନବ ନିର୍ମାଣର ଦ୍ରଷ୍ଟା।
ଶ୍ରୀକ୍ଷେତ୍ରର ନାଥ ପ୍ରଭୁ ଜଗନ୍ନାଥ
ତୁମରି ଅମୂଲ୍ୟ ଦାନ
ଏକ ନିଶି ମଧ୍ୟେ ପୂର୍ଣ୍ଣ କରିଥିଲ
ପୂଣ୍ୟ ଦ୍ୱାରକା ଭବନ
ତୁମେ ଶ୍ରେଷ୍ଠ କାରିଗର
ଲିପିବଦ୍ଧ ତୁମ କଳା ଓ ସୁରଭି
ନାହିଁ ତା'ର ପଟ୍ଟାନ୍ତର।
ବ୍ରହ୍ମାଂକ ନିର୍ଦ୍ଦେଶେ ଗଢିଥିଲ ତୁମେ
ଅପୂର୍ବ ଅମରାବତୀ
ସଖା ସୁଦାମାଂକ ନଅର ତୋଳିଲ
ଶ୍ରମ କରି ଦିବାରାତ୍ରୀ
ତୁମ କରୁଣା ଅପାର
ଜ୍ଞାନ କୌଶଳରେ ଗଢିଥିଲ ତୁମେ
ପବିତ୍ର ହସ୍ତିନାପୁର।
ନଇ ପଠା ଧାରେ ଶୁଭ୍ର କାଶତଣ୍ଡୀ
କରେ ତୁମ ଅଭ୍ୟର୍ଥନା
ଶରତ ସମ୍ଭାରେ ପବିତ୍ର ଧରଣୀ
କରଇ ତବ ବନ୍ଦନା
ଆସ ବିଶ୍ୱ ଶ୍ରେଷ୍ଠ ଶିଳ୍ପୀ
ଧ୍ୱଂସ ବିଭିଷିକା ବିଶ୍ୱରୁ ଦୂରାଅ
ତବ ଶ୍ରୀଚରଣେ ଅଳି।

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୭୩୪୩୪୬*

## ଆଜି ହେଉଅଛି ଶେଷ ଖୁଦୁରୁକୁଣୀ

ଆସଲୋ ବଉଳ ସଙ୍ଗାତ ଅଶୋକ ମିତଣୀ
ଆଜି ହେଉଅଛି ପରା ଶେଷ ଖୁଦୁରୁକୁଣୀ
ରାତିରେ ଚାହିଁକି ରହିବା ହୋଇବାଲୋ ମେଳି
ପୂଜିବା ମଙ୍ଗଳା ମାଙ୍କୁ ଫୁଲ ଆଣିବା ତୋଳି ।
ସକାଳେ ଛୁଞ୍ଚିରେ ସୂତା ଲଗାଇ ଫୁଲ ଗୁନ୍ଥିବା
ରଙ୍ଗ ବେରଙ୍ଗର ଫୁଲକୁ ଜତନରେ ପେନ୍ଥିବା
ମେଳ ହୋଇଯିବା ଆମେ ପୋଖରୀକୁ ଗାଧୋଇ
ମୁଠିମୁଠି ଦେଇ ବାଲୁକା ପୂଜା କରିବା ଯାଇ ।
ଅପମାରଙ୍ଗାରେ ଆଜି ଆମେ ଦାନ୍ତ ଘଷିବା
ସଫା ଜାମା ପିନ୍ଧି ମଙ୍ଗଳା କୋଠିରେ ମିଶିବା
ମିଳିମିଶି ମାଆଙ୍କର କୋଠି ଦବା ସଜେଇ
ମାଆଙ୍କ ଭଜନ ଶ୍ରଦ୍ଧାରେ ଦବାଟି ବଜେଇ ।
ମାଆଙ୍କ ଫଟୋ ଟାଙ୍ଗି ଭାଲୁକୁଣି ବସେଇ
ଦୁଇଜଣ ସୂତାଧରି ମାଳ ଦବା ଲଗେଇ
ନାଲି ଶାଢ଼ି ପିନ୍ଧାଇ ମଥାରେ ସିନ୍ଦୂର ଦେବା
ଖଟୁଲିକୁ ଧୋଇ ଭକ୍ତିରେ ଗୁଆ ବସେଇବା ।
ଫୁଲ ସିନ୍ଦୂର ଲଗାଇ ଦୁବପୁଡ଼ା ରଖିବା
ଧୂପ ଦୀପ ଜାଳି ଆମେଲୋ ଭୋଗ ବାଢ଼ିଦବା
ମାଆଙ୍କୁ ଛୁଆଁଇ ବ୍ରତକୁ ହାତେ ବାନ୍ଧିଦେବା
ଭାଇଙ୍କର ଶୁଭମନାଶି ମୁଣ୍ଡିଆ ମାରିବା ।
ଫୁଲଦୁବ ଚାଉଳରେ ମାଆକୁଲୋ ବନ୍ଦେଇ
ଜଳଖିଆ ଅରୁଆ ସାରିବା ଘରକୁ ଯାଇ
ଚାନ୍ଦା ପକାଇବା ଆମେ ଲୋ ରାତି ପୂଜା ପାଇଁ
ବାଣ କିଣି ଆଣ୍ଣି ମିଶି ଦବାଲୋ ଫୁଟେଇ ।
ବାଢ଼ିବା ଲିଆ ରାଶିଖଜା ପୋଡପିଠା ନେଇ
ଧୂପ ଦୀପ ଜାଳିବା ମାଆଙ୍କର ପାଶେ ଯାଇ
ନନା ପଢ଼ିଲେଣି ଗୀତ ଦେବାଟି ହୁଳହୁଳି
ମଙ୍ଗଳା ମାଆଙ୍କର କୋଠି ପଡୁଛି ଉଛୁଳି ।
ଲିଆ ବନ୍ଦେଇ ଦବା ଯାଇ ଦୁହୁଡ଼ିକୁ ଜାଳି
ବାଣ ଶବଦରେ ଗାଆଁ ଲାଗୁଛିତ ଗହଳି
ଭାଇକୁ ଭଲରେ ରଖ ଏ ନିବେଦନ ମୋର
ତୁମର ଆଶିଷ ଅମୃତ ମଥା ପରେ ଝର ।
ପୂଜାସାରି ଚାଲ ମିତ ଯିବା ଯେଝା ଘର
ଆର ବରଷକୁ ପୁଜିବା ମାଆଙ୍କ ପୟର ।

*ନଳିନୀ ଦାଶ, ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

## ତୁମେ ନଥିଲେ

◆ ରମାକାନ୍ତ ଦାସ

ତୁମେ ନଥିଲେ.......
ଜହ୍ନ ଲୁଚିଯାଏ ଭସା ବାଦଲରେ
ଗୋଲାପ ଝରିଯାଏ ପଉଷ ସଞ୍ଜରେ ।।

ତୁମେ ନଥିଲେ......
ଫୁଟେନା କମଳ ମନ ସରୋବରେ
ପ୍ରେମବତୀ ଜଳେ ଲୁହର ସହରେ ।।

ତୁମେ ନଥିଲେ.......
ଅଭିଶପ୍ତ ଅତୀତ ଦିଅଇ ଯନ୍ତ୍ରଣା
ଭିଜେ ଆଖିପତା ଖୋଜେ ତୁମ ଠିକଣା ।।

ତୁମେ ନଥିଲେ......
ହୃଦୟ ମାପଇ ଜୀବନର ଶୂନ୍ୟତା
ତୁମ ସ୍ମୃତି ଆଗେ ନମ ହୁଏ ଆଖିପତା ।।

ତୁମେ ନଥିଲେ......
ଅବସାଦ ମନେ ଭରିଯାଏ କୋହ
ଆଖିରୁ ଝରଇ ଅଗଣିତ ଲୁହ ।।

ତୁମେ ନଥିଲେ.......
ମୋ ଭିତରଟା ଲାଗେ କୋଳହଳ ମୟ
ପ୍ରତି ମୁହୂର୍ତ୍ତରେ ଲାଗେ ଭାରି ଭୟ ।।

ତୁମେ ନଥିଲେ.......
ଭିଡ ଭିତରେ ବି ଲାଗେ ଏକା ଏକା
ନୀରବରେ ମାପୁଥାଏ ଆମ ଦୂରତାର ରେଖା ।।

*ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର*
*ମୋ - ୯୬୬୮୮୧୫୩୬୯*

# ଶେଷ ଚିଠି ପ୍ରେମିକାର

ମୋର ନମସ୍କାର ନେବ, ମୋତେ ବି ଏକ ଅଭିଶପ୍ତ ଜୀବନରୁ ମୁକ୍ତି ପାଇଁ ଆଶ୍ରିବାଦ କରିବ । ତୁମର ଅଭାଗିନୀ ବର୍ଷା.ଆଶା ତୁମେ ଭଲ ରେ ଥିବ, ମୁଁ ବି ଏଠି ଭଲ ରେ ଅଛି । ତୁମେ ମୋତେ ଛାଡି ଯିବାର ଆଜକୁ ପ୍ରାୟ ଦଶ ବର୍ଷ ହେବ । ନା ଖବର ଅଛି ନା ଫୋନ ଅଛି ନା ଚିଠି ଅଛି । ମୁଁ କେମିତି ଅଛି ବଞ୍ଚିଛି କି ମରିଛି ତୁମ ପାଖରେ ହୁଏତ ଖବର ନ ଥିବ । ତୁମେ ଯଦି ମୋତେ ହୃଦୟ ର କେଉଁ କୋଣର ମୋତେ ମନେ ରଖିଥିବେ ମୋଏ ଶେଷ ଚିଠି ଟିକୁ ପଢିବେ । ଆଉ କେବେ ଦେଖା ହେବ ନାହିଁ କି ମୋ ଖବର ବି ଚାହିଁଲେବି ଆଉ ପାଇଁବ ନାହିଁ...

ଗାଁ ଠାରୁ ଆରମ୍ଭ କରି ସହର ଯାଏ ଆଜି ବି ତୁମ ନାଁ ଆଉ ମୋ ନାଁ ରେ ଚର୍ଚ୍ଚା ସରି ନାହିଁ । ତୁମ ସିନା ଗାଁ ଛାଡି ପରିବାର ଧରି ନିଜ ରାସ୍ତା ବାଛି ନେଲ । ମୁଁ କିନ୍ତୁ ସେଇ ଅଳିଆ ଗଦା ର ପଚ୍ଛା ଅଳିଆ ହୋଇ ପଡି ରହିଛି । ନିନ୍ଦା ଅପନିନ୍ଦା ଆଉ ଲୋକ ହସାକୁ ସହି ଜୀବନ ଜିଉଛି । ଆଉ କେତେ ଦିନ ଏମିତି ସହିବି, ମୁଁ ତ ରକ୍ତ ମାଂସ ର ମଣିଷ, ମୋର ବି ସହିବାର ଏକ ସିମା ଅଛି ଆଉ କେତେ ଦିନ ଏମିତି ସହିବି କୁହ ତ ? ଯେଉଁ ଅପେକ୍ଷା ଅନ୍ତ ପରେ କିଛି ପାଇଁବା ର ସମ୍ଭାବନା ନାହିଁ କାହିଁ କି ସେ ଅପେକ୍ଷା କରିବି ? ସ୍କୁଲ ଜୀବନରୁ ଆଜି ଯାଏ ତୁମକୁ ଭଲ ପାଇଁ କଣ ପାଇଁଲି ? ଖାଲି ପ୍ରତିଶୃତି, ପ୍ରତାରଣା, ଆଉ ବଞ୍ଚିବାର ଏକ ନିଷ୍ପିର ଜୀବନ । ସବୁ କୁ ସହି ତୁମକୁ ପାଇଁବାକୁ ଚାହିଁ ଥିଲି । ହେଲେ ହେଲା କଣ । ତୁମେ ବି ମୋ ପାଖରୁ ସବୁ ନେଇ ଦେଲ କଣ ? ଅପେକ୍ଷା ଅପେକ୍ଷା ଶେଷ ରେ ଏତେ ଦିନ ଯାଏ ଅପେକ୍ଷା କରି ମୋର ଧର୍ଯ୍ୟ ହରାଇ ବସିଛି । ଏକ ନିଷ୍ଠୁର ନିଷ୍ପତି ନେଇଛି । ହୁଏତ ତୁମ ପାଇଁ କିଛି ଫରକ ନ ପଡି ପାରେ । ତଥାପି ମୁଁ ତୁମକୁ ନିଜର ଭାବି ଏ ନିଷ୍ପତି ବିଷୟ ରେ ଏ ଚିଠି ମାଧମରେ ଜଣାଉଛି ।

ଗାଁ ମନ୍ଦିର ରେ ମା ଙ୍କୁ ସାକ୍ଷୀ ରଖି ମୋତେ ସିନ୍ଦୁର ଦେଇ ଥିଲ । ସତ ଜନ୍ମ ପାଇଁ ଜୀବନ ସାଥି ଟିଏ କରି ମୋତେ ଅନେକ ସ୍ୱପ୍ନ ବି ଦେଇ ଥିଲ. କିନ୍ତୁ ସେ ବିହାଘର ମିଛି ମିଛି ହୋଇ ରହି ଗଲା । ତୁମେ ବିଦେଶ ରେ ଅନ୍ୟ ଏକ ବିଦେଶିନୀ କୁ ବିବାହ କରି ସେଠି ସଂସାର ବସେଇଲ. ମୋ ସିନ୍ଦୁର ଶଙ୍ଖା ତୁମ ପାଇଁ ଏକ ଖେଳଣା ହୋଇ ଗଲା. ମୁଁ କିନ୍ତୁ ତୁମକୁ ପ୍ରତିବାଦ କରିନି ।

କାହିଁକି ଜାଣିଛ ମୁଁ ଚାହେଁ ତୁମ ର ଖୁସି. ତୁମ ଭଲରେ ରୁହ । ମୋ ଠାରୁ ଯଦି ତୁମକୁ କିଏ ଅଧିକ ଭଲ ପାଇଁବା ଦେଇ ପାରିବ ତୁମ ଠାରୁ ମୁଁ ଅଧିକ ଖୁସି ହେବି ଏ କଥା ଭାବି ତୁମ ବିବାହ ଘରେ ମୁଁ ମନ ଦୁଃଖ କରି ନ ଥିଲି । ଖାଲି ଟିକେ ମନ ଉଣା କରି ଥିଲି । ତୁମେ କିନ୍ତୁ କଣ କଲ. ବିଭାଘର ପର ଠାରୁ କେବେ ଫୋନ କରିଛ ନା ଖବର ରଖିଛ ମୋର । ମୁଁ କେମିତି ଚଳୁଛି, କଣ ଖାଉଛି ଆଉ ବଂଚିଛି କି ମରିଛି. ଏଇ କଥା ମୋତେ ବହୁତ ବାଧିଛି, ତୁମ ର ମୋର ସମ୍ପର୍କ କିଏ ବା ନ ଜାଣେ । ଏ ସବୁ ଜାଣି ସାରିବା ପରେ କିଏ ବା ମୋତେ ବିଭାହ କରିବ । ମୋତେ ନିଜର କରିବ । ମୋ ଚିନ୍ତା ରେ ମୋ ବୁଢା ମାଆ ବାପା ଦୁହେଁ ଆର ପାରିକି ଚାଲି ଗଲେ । ମୁଁ ଏକୁଟିଆ ହେଇ ଗଲି ।

ଜିଇବାର ସବୁ ରାସ୍ତା ଯେତେବେଳେ ମୋ ପାଇଁ ବନ୍ଦ ହୋଇ ଗଲା ସେତେବେଳେ ମୁଁ ବା ଆଉ କଣ କରି ପାରି ଥାନ୍ତି । ବାଧ୍ୟ ହୋଇ ଗାଁ ଛାଡି ଏକ ଅନାଥ ଆଶମ ରେ ରହିଲି । ସେଠି ମୋର ବୟସ ଆଉ ରୂପ ପାଇଁ ମୁଁ ଅନ୍ୟ ପୁରୁଷଙ୍କ ପାଖରେ ଲୋଭନୀୟ ହୋଇ ପଡିଲି । ଯେତେବେଳେ ବଂଚିବାର ସବୁ ରାସ୍ତା ମୋ ପାଇଁ ବନ୍ଦ ହୋଇ ଗଲା ସେତେବେଳେ ଆଉ କଣ କରିଥାନ୍ତି, ବାଛି ନେଲି ଶେଷ ରାସ୍ତା ଶେଷ ଠିକଣା ଯେଉଁଠି ଆଉ ଗଲେ ଫେରିବାର ନାହିଁ । ସେହି ଠିକଣା କୁ ବାଛି ନେଇଛି । ଯେବେ ତୁମେ ସେ ଠିକଣା କୁ ଆସିବ ମୁଁ ତୁମକୁ ଅପେକ୍ଷା କରିଥିବି । ଦେଖା ହେବ, କଥା ହେବା ସାଇତି ରଖିଥିବା ସ୍ମୃତି ସବୁ ତୁମ ପାଦ ତଳେ ଅଜାଡି ଦେବୀ । ଇତି ତୁମର ହତଭାଗିନୀ ବର୍ଷା ।



ଏକ ଲମ୍ବା ନିଶ୍ୱାସ ଛାଡି ବିବେକ ଚିଠି ଟିକୁ ଭାଙ୍ଗିଦେଲେ । ଆଉ ଭୋ ଭୋ ହୋଇ କାନ୍ଦି ଉଠିଲେ । ବର୍ଷା ତୁମ ପ୍ରତି କରିଥିବା ଅନ୍ୟାୟ ଆଉ ଅବିଚାର ମୋତେ କେବେ ଜୀବନ ରେ ଶାନ୍ତି ଦେବ ନାହିଁ । ମୁଁ କେବେ ଖୁସି ରେ ରହି ପାରିବି ନାହିଁ । ସବୁ ବେଳେ ଆଉ ସବୁସମୟ ରେ ତୁମେ ମୋ ହୃଦୟ ରେ ରହିବ । ସମୟ ଆଉ ପରିସ୍ଥିତି ପାଖରେ ମୁଁ ହରି ଯାଇ ତୁମ କୁ ବିବାହ କରି ପାରିଲି ନାହିଁ । ତୁମେ ମୋତେ ଅଭିଶାପ ଦେବ ନାହିଁ । କୁନ୍ତୁ ଆଜି ବି ତୁମ କଥା ଭାବି ରାତି ଅଧରେ ଏକୁଟିଆ କାନ୍ଦେ । ମନେ ମନେ ନିଦ ରେ ତୁମ କଥା ଭାବି ଗୁଣୁ ଗୁଣୁ ହୁଏ । ତୁମେ ଭଲ କରିଛ ଯାହା କରିଛ । ତୁମ ଆତ୍ମା ର ସଦଗତି କାମନା କରୁଛି । ଯେଉଁଠି ରୁହ ଶାନ୍ତି ରେ ରୁହ ଭଲ ରେ ରୁହ । ମୋର ବି କାମ ସରିଗଲାଣି ମୁଁ ବି ଫେରିଯିବି ତୁମ ପାଖକୁ... ।

*ରବୀନ୍ଦ୍ର କୁମାର ପାତ୍ର*
*ଗୁଲନଗର କେନ୍ଦ୍ରାପଡା*
*ଯୋଗାଯୋଗ*
*୯୯୩୭୦୭୮୯୧୬*

## ମାର୍ଗ

ବୟସ୍କ ବୃଦ୍ଧ ଜଣଙ୍କ ଚାକିରିରୁ ଅବସର ଗ୍ରହଣ କଲା ପରେ ପେନସନ ଟଙ୍କା ପାଇବା ବାବଦରେ ବୁଝା ବୁଝି କରିବାକୁ ଅଫିସ୍ ଯାଇ ନିରାଶରେ ଘରକୁ ଫେରୁଥିଲା । କାର୍ଯ୍ୟରତ ଥିବା କର୍ମଚାରୀ ବିଭିନ୍ନ ପ୍ରକାର ବାହାନା ଦେଖାଇ ପରେ ଆସିବାକୁ କହୁଥିଲେ । ଲୋକଟି ମନଦୁଃଖରେ ସବୁଦିନ ଫେରି ଯାଉଥିବାରୁ ଦିନେ ରାଗ କରି ଏପରି ହଇରାଣ କରିବାର ମାନେ ପଚାରି ଥିଲା । ସେମାନଙ୍କ ଭିତରୁ ଜଣେ ପୁରୁଣା ଫାଇଲ କାମ କରିବାକୁ ହେଲେ ସେଥିପାଇଁ ଟିକେ ଆମ କଥା ବୁଝିବାକୁ ପଡ଼ିବ । ଲୋକଟି ପ୍ରକୃତରେ ସେମାନେ ଯାହା ଇଛା କରିଥିଲେ ତାହା ବୁଝି ପାରୁଥିଲା । କର୍ତ୍ତବ୍ୟ ଆଳରେ ମନୁଷ୍ୟର ଭାବନା ଉପରେ ଅତ୍ୟାଚାର ଚାଲିଛି ହୃଦୟଙ୍ଗମ କରି ଆଉ ଦିନେ ସାଙ୍ଗରେ ଧରି ଆସିବ ବୋଲି ପ୍ରତିଶ୍ରୁତି ଦେଇ ଫେରି ଆସିଲା ।

ଲୋକଟି ଘରକୁ ଆସିଲା ବେଳେ ସେ ଜୀବନରେ କାହାକୁ କଷ୍ଟ ନ ଦେଇ ସେବା କରିବାର ସୁଯୋଗ ପାଇ ଭଗବାନଙ୍କୁ ଧନ୍ୟବାଦ୍ ଜ୍ଞାପନ କରୁଥିଲା । ତା ସହିତ ଦିନେ ଏପରି ଘଟିବ ଯାହାକୁ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲା । ସେ ନିଜର ଦମ୍ଭକୁ ନ ହରାଇ ପୁଣି ଦିନେ ଅଫିସ୍ ମନ ଆନନ୍ଦରେ ବାହାରି ପଡ଼ିଲା । ସେଠାରେ ପହଞ୍ଚିବା ପରେ ପୂର୍ବ ଭଳି ତାଙ୍କ ସହିତ ସେପରି ବ୍ୟବହାର କରିବାରେ ପାଇଥିଲା । ବୃଦ୍ଧ ଜଣଙ୍କ ନମ୍ର ଭାବରେ ବୁଝାଇ କହିଥିଲେ ବି ସେମାନେ ଥଟ୍ଟା ପରିହାସ ଛଳରେ ଆଜି ଜରୁରୀ କାମ ପଡ଼ିବାରୁ କୌଣସି ଅଲଗା କାମ ହୋଇ ପାରିବ ନାହିଁ ନାଲି ଆଖି ଦେଖାଇ କହିଥିଲେ । ବୃଦ୍ଧ ଲୋକଟି ଟିକେ ହସି ଦେଇ ସେଠାରୁ ବାହାରି ଅଫିସ୍ ର ସମସ୍ତ କର୍ମଚାରୀଙ୍କ ଉପରେ ଥିବା ଉପରିସ୍ଥ ଅଧିକାରୀଙ୍କୁ ନିକଟରେ ତା ସହିତ ଘଟିଥିବା କଥା ଗୁଡାକ ଗୋଟି ଗୋଟି କରି ଖୋଲି କହିଥିଲା ।

ଅଫିସର୍ ଜଣଙ୍କ ଲୋକଟି ପ୍ରକୃତରେ ସତ କଥା କହୁଛି ତା ଆଖିରୁ ବହି ଯାଉଥିବା ଲୁହକୁ ଦେଖି ଅନୁମାନ କରିଥିଲେ । ସେ କାଳ ବିଳମ୍ବ ନକରି ପିଅନ ହାତରେ ଫାଇଲ ପତ୍ର କାମ କରୁଥିବା କର୍ମଚାରୀକୁ ଦେଖା କରିବା ପାଇଁ ଡକାଇ ପଠାଇଲେ । ସେ ଡାକରା ପାଇବା ପରେ ବିଜୁଳି ବେଗରେ ପହଞ୍ଚି ଯାଇଥିଲା । ଅଫିସର୍ ବଡ଼ ପାଟିରେ ଲୋକଟିର ଯାହା କିଛି ଅସୁବିଧା ହୋଇଛି ତାକୁ ଯଥାଶୀଘ୍ର ଶେଷ କରିବାରେ ଯେପରି ପୁଣି ଥରେ ହେଲା ନ ହୁଏ ଜଣାଇ ଦେଇଥିଲେ ।

କର୍ମଚାରୀ ଜଣଙ୍କ ଆଜ୍ଞା କହି ସେଠାରୁ ଚାଲି ଆସିଲା ବେଳେ ବୃଦ୍ଧ ଲୋକ ଜଣଙ୍କୁ ସମ୍ମାନର ସହିତ ସାଙ୍ଗରେ ଆସିବାକୁ କହୁଥିଲା । ଟିକେ ଆଢୁଆଳରେ ସାମାନ୍ୟ କଥା ପାଇଁ ଅଫିସର୍ ଜଣଙ୍କୁ ମୋ ବିଷୟରେ କହି ଦେଲ ଯଦି ମୋ ଚାକିରୀ ଚାଲି ଯାଇଥାନ୍ତା ବିକଳ ହୋଇ କହିଥିଲା । ବୃଦ୍ଧ ଲୋକଟି ଆଉ କିଛି ନ କହି ଚୁପ୍ ରହିଥିଲେ । ସନ୍ଧ୍ୟା ବେଳକୁ ଯାହା ପାଇଁ ସେ ଏତେଦିନ ଧରି ଦୌଡ଼ି ଆସୁଥିଲେ ତାହା ପାଇ ଆନନ୍ଦର ସହ ଘରକୁ ଫେରି ଯାଉଥିଲେ । ବାଟରେ ଗଲାବେଳେ ଜୀବନରେ ଯାହା ପ୍ରାପ୍ୟ ତାକୁ ଫେରି ପାଇବାକୁ ହେଲେ କାହା ସହିତ ସାଲିସ ନ କରି ଉପୁଜି ଥିବା ପରିସ୍ଥିତିର ମୁକାବିଲା କରିବା ପାଇଁ ବିବେକ ଓ ବୁଦ୍ଧି ବଳରେ ନିଜର ମାର୍ଗ ବଦଳାଇ ଦେଲେ ତାହା ଆପେ ଆପେ ପ୍ରତିରୋଧ କରି ହୁଏ ବୋଲି ଭାବନା ରାଜ୍ୟକୁ ତାର ଚାଲି ଆସୁଥିଲା ।।

*ସତ୍ୟନାରାୟଣ ପ୍ରଧାନ*
*ସା /ପୋ - ଅଣ୍ଟିଆ,*
*ଭାୟା /ଥାନା - ଜେନାପୁର,*
*ଜିଲ୍ଲା - ଯାଜପୁର*
*ପିନ୍ - ୭୫୫୦୨୩,*
*ମୋ ୯୧୭୮୩୧୩୬୪୪*

## ଅଫେରା ଶ୍ରାବଣ

କାହିଁକି ବା କରିବି ବିଳାପ
ଜୀବନଟା ଚୋରାବାଲି
ଜଣାପଡେ ନାହିଁ ପାଦଦୁଇଟି
ଧିରେ ଧିରେ ଭିତରକୁ ଧସିଯାଏ ଖାଲି ।
ଅପସରି ଯାଏ ମନର ସୁନ୍ଦର ବୁଢିଆଣୀ
ଜାଲରେ ଧରିଥିବା ମୋହ ମାନଙ୍କୁ
ବୁଭୂକ୍ଷିତ ହୃଦୟ ବାହୁନେ
ଝରିପଡେ ଲୁହର ସଂଳାପ ।
ଶୁଭେନାହିଁ ଆଉ
ଜୀବନ କଣ୍ଠରୁ ଅସରନ୍ତି ମୂର୍ଚ୍ଛନା
ସର୍ପିଳ ଗତି ହୁଏନି
ଆଉ ଛନ୍ଦାୟିତ ।
ଉଦାସ ଉଦାସ ଲାଗେ
ଶୁଷ୍କ ଝରା ପତ୍ରର ମର୍ମର ।
ଇଚ୍ଛାହୁଏ ସମୀରରେ ଫିଙ୍ଗି
ଦେବାକୁ ଯେତେ ସବୁ ଯନ୍ତ୍ରଣା
ଆଉ ହାହାକାର ।
ପୋକଖିଆ ତରୁଡ଼ାଳ ରେ
ଆଉ କେତେ ଅବା
ଗାଇବ କୋଇଲି ।
କାକୁତି, ବିନତି
ସବୁ ହୁଏ ନିରର୍ଥକ
ଅଫେରା ଶ୍ରାବଣତ
ଲୁଟି ନେଇଥାଏ
ସବୁତକ ମହକ ।

*ସୁଧାକର ରାଉତ*
*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*



## ତୁମରି ସୁହାଗ ସୁଖ ଅନୁରାଗ

ଭୁଲିଯାଇଛି ମୁଁ ସାରାଦୁନିଆକୁ
ତୁମକୁ ପାଖରେ ପାଇ
ଦୁଃଖରଗଣ୍ଠିଲି ବୋହିଚାଲୁଅଛି
ସୁଖର ସଙ୍ଗୀତ ଗାଇ ।।
ହୃଦୟକୁ ପ୍ରିୟା ତୁମକୁ ଦେଇଛି
ସହିଯିବି ଦୁଃଖ ଝଡ଼
ମରମ ଜଳିଲେ ଯାତନା ନିଆଁରେ
ଥରୁଛି ଦେହର ହାଡ଼ ।।
ଭଲଲାଗେ ତୁମ ସୁହାଗ ସରାଗ
ପ୍ରୀତି ଚୁମ୍ବନର ଦାଗ
ପାଇ ଅପବାଦ କଣ୍ଟାରେ ପାଦକୁ
ଥାପେ ରଖି ଅନୁରାଗ ।।
ଜାଣିନି ଦୁନିଆ ମତେ କାହିଁଦିଅ
ଦୁଃଖ ଲୁହ ଅବସୋସ
ଭାବିଲେ ତୁମର ମନଦିଆ କଥା
ରାତିହେଇଯାଏ ଶେଷ ।।
କେତେଯେ ଫଗୁଣ ଆସି ଫେରିଯାଏ
ଶ୍ରାବଣ ବରଷାଡାକେ
ତୁମ ପାଉଁଜିର ସୁର କାନେ ପଡେ
ନିଶବ୍ଦ ନିଶିର କାଳେ ।।
ଲେଖି ଲେଖି ଚିଠି କରିଛି ପ୍ରତୀକ୍ଷା
ତୁମେତ ଆସିବ ବୋଲି
ମୋ ହାତ ଧରିବ ପ୍ରେମବି କରିବ
ହୃଦୟ ମରମ ଖୋଲି ।।
ସବୁ ଦୁଃଖ ଲୁହ ବୃଥା ଅବସୋସ
କରିଦିଅ ପ୍ରିୟା ଶେଷ
ତୁମକୁ ପାଇଲେ ଚହଟିଉଠିବ
ନାଲିଓଠଧାରେ ହସ ।।

*ପ୍ରଶାନ୍ତ କୁମାର ଦାଶ*
*କୁଞ୍ଜର ସଙ୍ଗଳାଇ*
*ପିପିଳି ପୁରୀ*
*ମୋ -୯୬୬୮୮୨୨୧୯୦*

## ଭୋଦେଇ ଖରା

ପଡିଲା ଚିକଣ ଖରା,
ଦିଶୁଚି ଉଜ୍ଜ୍ୱଳ ଧରା।
ଶଙ୍ଖ, ତେଲିଙ୍ଗିର ଧୋନି,
ମାଟି ଅନୁକୂଳ ପୁଣି।
ପୁରୋହିତ ପୁଅ ଆସ
ସହଳ ହେ, ମାଙ୍କୁ ସଙ୍ଗରେ ଘେନି॥
ନଇରେ ନିର୍ମଳ ପାଣି,
ଭୋଦେଇ ଚିଙ୍ଗୁଡ଼ି ଆଖି
ଠାର ମାରି ଲୁଚକାଳି ଖେଳିଲାଣି॥
ଆଖିରେ କଜଳ ଧାର,
ନୂଆବୋହୁ ପରା ସଜ ହେଲାଣି ଲୋ
ଯିବାକୁ ବାପର ଘର॥
ପୁନେଇଁ ରାତିର ଜହ୍ନ,
ଇନ୍ଦ୍ରପୁନେଇଁ ଠୁ କୁଆଁର ପୁନେଇଁ
ମନ ହୁଏ ଛନ ଛନ।
ବାଡ଼ିରେ ଜହ୍ନିର ଲତା,
କାକୁଡି ସାଙ୍ଗରେ ଝୁଲୁଛି ଭାଡ଼ିରେ
ଦିଅ ଖଣ୍ଡେ ତାକୁ ବତା॥
ପଧାନ ବାଡ଼ିର ଖଡା,
ଦିଶିଲାଣି ଟିକେ ବୁଢ଼ା।
ପିଢ଼ାରେ ଥାଇକି ବୋଇତି
କହିଲା ଘାଣ୍ଟ ଆସିଲାଣି ପରା॥
ବିଲରେ ନଳିତା ବେଣ୍ଟ,
ଭଣ୍ଡାଏ ପାଣିରେ ଦଶଗୋଡ଼ିଆ କୁ
ବଗ ମାରୁଚିଲୋ ଥଣ୍ଟ।
ସୁନ୍ଦରୀ ଶରତ ଋତୁ,
ହୁଙ୍କା ମୂଳେ ଫୁଟେ ଛତୁ।
ଜାଣିଚି ସୁନ୍ଦର ଓଡ଼ିଆ ସଂସ୍କୃତି
ଯେବେଠୁ ପାଇଚି ହେତୁ॥

*ପ୍ରିୟବ୍ରତ ପଣ୍ଡା,*
*୯୩୩୭୪୯୪୧୬୧(ମୋ)*

## ସଂସ୍କାର

ସାଧାରଣତଃ ମଧ୍ୟବିତ ଏକାନବର୍ତ୍ତୀ ପରିବାରରେ ପାଳିପୋଷି ବଡ ହୋଇଥିବା ସଂଯୁକ୍ତା କଠିଣ ମେହନତ୍ କରି ଚାକିରି ଖଣ୍ଡେ ହାତେଇ ନେଇଥିଲା ମେଟ୍ରୋ ସିଟିର ନାମଜାଦା କମ୍ପାନୀରେ । ସେଥିରେ ପୁଣି ସ୍ୱାଧୀନ ବିଚାରସମ୍ପନ୍ନ ଓ ସମୃଦ୍ଧ ତଥା କୁଳୀନ ପରିବାରର ନିଖିଳ ସହିତ ତାର ବିବାହ ହୋଇଥିଲା । ପ୍ରଥମ ବିବାହବାର୍ଷିକୀରେ ଶାଶୂ-ଶ୍ୱଶୁର ମଧ ସାଦରେ ଆମନ୍ତ୍ରିତ କରିଥିଲେ ସଂଯୁକ୍ତାର ବାପା-ମାଆଙ୍କୁ । ସମବୟସ୍କ ସମସ୍ତ ଅଭିଭାବକ ଓ ନିମନ୍ତ୍ରିତ ଅତିଥି ଅଭ୍ୟାଗତମାନେ ଏକାସାଙ୍ଗରେ ତଳ ମହଲାର ବିରାଟ ହଲରେ ବସି ଖିଆପିଆ କରିବା ସହିତ ଗପସପରେ ମାତିଥିଲେ । ଘରର ଛାତ ଉପରେ ତରୁଣ ଯୁବା ଓ ପିଲାଛୁଆମାନେ ଏକଜୁଟ ହୋଇ ମଜାମସ୍ତିରେ ଗମାତ୍ କରୁଥିଲେ । ଛାତ ଉପରେ ଠିଆହୋଇ ନିଖିଳ ବଡପାଟିରେ କୁହାଟ ଛାଡୁଥିଲେ- ସଂଯୁକ୍ତା ! ତୁମେ ବି ଉପରକୁ ଉଠିଆସ । ସେମିତି ଶାଶୂ ବି କହୁଥିଲେ -ଝିଅ ତୁମେ ଯାଅ, ତୁମେ ବି ସମବୟସ୍କାଙ୍କ ସହିତ ପାର୍ଟିରେ ଉପଭୋଗ କର । କିନ୍ତୁ ସଂଯୁକ୍ତା 'ଯାଉଛି ମାମା' କହି ଅନ୍ୟ କିଛି କାମରେ ଲାଗି ପଡୁଥିଲା । ଖିଆପିଆ ସରିଯିବା ପରେ ଅଁଇଠା ବାସନକୁସନ ଏକାଠି କରୁଥିଲା ସଂଯୁକ୍ତା । ଉପସ୍ଥିତ ସମସ୍ତ ଗୁରୁଜନମାନେ ଯେବେ ଯେଝା ଯେଝା ରୁମ୍‌କୁ ନିଶ୍ଚିନ୍ତ ହୋଇଗଲେ ସଂଯୁକ୍ତାର ମାମା ସବିତା କହିଲେ -ଝିଅ ! ତତେ କେତେବେଳୁ ଜୋଇଁ ଡକେଇଲେଣି । ତୁ ଉପରକୁ କାହିଁକି ଯାଉନୁ ? -ଏଇଲେ ଯାଉଛି, ମାମା । -ଆଗରୁ କାହିଁକି ଯାଉ ନଥିଲୁ ? - ତଳଘରେ କାମ ପାଇଟି ତୁଲାଉଥିଲି । ପିଲାଦିନେ ମୁଁ ନିଜ ଆଖିରେ ନିରେଖି ଦେଖିଛି ଜେଜେମା ସହିତ ତୁମେ ଆଉ ସାନ ବୋଉ କଟାବଟା ଓ ରନ୍ଧାରନ୍ଧିରେ ମାତି ଯାଉଥିଲ । ମୁଁ ବି ସେମିତି କରିବାକୁ ଚେଷ୍ଟା କରୁଛି । କଥା କଣ କି ମାମା, ଘର ସଂସାର ସହିତ ଜଡିତ ହେବା ପାଇଁ ତୁମେ ଯାହାକିଛି ମତେ ଶିଖାଇଥିଲ ସେସବୁ ମୁଁ ଏକାଗ୍ରତାର ସହ ଶୁଣି ହେଜରେ ରଖିଥାଏ । ପିଲାଦିନେ ମତେ ନ ବତେଇଲେ ମଧ ଚିଜ୍‌ଗୁଡିକୁ ନିରୀକ୍ଷଣ କରି ସଦାବେଳେ ମନେ ରଖିଥାଏ । -ତୁ ଏମିତି ସମଝଦାର ହୋଇଗଲୁଣି ଝିଅ, ମାମା ଗର୍ବର ସହିତ ଛାତି ଫୁଲେଇ କହିଲେ । ସେତିକିବେଳେ ପଛପଟୁ ଆସି ସମୁଦୁଣୀ କହିଲେ- ଏହାଦ୍ୱାରା ମୋ ବୋହୂ ସଂଯୁକ୍ତା ଅପେକ୍ଷା ମୋର ବିଚାର ତ ଯଥେଷ୍ଟ ବଦଳିଯାଇଛି । ମୁଁ ସର୍ବଦା ଭାବୁଥିଲି ଶାଶୂ-ବୋହୂ ଅଲଗା ରହିଲେ ଭଲ ପାଇବାଟା ଅତୁଟ ରହେ ବୋଲି । କିନ୍ତୁ ସଂଯୁକ୍ତା ଏକାନ୍ନବର୍ତୀ ପରିବାରରେ ବିଗତ ଦିନମାନଙ୍କର ସ୍ମୃତିସବୁ ପରାମର୍ଶ ରୂପେ ଗଂଠିଧନ ଭଳି ସମ୍ଭାଦି ରଖିଛି ମନରେ । ସେଇ ସ୍ମୃତି ସହିତ ଜଡିତ ଥିଲା ବାପା ଓ ଜେଜେମାଙ୍କ ଭୂମିକା । -କେତେ ସମ୍ମାନ, ସମ୍ଭ୍ରମବୋଧ ଓ ଭଲ ପାଇବା ଥିଲା । ସତରେ ସମୁଦୁଣୀ, ବୃଦ୍ଧ ଓ ପ୍ରୌଢମାନଙ୍କ ସାଥିରେ ରହିବା ଦ୍ୱାରା ସଂସ୍କାର, ବଡମାନଙ୍କର ସ୍ନେହ ଆଦର ସମ୍ମାନ, ପରମ୍ପରା, ରୀତିନୀତି, ଚଳଣି ପରମ୍ପରା ଏମିତି କେତେକଣ କାଗଜ କଲମରେ ଲେଖି ମଧ ଶିଖାଇ ହୁଏନା । ପିଲାମାନେ ସେହି ପରିବେଶରେ ପାଳିପୋଷି ବଡହୋଇ ନିଜେ ହିଁ ଶିଖିଯାଆନ୍ତି ।



*ମୂଳ ହିନ୍ଦୀ-ସଂଧ୍ୟା ତ୍ରିପାଠୀ*
*ନଗେନ୍ଦ୍ର ନାଥ ପଟ୍ଟନାୟକ,*
*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡିଶା ସରକାର*
*ଓସ୍କାର ସିଟି, ଲେନ ନଂ-୯, ପ୍ଲଟ ନଂ-୪୫୬*
*ଲକ୍ଷ୍ମୀସାଗର କେନାଲ ରୋଡ୍ , ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*

## ପାର୍ବଣ ପଦପାତେ

◆ ଆଦ୍ୟାଶା ମହାପାତ୍ର

ଉଛୁର ହେଲାଣି କହି ମେଘ ମାଗେ ମାଟିରୁ ମେଲାଣି
ଗଭାରେ ଗଙ୍ଗଶିଉଳି ବାନ୍ଧିଲେଣି ଗାଆଁ ଭୁଆସୁଣୀ,
ମଖମଲି ଶୁଭ୍ରକାନ୍ତି କାଶତଣ୍ଡୀ ଦୃଶ୍ୟ ନଦୀ ତୀରେ
ଖୁସିମନେ ଦୋଳାୟିତ ପବନର ପ୍ରୀତି ଅଭିସାରେ।

ଅଶିଣର ଅଗଣାରେ ଏବେ ପରା ଅଚାନକ ଭିଡ
ପୁଲକିତ ଏବେ ଧରା ଶୋଭାମୟ ନଦୀ ପ୍ରାନ୍ତ ବିଲ,
ଶୁଭ ଶଂଖ ତୂରୀ ସାଥେ ନିନାଦିତ ନାଗରା ର ନାଦ
ଗ୍ରାମେ ବା ସହରେ ଶୁଭେ ପାର୍ବଣର ମୃଦୁ ପାଦଶବ୍ଦ ।।

ମୁକ୍ତାକାଶ ରଙ୍ଗମଞ୍ଚେ ଆତଯାତ ଅଂଶୁମାନ ଚାନ୍ଦ
ସରୋବର ସ୍ୱଚ୍ଛ ନୀରେ ପ୍ରସ୍ଫୁଟିତ କମଳ କୁମୁଦ,
ବନ ଉପବନେ ଖେଳେ ସବୁଜିମା ନାନା ପୁଷ୍ପରାଜି
ନୈସର୍ଗିକ ଦିବ୍ୟକାନ୍ତି ଅପରୂପା ଏ ଧରଣୀ ଆଜି ।।

ଶୁଭ ଲଗ୍ନେ ବିରାଜିତ ଦୁର୍ଗା ମାତ ନାଶିବାକୁ କ୍ଳେଶ
କ୍ଷୟ ହେବ ପାପରାଶି ପ୍ରାପ୍ତ ହେବ ମାଆଙ୍କ ଆଶିଷ ।।

*ନୂଆପଡା, କଟକ*

## କପାଳ ଲିଖନ

◆ ରତ୍ନକାନ୍ତି ମିଶ୍ର

ଶିଳାଖଣ୍ଡ କେବେ ହୋଇ କି ପାରିବ ଶିଳ୍ପୀ ଗଢା ମୂର୍ତ୍ତି ତୁଲ
ଝଡ଼ିଗଲା ଧୂଳି ପାଇବ କି କେବେ ଆପଣା ତ୍ୟାଗର ମୂଲ,
ମଉଳା ଫୁଲର ଉଜୁଡା ମହକେ ଅଳି କି ଥାପଇ ପାଦ
କିସ ଅବା ଲାଭ ଧ୍ୱଂସ ସ୍ତୁପ ତଳୁ ଖୋଜିବା ଜୀବନ ଛନ୍ଦ।।

ରଙ୍ଗଶାଳାର ରଙ୍ଗୀନ ରାତିରେ ବଦଳେ କି ରଙ୍ଗ ଭାଗ୍ୟ
ଠିକଣା ରଖେନା କିଏ ସେ ଅତିଥି ଜାଣେନା ଖୁସିର ଜାଗ,
ତୁଠ ପଥର ଯେ ପାଦର ମାଜଣା ସେବା ପାଇଁ ଲୋଡା ତା'ର
ତାକୁ କିଏ ନେଇ ତୋଳିବ କି ସତେ ଆଶା ଭରସାର ଘର।।

ପାନ୍ଥଶାଳା ଠିଆ ପଥପ୍ରାନ୍ତ ପରେ ପାନ୍ଥ ପ୍ରତିକ୍ଷୀତ ହୋଇ
ରିକ୍ତ ତା କୋଳ ବିଧୁରିତ ପ୍ରାଣ ରାତି ଯେବେ ଯାଏ ପାହି,
ବୃଦ୍ଧାବସ୍ଥା ଯେବେ ଖୋଜଇ ସାନ୍ନିଧ ସ୍ୱପ୍ନ ହୁଏ ପରାହତ
ରକ୍ତର ସମ୍ପର୍କ ଭୁଲି ବସେ କେବେ ତା'ପାଇଁ କେ ପ୍ରତିକ୍ଷୀତା।

ଜୀବନେ ଏମିତି ଅନେକ ପ୍ରସଙ୍ଗ ହୃଦୟରେ ହୁଏ ଲେଖା
କପାଳ ଲିଖନ କେ କରିବ ଆନ ଦେଖି ସବୁ ଅଣଦେଖା ।।

*ଆଳି, କେନ୍ଦ୍ରାପଡା*

## ଅଭୁଲା ହେଉଛି ବେଶି

◆ କୀର୍ତ୍ତନ ସାହୁ

ଭୁଲିବାକୁ ଯେତେ ଚାହୁଁଛି ହେଲେ ବି
ବେଶି କିଆଁ ମନେ ପଡ
ଯେତେ ଦୂରେ ଯାଇ ରହିଲା ପରେ ବି
ହୃଦୟେ ମୋହର ଜଡ ।୦।
ଯେବେ ଠୁ କହିଲ ନ ଯିବା ପାଇଁକି
ଯାଉ ନାହିଁ ନଦୀ କୂଳ
ଯେବେଠୁ କହିଲ ଭୁଲି ଯାଅ ବୋଲି
ମୁଣ୍ଡରେ ହେଉଛି ଠୁଳ
କଥା ତମ ମାନି ଶୋଇ ପଡିଲେ ବି
ରାତି ସାରା ଉଠୁ ପଡ
ଭୁଲିବାକୁ ଯେତେ ଚାହୁଁଛି ...... । ୧ ।
ଯେବେ ଠୁ କହିଲ ସେହି ମୁହୂର୍ତ୍ତରୁ
ଚିଠି ଆଉ ପଢୁନାହିଁ
ମନା କରିଥିଲ ବୋଲି ଯାଉ ନାହିଁ
ଆଉ ତମ ଗଳି ଦେଇ
ଭାବିବିନି ବୋଲି ଭାବୁଛି ହେଲେ ବି
ଭାବି ଭାବି ଜଡସଡ ...... । ୨ ।

*ମିଶ୍ର କଲୋନୀ*
*ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ - ୯୪୩୮୪୧୪୭୦୧*

# ଜ୍ଞାନକୌଶଳର ଦେବତା

# ବିଶ୍ୱକର୍ମା



**ଭାଗବତ ପୁରାଣର ଆଖ୍ୟାୟିକାରୁ ଏହା ସ୍ପଷ୍ଟ ଜଣାପଡ଼େ ଯେ ଦେବଶିଳ୍ପୀ ବିଶ୍ୱକର୍ମା ବିଶ୍ୱର ସୃଷ୍ଟିକର୍ତ୍ତା । ତାଙ୍କ ସୃଷ୍ଟିର ସର୍ଜନା ପାଇଁ ସେ ଶିଳ୍ପୀ, ସେ ବୈକୁଣ୍ଠବାସୀ, ସେ ସର୍ବଗୁଣ ସଂପନ୍ନ, ସେ ସର୍ବଶକ୍ତିମାନ, ସର୍ବନିୟନ୍ତା । ମଣିଷର କାର୍ଯ୍ୟର ପାର୍ଥକ୍ୟରେ ଯେପରି ଜାତିର ସୃଷ୍ଟି ସେହିପରି ଭଗବାନଙ୍କୁ ନାନା ରୂପରେ କଳ୍ପନା କରାଯାଇଛି । ଯେତେବେଳେ ସୃଷ୍ଟି କରନ୍ତି ସେତେବେଳେ ସେ ବ୍ରହ୍ମା, ଯେତେବେଳେ ପାଳନ କରନ୍ତି ସେତେବେଳେ ସେ ବିଷ୍ଣୁ, ପୁଣି ଯେତେବେଳେ ସଂହାର କରନ୍ତି ସେତେବେଳେ ସେ ରୁଦ୍ର । ସେହିପରି ତାଙ୍କରି ଇଚ୍ଛାରେ ସେ ଯେତେବେଳେ ଶିଳ୍ପୀ ସେତେବେଳେ ସେ ବିଶ୍ୱକର୍ମା ବୋଲି ପରିଚିତ ହୁଅନ୍ତି । ସେ ପ୍ରତ୍ୟେକ ପ୍ରାଣୀଙ୍କ ହୃଦୟରେ ରହି ତାଙ୍କରି ଇଚ୍ଛାମତେ ପ୍ରତ୍ୟେକ କାର୍ଯ୍ୟର ନିୟନ୍ତ୍ରଣ କରନ୍ତି ।**

ବାର ମାସରେ ତେର ଓଷା ବ୍ରତ ଭିତରେ ବିଶ୍ୱକର୍ମା ପୂଜା ଅନ୍ୟତମ । ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟିକର୍ତ୍ତା । ପୁରାଣମାନଙ୍କରୁ ଜଣାଯାଏ ଯେ ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛି ସୃଷ୍ଟିକର୍ତ୍ତା । ତେଣୁ କେତେକ ବିଶ୍ୱକର୍ମାଙ୍କୁ ବ୍ରହ୍ମାରୂପେ କଳ୍ପନା କରି ପୂଜା କରନ୍ତି । ତା ଛଡ଼ା ବଙ୍ଗ, ବିହାର, ପ୍ରଭୃତି ସ୍ଥାନ ମାନଙ୍କରେ ଶ୍ରୀ ଶ୍ରୀ ନାରାୟଣ ଦେବଙ୍କୁ ପୂଜା କରନ୍ତି ବିଶ୍ୱକର୍ମା ପୂଜାଭାବରେ । କାରଣ ସେମାନଙ୍କର ଧାରଣା ଯେ ବିଶ୍ୱକର୍ମା ସ୍ୱୟଂ ବିଷ୍ଣୁ ।

ଓଡ଼ିଶାରେ କଳାକାରମାନେ ବିଶ୍ୱକର୍ମାଙ୍କୁ ଏକ ସ୍ୱତନ୍ତ୍ର ରୂପ ଦେଇଛନ୍ତି । କିମ୍ବଦନ୍ତୀ କହେ ସ୍ୱୟଂ ଜଗନ୍ନାଥଙ୍କୁ ବିଶ୍ୱକର୍ମା ନିଜେ ନିର୍ମାଣ କରିଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥ ମନ୍ଦିର ନିର୍ମାଣ କରିବାପରେ ବାଙ୍କି ମୁହାଣରୁ ସଂଗ୍ରହ କରାଯାଇଥିବା ଦାରୁରେ ଜଗନ୍ନାଥ ମୂର୍ତ୍ତି ନିର୍ମାଣ କରିବାକୁ ନାନା ଦେଶରୁ ଦକ୍ଷ ଶିଳ୍ପୀମାନଙ୍କୁ ଅଣାଇ କାମରେ ଲଗାଇଥିଲେ । କିନ୍ତୁ ସେମାନଙ୍କର ନିହଣ ମୁନରେ ସେ ଦାରୁ ଖୋଳଯାଇ ପାରିଲା ନାହିଁ । ବରଂ ସେଗୁଡ଼ିକର ଧାର ଓଲଟିଗଲା । ପ୍ରତ୍ୟେକ ନିରାଶରେ ଫେରିବାରେ ଲାଗିଲେ ଓ ଦିନକୁ ଦିନ ରାଜା, ରାଣୀଙ୍କ ମନରେ ଭାଳେଣି ପଡ଼ିଲା । ଶେଷରେ ଦିନେ ଗୋଟିଏ ବୁଢ଼ା ବଢ଼େଇ ଆସି ପହଞ୍ଚିଲା ସେ ସ୍ଥାନରେ । ସେ ଯେ ମୂର୍ତ୍ତି ନିର୍ମାଣ କରିପାରିବ ରାଜା-ରାଣୀ ଏ ବିଶ୍ୱାସ କରିପାରିଲେ ନାହିଁ । ପରିଶେଷରେ ବୁଢ଼ା ବଢ଼େଇଙ୍କୁ ନିର୍ମାଣ ଦାୟିତ୍ୱ ଦିଆଗଲା । ବୁଢ଼ା ବଢ଼େଇ ସର୍ତ୍ତ ରଖିଥିଲା ୨୧ ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ । ସେ ଉପବାସ କରି ମୂର୍ତ୍ତି ନିର୍ମାଣ କରିବ । ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ ରଖିଲେ । ପ୍ରତ୍ୟେକ ଦିନ ରାଜା ଭିତରରୁ ଠକ ଠକ ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାଆନ୍ତି । ହଠାତ୍ ଆଉ ଶବ୍ଦ ନ ଶୁଭିବାରୁ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ । ବୁଢ଼ା ବଢ଼େଇ ଉପବାସରେ ମୃତ୍ୟୁବରଣ କରିଛି ବୋଲି ସେ ଭାବିଲେ । ମନ୍ଦିର ମାରାହେବା ଭୟରେ ଓ ଗୁଣ୍ଡିଚା ରାଣୀଙ୍କ ଅନୁରୋଧକ୍ରମେ ଦ୍ୱାର ଉନ୍ମୁକ୍ତ କରାଗଲା । ଦେଖାଗଲା ଯେ ବୁଢ଼ା ବଢ଼େଇ ନାହାନ୍ତି - ଅଛି କେବଳ ଦରଗଢ଼ା ଜଗନ୍ନାଥ ମୂର୍ତ୍ତି । ଏଥିରେ ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲା ଯେ, 'ମୋର



ଯେଉଁ ରୂପରେ ଆବିର୍ଭାବ ହେବାର ଇଚ୍ଛା ସେହି ରୂପରେ ହିଁ ଆବିର୍ଭୂତ ହୋଇଛି - ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ ।' ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ ସ୍ୱର୍ଗ କାରିଗର ବିଶ୍ୱକର୍ମା ।

ଭକ୍ତର ଭଗବାନ ସ୍ୱୟଂ ବଢ଼େଇ ରୂପରେ ଭକ୍ତର ମନୋବାଞ୍ଛା ପୂରଣ କରିବା ପାଇଁ ଆସି ନିଜର ମୂର୍ତ୍ତିକୁ ନିଜେ ଗଢ଼ିଥିଲେ ବୋଲି ଓଡ଼ିଶାରେ ସାଧାରଣତଃ ଏହି ବୁଢ଼ା ବଢ଼େଇ ରୂପକୁ ହିଁ ବିଶ୍ୱକର୍ମାଙ୍କର ରୂପ ବୋଲି କଳ୍ପନା କରାଯାଏ । ଲକ୍ଷ୍ମୀ ପୁରାଣରୁ ମଧ ଜଣାଯାଏ ଯେ, ବିଶ୍ୱକର୍ମାଙ୍କ ପୁର ହେଉଛି ବୈକୁଣ୍ଠପୁର । ଶ୍ରୀୟାଚଣ୍ଡାଳୁଣୀ ଘରକୁ ଜଗତ ଜନନୀ ମା' ଠାକୁରାଣୀ ଯାଇଥିଲେ ବୋଲି ବଳଭଦ୍ରଙ୍କ ପ୍ରରୋଚନାରେ ଯେତେବେଳେ ଜଗନ୍ନାଥ ତାଙ୍କୁ ମନ୍ଦିରରୁ ବାହାର କରିଦେଲେ ସେତେବେଳେ ମା' ଲକ୍ଷ୍ମୀ ବାପ ଘରକୁ ନଯାଇ ବିଶ୍ୱକର୍ମାଙ୍କୁ ସ୍ମରଣ କରି ନିବେଦନ କରିଥିଲେ ଗୋଟିଏ ମନ୍ଦିର ନିର୍ମାଣ ପାଇଁ । ଏହି ବିଶ୍ୱକର୍ମା ବୈକୁଣ୍ଠରୁ ଅବତରଣ କରି ମା'ଙ୍କ ପାଇଁ ବୈକୁଣ୍ଠ ସମାନ ନବର ନିର୍ମାଣ କରିଥିଲେ ।

ଭାଗବତରୁ ଜଣାଯାଏ ଯେ ଯେତେବେଳେ ଭକ୍ତ ସୁଦାମା ଖୁଦ ଭଜା ହାତରେ ଧରି ଦ୍ୱାରିକାର ରାଜା କୃଷ୍ଣଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିଲେ, ସେତେବେଳେ କୃଷ୍ଣ ଆନନ୍ଦରେ କୁଣ୍ଢାଇ ପକାଇଥିଲେ ତାଙ୍କୁ । ସୁଦାମା ନିଜର ମନକଥା କୃଷ୍ଣଙ୍କ ନିକଟରେ ପ୍ରକାଶ କରି ନଥିଲେ ମଧ ଅନ୍ତର୍ଯ୍ୟାମୀଙ୍କୁ କେଉଁ କଥା ଅଗୋଚର । ସଙ୍ଗେ ସଙ୍ଗେ ଦେବ ଦେବ କୃଷ୍ଣ ବିଶ୍ୱକର୍ମାଙ୍କୁ ଆଜ୍ଞା ଦେଇଥିଲେ ସୁଦାମାର ପ୍ରାସାଦ ନିର୍ମାଣ କରି ଧନଧାନ୍ୟ ଗୋପଲକ୍ଷ୍ମୀରେ ଭରପୁର କରିବା ଲାଗି । ଦ୍ୱାରିକା ଭୁବନରେ ଥିବା କୃଷ୍ଣଙ୍କର ପୁର ମଧ ଏହି ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ବୋଲି ଭାଗବତରୁ ଜଣାଯାଏ ।

ଆଶ୍ୱିନ ସଂକ୍ରାନ୍ତି ଦିନରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୁଏ । ଏ ପୂଜାର ତିଥି ନକ୍ଷତ୍ର ମୁହୂର୍ତ୍ତାଦିର ବିଚାର ନାହିଁ । ଅତୀତରୁ ଏହି ପର୍ବ ପ୍ରାୟ ପ୍ରତ୍ୟେକ ଶିଳ୍ପୀଙ୍କ ଘରେ ପାଳିତ ହେଉଥିଲା । ଓଡ଼ିଶାରେ ବଢ଼େଇ, କମାର, ତନ୍ତୀ ଇତ୍ୟାଦି ଜାତିର ଲୋକେ ହାତ ହତିଆରକୁ ପୂଜା କରୁଥିଲେ । ଯେପରି ଧନର ଅଧିଶ୍ୱର ଗଣେଶ, ବିଦ୍ୟାର ଅଧିଶ୍ୱରୀ ସରସ୍ୱତୀ, ଗନ୍ତାଘରର ରକ୍ଷକ କୁବେର ଠିକ୍ ସେହିପରି ଶିଳ୍ପକଳା, ଯାନ୍ତ୍ରିକ ବିଦ୍ୟାର ଅଧିକାରୀ ବିଶ୍ୱକର୍ମା ବୋଲି ବିଶ୍ୱାସ କରାଯାଏ । ଅତୀତରେ ଏ ମୂର୍ତ୍ତିପୂଜାର ପ୍ରଚଳନ ନଥିଲା, ତେଣୁ ଘଟପୂଜା ହେଉଥିଲା । ତାଛଡ଼ା କେତେକ ସ୍ଥାନରେ ଶାଳଗ୍ରାମକୁ ପୂଜା ମଧ କରାଯାଉଥିଲା । ସ୍ଥାନେ ସ୍ଥାନେ ଗୋଟିଏ ବୁଢ଼ା ବଢ଼େଇର ମୂର୍ତ୍ତିକୁ ମଧ ଅୟୁଧ ସଙ୍ଗେ ପୂଜା କରାଯାଉଥିବାର ପ୍ରମାଣ ରହିଛି । ଏହି ଦିନଟି ଠିକ୍ ସରସ୍ୱତୀ ପୂଜା ବା ଗଣେଶ ପୂଜା ପରି ପାଳିତ ହେଉଥିଲା । ପ୍ରତ୍ୟେକ ନିଜ ନିଜର ଅୟୁଧମାନ ପୂଜାରେ ବସାଇ ସେଦିନ ଉପବାସ କରୁଥିଲେ ଓ କେତେକ ସ୍ଥାନରେ ନୂତନ ବସ୍ତ୍ର ମଧ ପରିଧାନ କରୁଥିଲେ । ଭାଗବତ ପୁରାଣର ଆଖ୍ୟାୟିକାରୁ ଏହା ସ୍ପଷ୍ଟ ଜଣାପଡ଼େ ଯେ ଦେବଶିଳ୍ପୀ ବିଶ୍ୱକର୍ମା ବିଶ୍ୱର ସୃଷ୍ଟିକର୍ତ୍ତା । ତାଙ୍କ ସୃଷ୍ଟିର ସର୍ଜନା ପାଇଁ ସେ ଶିଳ୍ପୀ, ସେ ବୈକୁଣ୍ଠବାସୀ, ସେ ସର୍ବଗୁଣ ସଂପନ୍ନ, ସେ ସର୍ବଶକ୍ତିମାନ, ସର୍ବନିୟନ୍ତା । ମଣିଷର କାର୍ଯ୍ୟର ପାର୍ଥକ୍ୟରେ ଯେପରି ଜାତିର ସୃଷ୍ଟି ସେହିପରି ଭଗବାନଙ୍କୁ ନାନା ରୂପରେ କଳ୍ପନା କରାଯାଇଛି । ଯେତେବେଳେ ସୃଷ୍ଟି କରନ୍ତି ସେତେବେଳେ ସେ ବ୍ରହ୍ମା, ଯେତେବେଳେ ପାଳନ କରନ୍ତି ସେତେବେଳେ ସେ ବିଷ୍ଣୁ, ପୁଣି ଯେତେବେଳେ ସଂହାର କରନ୍ତି ସେତେବେଳେ ସେ ରୁଦ୍ର । ସେହିପରି ତାଙ୍କରି ଇଚ୍ଛାରେ ସେ ଯେତେବେଳେ ଶିଳ୍ପୀ ସେତେବେଳେ ସେ ବିଶ୍ୱକର୍ମା ବୋଲି ପରିଚିତ ହୁଅନ୍ତି । ସେ ପ୍ରତ୍ୟେକ ପ୍ରାଣୀଙ୍କ ହୃଦୟରେ ରହି ତାଙ୍କରି ଇଚ୍ଛାମତେ ପ୍ରତ୍ୟେକ କାର୍ଯ୍ୟର ନିୟନ୍ତ୍ରଣ କରନ୍ତି ।

**ବାର ମାସରେ ତେର ଓଷା ବ୍ରତ ଭିତରେ ବିଶ୍ୱକର୍ମା ପୂଜା ଅନ୍ୟତମ । ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟିକର୍ତ୍ତା । ପୁରାଣମାନଙ୍କରୁ ଜଣାଯାଏ ଯେ ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛି ସୃଷ୍ଟିକର୍ତ୍ତା । ତେଣୁ କେତେକ ବିଶ୍ୱକର୍ମାଙ୍କୁ ବ୍ରହ୍ମାରୂପେ କଳ୍ପନା କରି ପୂଜା କରନ୍ତି । ତା ଛଡ଼ା ବଙ୍ଗ, ବିହାର, ପ୍ରଭୃତି ସ୍ଥାନ ମାନଙ୍କରେ ଶ୍ରୀ ଶ୍ରୀ ନାରାୟଣ ଦେବଙ୍କୁ ପୂଜା କରନ୍ତି ବିଶ୍ୱକର୍ମା ପୂଜାଭାବରେ । କାରଣ ସେମାନଙ୍କର ଧାରଣା ଯେ ବିଶ୍ୱକର୍ମା ସ୍ୱୟଂ ବିଷ୍ଣୁ ।**

ଆଧୁନିକ ଯୁଗରେ ନାନା ଶିଳ୍ପର ଘଟିଛି ପରିପ୍ରକାଶ । ତା' ସଙ୍ଗେ ସଙ୍ଗେ ବିଶ୍ୱକର୍ମାଙ୍କ ପ୍ରଚାର ଓ ପ୍ରସାର ସବୁଠାରେ ଆଦର ଅଭ୍ୟର୍ଥନା ପାଉଛି । ସ୍ଥାନେ ସ୍ଥାନେ ନିର୍ମିତ ମୂର୍ତ୍ତିପୂଜା ପରେ ଦୁଇ ତିନିଦିନ ରହୁଥିବାର ଦେଖାଯାଏ । ତା'ଛଡ଼ା ଏହି ପୂଜା ଉପଲକ୍ଷେ ସରସ୍ୱତୀ ଓ ଗଣେଶ ପୂଜାଭଳି ଭୋଜିଭାତର ଆୟୋଜନ ହୋଇଥାଏ । କିନ୍ତୁ ଏଠାରେ ଗୋଟିଏ ବ୍ୟତିକ୍ରମ ଲକ୍ଷ୍ୟ କରାଯାଏ । ପୂଜାମାନଙ୍କରେ ସାଧାରଣତଃ ଆମିଷ ଭୋଜନର ନିଷେଧ ଥାଏ କିନ୍ତୁ ଶ୍ରୀବିଶ୍ୱକର୍ମା ପୂଜା ଉପଲକ୍ଷେ ଯେଉଁ ଭୋଜି ହୁଏ ଏଥିରେ କେତେକ ସ୍ଥାନରେ ମାଛ ମାଂସର ପ୍ରଚଳନ ଦୃଷ୍ଟିଗୋଚର ହୁଏ । ଫଳରେ ବିଶ୍ୱକର୍ମା ପୂଜା ଆଜି କେବଳ ବଢ଼େଇ ସଂପ୍ରଦାୟରେ ସୀମିତ ନାହିଁ । ବ୍ରାହ୍ମଣ, କରଣ, ବଢ଼େଇ, କାରଖାନା ଓ ଶିଳ୍ପାୟତନରେ କାର୍ଯ୍ୟରତ ବ୍ୟକ୍ତିମାନେ ଏ ପୂଜା କରୁଛନ୍ତି ।



## ବାମନ ଅବତାରରେ ଶ୍ରୀବିଷ୍ଣୁ ବଳୀଙ୍କୁ ଶିକ୍ଷା

ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ପାଳନ କରାଯାଏ ଭଗବାନ ଶ୍ରୀବିଷ୍ଣୁଙ୍କ ଅବତାର ଶ୍ରୀବାମନଙ୍କ ପବିତ୍ର ଜନ୍ମୋତ୍ସବ । ଦେବଲୋକରେ ଇନ୍ଦ୍ରଙ୍କ ଅଧିକାର ପୁନଃ ସ୍ଥାପିତ କରିବା ପାଇଁ ଶ୍ରୀବିଷ୍ଣୁ ବାମନ ଅବତାର ନେଇଥିବା ପୁରାଣରେ ବର୍ଣ୍ଣିତ ଅଛି । ଶ୍ରୀମଦ୍‌ଭାଗବତର ଅଷ୍ଟମ ସ୍କନ୍ଧରେ ଥିବା ବର୍ଣ୍ଣନା ଅନୁଯାୟୀ, ଏହି ତିଥିରେ ମକର ଚନ୍ଦ୍ର ଶ୍ରବଣା ନକ୍ଷତ୍ର ଅଭିଜିତ ମୁହୂର୍ତ୍ତରେ ଭଗବାନ ବିଷ୍ଣୁ ବାମନ ଅବତାରରେ ପ୍ରକଟ ହୋଇଥିଲେ ।

ସତ୍ୟଯୁଗରେ ପ୍ରହ୍ଲାଦଙ୍କ ପୌତ୍ର ଦୈତ୍ୟରାଜ ବଳୀ ସ୍ୱର୍ଗଲୋକରେ ଅଧିକାର ସାବ୍ୟସ୍ତ କରିଥିଲେ । ବଳୀ ଦାନବୀର ଥିଲେ । ସର୍ବଦା ଧର୍ମ ଆଚରଣ କରୁଥିଲେ । ଫଳରେ ତାଙ୍କୁ ପରାସ୍ତ କରିବା ଅସମ୍ଭବ ଥିଲା । ସବୁ ଦେବଗଣ ବଳୀଙ୍କ ଠାରୁ ପରାଜିତ ହୋଇ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ । ଭଗବାନ ବିଷ୍ଣୁ ଦେବତା ମାନଙ୍କୁ ବାମନ ରୂପରେ ଅବତାର ନେବା ଲାଗି ପ୍ରତିଶ୍ରୁତି ଦେଲେ । ଏହାର କିଛି ଦିନ ପରେ ଭାଦ୍ରପଦ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଋଷି କଶ୍ୟପଙ୍କ ପୁତ୍ର ରୂପରେ ଦେବମାତା ଅଦିତିଙ୍କ ଗର୍ଭରୁ ଭଗବାନ ବାମନ ଉତ୍ପନ୍ନ ହୋଇଥିଲେ । ଥରେ ରାଜା ବଳୀ ଅଶ୍ୱମେଧ ଯଜ୍ଞ କରୁଥିବା ସମୟରେ ବାମନ ଯାଇ ଯଜ୍ଞଶାଳାରେ ପହଞ୍ଚିଲେ । ଦାନ ସ୍ୱରୂପ ତାଙ୍କୁ ତିନିପାଦ ଭୂମି ମାଗିଲେ । ଦୈତ୍ୟ ଗୁରୁ ଶୁକ୍ରାଚାର୍ଯ୍ୟ ଭଗବାନଙ୍କ ଲୀଳା ବୁଝି ପାରି ବଳୀଙ୍କୁ ଦାନ ଦେବା ଲାଗି ମନାକଲେ । ମାତ୍ର ଦାନ ଦେବା ଲାଗି ବଳୀ ଉଦ୍ୟତ ହୁଅନ୍ତେ, ଶୁକ୍ରାଚାର୍ଯ୍ୟ ଏକ ମାଛି ରୂପ ଧରି ତାଙ୍କ ଶଙ୍ଖରେ ପଶିଗଲେ । ଶଙ୍ଖ ବଜାଇ ନପାରିବାରୁ ଏକ ଶଙ୍ଖ ସଫା କରିବା ଲାଗି ଏକ ଘାସ ପୁରାଇଦେଲେ । ଏହାଦ୍ୱାରା ଶୁକ୍ରାଚାର୍ଯ୍ୟଙ୍କ ଗୋଟିଏ ଆଖି କଣା ହୋଇଯାଇଥିଲା । ଏହାପରେ ଭଗବାନ ବାମନ ତିନି ପାଦ ଭୂମି ନେବା ଲାଗି ସଂକଳ୍ପ ନେଲେ । ପ୍ରଥମ ପାଦରେ ସମ୍ପୂର୍ଣ୍ଣ ଧରିତ୍ରୀ ଏବଂ ଦ୍ୱିତୀୟ ପାଦ ସମ୍ପୂର୍ଣ୍ଣ ସ୍ୱର୍ଗ ରଖିବା ପରେ ତୃତୀୟ ପାଦ ରଖିବା ପାଇଁ ଭୂମି ମିଳିନଥିଲା । ଏହାପରେ ରାଜା ବଳୀ ନିଜ ମୁଣ୍ଡ ଦେଖାଇଥିଲେ । ବଳୀଙ୍କ ଦାନପ୍ରିୟତା ଦେଖି ଭଗବାନ ବିଷ୍ଣୁ ତାଙ୍କୁ ପାତାଳ ଲୋକର ସ୍ୱାମୀ କରିଦେଇଥିଲେ । ତାଙ୍କ ମୁଣ୍ଡରେ ଗୋଟିଏ ପାଦ ରଖି ବଳୀଙ୍କୁ ପାତଳ ଲୋକରେ ସ୍ଥାପିତ କରିଥିଲେ । ବାମନ ଅବତାରରେ ଶ୍ରୀବିଷ୍ଣୁ ବଳୀଙ୍କୁ ଶିକ୍ଷା ଦେଲେ ଯେ ଦମ୍ଭ ଓ ଅହଂକାର ଦ୍ୱାରା ଜୀବନରେ କିଛି ହାସଲ ହୋଇନଥାଏ । ଧନସମ୍ପତ୍ତି କ୍ଷଣ ଭଙ୍ଗୁର । ଏହାକୁ ନେଇ ମନୁଷ୍ୟ ଗର୍ବ କରିବା ଆଦୌ ଉଚିତ ନୁହେଁ ।

*ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର*
*ସହ-ପ୍ରତି ଋତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, କଟକ ବଡ଼ମେଡ଼ିକାଲ,*
*ଦୂରଭାଷ : ୯୪୩୭୦୫୧୯୫୭*

## ବିଶ୍ୱକର୍ମାର ଶିଳ୍ପୀପଣ ସଞ୍ଚପି କରିଛି ନିର୍ମାଣ...

ବିଶ୍ୱର ଅନ୍ୟତମ ସୃଷ୍ଟିକର୍ତ୍ତା ହେଉଛନ୍ତି ବିଶ୍ୱକର୍ମା । କେତେକ ଶାସ୍ତ୍ରରେ ବିଶ୍ୱକର୍ମାଙ୍କୁ ବ୍ରହ୍ମା ରୂପେ କଳ୍ପନା କରାଯାଇ ପୂଜାକରାଯାଇଛି ତ କେତେକ ସ୍ଥାନରେ ସ୍ୱୟଂ ବିଶ୍ୱକର୍ମାଙ୍କୁ ବିଷ୍ଣୁ ରୂପରେ ପୂଜା କରାଯାଇଥାଏ । କନ୍ୟା ସଂକ୍ରାନ୍ତିରେ ମର୍ତ୍ତ୍ୟରେ ଆବିର୍ଭୁତ ହୋଇଥିଲେ ଦେବଶିଳ୍ପୀ ବିଶ୍ୱକର୍ମା । ତ୍ୱଷ୍ଟା ନାମରେ ସେ ବିଦିତ । ଦିବ୍ୟ ବସ୍ତ୍ର ପରିହିତ ଗଳାରେ ରତ୍ନାକର, କର୍ଣ୍ଣରେ ମକର ମୁଣ୍ଡଳ, ଅନୁପମ ରତ୍ନାଳଙ୍କାରରେ ବିଭୂଷିତ । ସେ ମହାଜ୍ଞାନୀ, କିଶୋର ପରି ପ୍ରତିଭାତ । ଅତ୍ୟନ୍ତ ସୁନ୍ଦର ତେଜସ୍ୱୀ କାମଦେବଙ୍କ ପରି କାନ୍ତିମାନ । ପ୍ରଜାପତି ବ୍ରହ୍ମାଙ୍କ ନାଭି କମଳରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଜନ୍ମବୋଲି ପୁରାଣରେ ବର୍ଣ୍ଣିତ । ବ୍ରହ୍ମାଙ୍କ ନିର୍ଦ୍ଦେଶରେ ସେ ସମଗ୍ର ସୃଷ୍ଟି ରଚନା କରିଥିଲେ । ସେ ସକଳ ଶିଳ୍ପକଳାର ଜନକ । ସେଥିପାଇଁ ବିଭିନ୍ନ ଶିଳ୍ପାନୁଷ୍ଠାନ ମାନଙ୍କରେ କନ୍ୟା ସଂକ୍ରାନ୍ତିରେ ପୂଜା ବିଶ୍ୱକର୍ମା ପୂଜା କରାଯାଏ । ସ୍ୱର୍ଗର ଅମରାବତୀ ତାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ । ଦେବତା ମାନଙ୍କର ସମସ୍ତ ଶାସ୍ତ୍ର, ବିମାନ ଆଦି ଏହାଙ୍କ ଦ୍ୱାରା ନିର୍ମିତ । ବଢ଼େଇ, ନିର୍ମାତା ଓ କାରିଗରମାନେ ନିଜ ନିଜ ଘରେ ବିଶ୍ୱକର୍ମାଙ୍କୁ ପୂଜା କରିଥାନ୍ତି । ବିଭିନ୍ନ ଯନ୍ତ୍ରପାତିକୁ ଶୁଦ୍ଧପୁତ କରି ପୂଜା କରାଯାଏ, ସେଥିପାଇଁ ଏହିଦିନ ଯାନ୍ତ୍ରିକ କାର୍ଯ୍ୟ ବନ୍ଦ ଥାଏ । ବିଶକ୍ୱକର୍ମାଙ୍କ ଧାନର ସଂପର୍କରେ ଉଲ୍ଲେଖ ହୋଇଛି - 'ଧ୍ୟାୟେତ୍ ସତ୍ୟଂ ଗୁଣାତୀତଂ ଗୁଣତ୍ରୟ ସମନ୍ୱିତଂ, ଲୋକନାଥ ତ୍ରିଲୋକକେଶଂ କୌସ୍ତୁଭାଭରଣଂ ହରିମ୍ । ଶୁକ୍ଳବର୍ଣ୍ଣଂ ପୀତବସ୍ତ୍ରଂ ଶ୍ରୀ ବସ୍ତପଦ ଭୂଷିତମ୍, ଗୋବିନ୍ଦଂ ଗୋକୁଳା ନନ୍ଦଂ ବ୍ରହ୍ମାଦି ଦେବ ପୂଜିତମ୍ । ଓଁ ସହସ୍ରଶୀର୍ଷ ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍, ସଭୂମିଂ ସର୍ବତ ସ୍ପୃଷ୍ଟାତ୍ୱା ତିଷ୍ଟଦ୍ଦଶାଙ୍ଗୁଳମ୍ ।' କିମ୍ବଦନ୍ତୀର ଲୋକ କଥନୀକାରୁ ଜଣାଯାଏ ଯେ, ବିଶ୍ୱକର୍ମା ଜଗତରନାଥ ସ୍ୱୟଂ ଜଗନ୍ନାଥଙ୍କୁ ନିର୍ମାଣ କରିଥିଲେ । ସେହିପରି ଲକ୍ଷ୍ମୀ ପୁରାଣର କାହାଣୀରେ ବିଶ୍ୱକର୍ମା ବୈକୁଣ୍ଠପୁରରେ ଅବସ୍ଥାନ କରନ୍ତି ବୋଲି ଉଲ୍ଲେଖ ରହିଛି ସେହିପରି ଶ୍ରୀୟା ଚଣ୍ଡାଳୁଣୀର ଭକ୍ତିନୈବେଦ୍ୟ ମା'ଲକ୍ଷ୍ମୀ ଠାକୁରାଣୀ ଗ୍ରହଣ କରି ବଳଭଦ୍ରଙ୍କ ପ୍ରୋରଚନାରେ ଜଗନ୍ନାଥ ତାଙ୍କୁ ମନ୍ଦିରରୁ ବାହାର କଲା ପରେ ସେ



ବିଶ୍ୱକର୍ମାଙ୍କୁ ସ୍ମରଣ କରି ମନ୍ଦିର ନିର୍ମାଣ କରାଇଥିଲେ । ସେହି ଲକ୍ଷ୍ମୀ ପୁରାଣର କାହାଣୀରେ ଲେଖା ହୋଇଛି ଯେ ବୈକୁଣ୍ଠରୁ ବିଶ୍ୱକର୍ମା ଅବତରଣ କରି ମା'ଲକ୍ଷ୍ମୀ ଠାକୁରାଣୀଙ୍କ ପାଇଁ ବୈକୁଣ୍ଠ ସମାନ ଏକ ଭବ୍ୟନବର ନିର୍ମାଣ କରିଥିଲେ । ଲକ୍ଷ୍ମୀପୁରାଣରେ ସେହି କଥନୀକାକୁ ଅତି ସୁନ୍ଦର ଭାବରେ ଆବୃତ୍ତି କରାଯାଏ । ତାହା ହେଉଛି - 'ଏବେ ବୋଲି ଲକ୍ଷ୍ମୀଦେବୀ ମନେ ଚିନ୍ତା କଲେ, ବିଶ୍ୱକର୍ମାଙ୍କୁ ଯେ ମାୟା ମନେ ସୁମରିଲେ । ବୈକୁଣ୍ଠ ପୁରରେ ବିଶ୍ୱକର୍ମା ରହିଥିଲେ, ସ୍ମରଣ ମାତ୍ରକେ ଲକ୍ଷ୍ମୀ ଛାମୁରେ ମିଳିଲେ । କିସ ଆଜ୍ଞା ହେଉ ମୋତେ ଲକ୍ଷ୍ମୀ ମହାଦେଈ, ଶୁଣି ଆଜ୍ଞା ଦେଲେ ବିଶ୍ୱକର୍ମାଙ୍କୁ ଯେ ଚାହିଁ । ଆଜ୍ଞା ମାତ୍ରେ ବିଶ୍ୱକର୍ମା ବେଗେ ଚଳିଗଲେ, ତିନିକୋଶ ପ୍ରମାଣେ ଉଆସ ତୋଳାଇଲେ ।'

ଶ୍ରୀମଦ୍ ଭାଗବତ ମଧ ବିଶ୍ୱକର୍ମାଙ୍କ ମହାନ୍ କୀର୍ତ୍ତିର ଗାଥା ବର୍ଣ୍ଣନା କରିଛି । ଶ୍ରୀକୃଷ୍ଣ ସୁଦାମାଙ୍କ ପ୍ରସଙ୍ଗରେ ଦ୍ୱାରକାଧୀଶ ଶ୍ରୀକୃଷ୍ଣ ନିଜ ବାଲ୍ୟବନ୍ଧୁ ସତୀର୍ଥ ସୁଦାମାଙ୍କୁ ଦେଖିଲା ପରେ ତାଙ୍କ ଦାରିଦ୍ର୍ୟତାର ବିନାଶ ପାଇଁ ବିଶ୍ୱକର୍ମାଙ୍କୁ ତାଙ୍କ ବନ୍ଧୁଙ୍କ ପାଇଁ ଏକ ଦିବ୍ୟ ପ୍ରାସାଦ ନିର୍ମାଣ କରି ଧନଧାନ୍ୟ ଗୋପଲକ୍ଷ୍ମୀରେ ପୂରିତ କରିବା ପାଇଁ ଆଜ୍ଞା ଦେଇଥିଲେ ବୋଲି ଭାଗବତର 'ଦ୍ୱାରିକା ଲୀଳା ଚତୁଃସପ୍ତତିତମ୍ ଅଧ୍ୟାୟ'ରେ ଉଲ୍ଲେଖ ଅଛି - 'ବିଶ୍ୱକର୍ମାର ଶିଳ୍ପୀପଣ, ସଞ୍ଚପି କରିଛି ନିର୍ମାଣ । ମୁକୁତା ଜଡ଼ି ଚନ୍ଦ୍ରତାପ, ଯେ ବିଶ୍ୱକର୍ମାର ଶିଳିପ' । ବିଶ୍ୱକର୍ମା ହେଉଛନ୍ତି ସ୍ୱୟଂ ବିଶ୍ୱନିୟନ୍ତା ନାରାୟଣ ତାଙ୍କୁ ସ୍ୱର୍ଗର ଶ୍ରେଷ୍ଠ ଶିଳ୍ପୀ ରୂପେ ପୂଜିତ କରାଯାଏ । ଓଡ଼ିଆଙ୍କ ଚଳଣୀ ଓ ଲୋକସଂସ୍କୃତିରେ ବିଶ୍ୱକର୍ମା ପୂଜାର ସ୍ୱତନ୍ତ୍ରତା ରହିଛି । ଶିଳ୍ପୀ କୂଳରେ ଏହି ଦିବସରେ ବେଶ୍ ଆଡ଼ମ୍ବର ସହକାରେ ପୂଜା କରାଯାଇଥାଏ । ବିଶେଷକରି କମାର, କୁମ୍ଭାର, ବଢ଼େଇ, ତନ୍ତୀ ବୃତ୍ତିର ଲୋକମାନେ ସେମାନଙ୍କ ଉପକରଣ ବା ହତିଆର ପୂଜା କରି ବିଶ୍ୱକର୍ମାଙ୍କ ଆଶୀର୍ବାଦ ପାଇଥାନ୍ତି । ଶିଳ୍ପ କଳା ସହ ସମ୍ପୃକ୍ତ ଲୋକମାନେ ଯାନ୍ତ୍ରିକ ବିଦ୍ୟାର ଅଧିକାରୀ ବିଶ୍ୱକର୍ମା ବୋଲି ପୂଜା କରିଥାନ୍ତି । ସେହିପରି କେବଳ ଓଡ଼ିଶାର ନୁହେଁ ଭାରତର ଛୋଟବଡ଼ କଳକାରଖାନାରେ ଏହି ଦିନ ପୂଜାର୍ଚ୍ଚନା ହୋଇ ବେଶ୍ ଧୁମ୍‌ଧାମରେ କର୍ମଚାରୀମାନେ ଆନନ୍ଦ ମନାଇଥାନ୍ତି । ବିଶ୍ୱକର୍ମାଙ୍କ ପୂଜା ପୂର୍ବରୁ ଆବାହନୀ ପୂଜା କରାଯାଇଥାଏ । ପରେ ଶ୍ରୀଗଣେଶଙ୍କ ପୂଜା, ହୋମ, ଷୋଡ଼ଶମାତୃକାର ପୂଜା, ବ୍ରହ୍ମାଦି ଦେବତା ମାନଙ୍କ ପୂଜା, ଲକ୍ଷ୍ମୀ ଦେବୀଙ୍କ ପୂଜା, ପୁଷ୍ପାଞ୍ଜଳୀ ଓ ପରେ ଘଟପୂଜା ଆରମ୍ଭ କରାଯାଇ ପବିତ୍ର ମନ୍ତ୍ର ପାଠ କରାଯାଏ - 'କଳସ୍ୟ ମୁଖେ ରୁଦ୍ରଃ କଣ୍ଠେ ବିଷ୍ଣୁଃ ପ୍ରକୀର୍ତ୍ତିତଃ, ଅଧର୍ଣ୍ଣେବ ସ୍ଥିତୋ ବ୍ରହ୍ମା ମଧ୍ୟେ ମାତୃଗଣା ସ୍ମୃତାଃ, କୃକ୍ଷୌଂ ଚ ସାଗରାଃ ସପ୍ତ ସପ୍ତଦ୍ୱିପାଶ୍ୱ ମେଦିନୀ, ଉଦରେ ସର୍ବତୀର୍ଥାନି ଚିନ୍ତୟିତ୍ୱା ପ୍ରପୂଜୟେତ୍ ।' ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ସ୍ତୁତି - 'ଦେବଶିଳ୍ପୀ ମହାମୃଗ ଦେବାନଂ କାର୍ଯ୍ୟ ସାଧକ, ବିଶ୍ୱକର୍ମନ୍ନମସ୍ତୁଭ୍ୟଂ ସର୍ବାଭୀଷ୍ଟ ପ୍ରଦାୟକ ।' ଓଡ଼ିଶାରେ କେତେକ ସ୍ଥାନରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ତିଆରି କରାଯାଇ ଭକ୍ତିପୂଜ ଆଡ଼ମ୍ବର ସହକାରେ ଦୁଇତିନି ଦିନ ଧରି ପୂଜା କରାଯାଏ । ବିଶ୍ୱକର୍ମାଙ୍କ ପୂଜା ହେଉଛି ସୃଷ୍ଟିର ନିର୍ମାଣର ଅନ୍ୟତମ ପାର୍ବଣ ।

*ନାଟ୍ୟସାରଥି ଅଭୟ କୁମାର ଦାସ*
*ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭*



# ମାଆ ହୋଇପାରିବେନି ସେଲେନା ଗୋମେଜ

ହଲିଉଡ୍ କଣ୍ଠଶିଳ୍ପୀ ସେଲେନା ଗୋମେଜ। ସେ ତାଙ୍କ ପର୍ସନାଲ ଲାଇଫ୍‌କୁ ଖୁବ୍ ଚର୍ଚ୍ଚାରେ ରୁହନ୍ତି। ବର୍ତ୍ତମାନ ଅଭିନେତ୍ରୀ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା କରିଛନ୍ତି । ଯାହା ଖୁବ୍ ଆଲୋଚନାକୁ ଆସିଛି । ସେଲେନା ଗୋମେଜ କହିଛନ୍ତି ଯେ ସେ କେବେ ମା ହୋଇପାରିବେ ନାହିଁ। ନିକଟରେ ଦେଇଥିବା ଏକ ସାକ୍ଷାତକାରରେ ସେଲେନା କହିଛନ୍ତି, '୩୨ ବର୍ଷ ବୟସ୍କା ସେଲିନା ଗୋମେଜଙ୍କର ଏକ ଚିକିତ୍ସା ସମସ୍ୟା ରହିଛି। ଯେଉଁଥିପାଇଁ ସେ କେବେ ପିଲା ଜନ୍ମ କରିପାରିବେ ନାହିଁ । ଯଦି ସେ ଏହା କରନ୍ତି, କେବଳ ତାଙ୍କ ଜୀବନ ନୁହେଁ ତାଙ୍କ ପିଲାର ଜୀବନ ମଧ୍ୟ ବିପଦରେ ପଡିପାରେ । ଯେତେବେଳେ ଗାୟକ ତାଙ୍କ ଅବସ୍ଥା ବିଷୟରେ ଜାଣିଲେ, ସେତେବେଳେ ସେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲେ । ଏନେଇ ଡାକ୍ତର ସ୍ପଷ୍ଟ ଭାବେ କହି ଦେଇଛନ୍ତି। ମୁଁ ଯେତେ ଔଷଧ ଓ ଇନଜେକସନ ନେଲେ ବି କେବେ ମା' ହୋଇ ପାରିବି ନାହିଁ। ମୁଁ ଏକଥା କାହାକୁ ଜଣାଇ ନଥିଲି। କିନ୍ତୁ ଯେବେ ଠାରୁ ମୁଁ ଏକଥା ଜାଣିଛି ଖୁବ ଦୁଃଖରେ ରହୁଛି। ଯେତେ କାମ ବ୍ୟସ୍ତରେ ରହିଲେ ଡାକ୍ତରଙ୍କ ଏହି କେହି ମୋ ମନରେ ସବୁବେଳେ ଉଙ୍କି ମାରୁଛି। ଭଗବାନଙ୍କୁ ମୋର ଏତିକି ଅନୁରୋଧ ନାରୀଟିକୁ ଯଦି ଜନ୍ମ ଦେଇଛନ୍ତି ?ତେବେ ତାକୁ ମା' ହେବାର ସୁଖରୁ ବଞ୍ଚିତ କରନ୍ତୁ ନାହିଁ। ସେଲେନା ଏବେ ସରୋଗେସି ଉପାୟରେ ମା' ହେବା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି। ସେଲେନାଙ୍କ ଠାରୁ ଏଭଳି ଖବର ପାଇବା ପରେ ତାଙ୍କ ଫ୍ୟାନମାନେ ଦୁଃଖୀ ହୋଇଯାଇଛନ୍ତି। କିନ୍ତୁ ଅଭିନେତ୍ରୀ ଗର୍ଭଧାରଣ କରି ନପାରିବାର କାରଣ ବିଷୟରେ ସ୍ପଷ୍ଟ ଭାବେ କିଛି କହି ନାହାନ୍ତି। କିନ୍ତୁ ୨୦୧୫ରେ ସେ ଲ୍ୟୁପସର ଶିକାର ହୋଇଥିବା ସାଧାରଣରେ କହିଥିଲେ। ଲ୍ୟୁପସ ଏମିତି ଏକ ରୋଗ ଯେଉଁଥିରେ ଇମ୍ୟୁନ ସିଷ୍ଟମ ନିଜର ଟିସୁ ଓ ଅର୍ଗାନ୍ସ ଉପରେ ଆକ୍ରମଣ କରିଥାଏ। ଏହି ରୋଗରେ ଶିକାର ହେବାପରେ ସେଲେନା ଡିପ୍ରେସନକୁ ଚାଲି ଯାଇଥିଲେ। ଏଥିପାଇଁ ତାଙ୍କୁ ଔଷଧ ସେବନ କରିବାକୁ ପଡ଼ିଥିଲା। ୨୦୧୭ରେ ତାଙ୍କର କିଡନି ପ୍ରତିରୋପଣ ହୋଇଥିଲ ।

# 'ଆନିମଲ'ରୁ ବାହାର କରି ଦେବାର ଭୟ ଥିଲା



ଫିଲ୍ମ 'ଆନିମଲ୍'ରେ ବବି ଦେଓଲ ଯଦିଓ କିଛି ସମୟ ପାଇଁ ନଜର ଆସି ଥିଲେ, କିନ୍ତୁ ତାଙ୍କର ରୋଲ୍ ଖୁବ୍ ଦମଦାର ଥିଲା। ଏହି ସିନେମା ତାଙ୍କ ପାଇଁ ପାଲଟି ଯାଇଛି ଗେମ୍‌ଚେଞ୍ଜର। ବବି ଦେଓଲଙ୍କୁ ଏହି ରୋଲ୍ ଯେବେ ମିଳିଲା, ଏହାପରେ ବହୁ ଦିନ ଯାଏ ତାଙ୍କର ସୁଟିଂ ପାଇଁ ନମ୍ବର ପଡ଼ି ନଥିଲା। ଏହି ସମୟରେ ବବି ଦେଓଲଙ୍କ ମନରେ ଭୟ ଥିଲା ଯେ, ସନ୍ଦୀପ ରେଡ୍ଡି ଓ୍ୱାଙ୍ଗାଙ୍କ ମନ ପରିବର୍ତ୍ତନ ହୋଇ ଯାଇନି ତ ? ହ୍ୟୁମନ୍ସ ଅଫ୍ ବମ୍ବେ ସହ କଥାବାର୍ତ୍ତାରେ ବବି ଦେଓଲ କହିଛନ୍ତି କି, ସନ୍ଦୀପ ରେଡ୍ଡୀ ଓ୍ୱାଙ୍ଗା ତାଙ୍କୁ ଏହି ରୋଲ୍ କେମିତି ଦେଇ ଥିଲେ। ସେ କହିଛନ୍ତି କି, ମୋତେ ତାଙ୍କ ଠାରୁ ଏକ ମେସେଜ ଆସିଥିଲା। ସେ ତାଙ୍କର ପରିଚୟ ଦେଇ କହିଲେ ,ସେ ଏକ ଫିଲ୍ମ ବିଷୟରେ ମୋତେ ଭେଟିବାକୁ ଚାହୁଁଛନ୍ତି। ମୁଁ କଲ୍ କରି ଏକ ମିଟିଂର ଆୟୋଜନ କଲି। ସେ ମୋତେ ମୋର ଏକ ଫଟୋ ଦେଖାଇଲେ, ଯେଉଁଥିରେ ମୁଁ ସେଲିବ୍ରିଟି କ୍ରିକେଟ୍ ଲିଗ୍‌ରେ ଭାଗ ନେଇଥିଲି ଏବଂ କହିଲେ, ମୁଁ ତୁମକୁ ମୋ ଫିଲ୍ମରେ କାଷ୍ଟ କରିବାକୁ ଚାହୁଁଛି, କାରଣ ତୁମର ଏହି ଏକ୍ସପ୍ରେସନ ପସନ୍ଦ ଆସିଛି। ବବି କହିଛନ୍ତି, ଆରମ୍ଭରେ ସେ ମୂକ ଚରିତ୍ର କରିବାକୁ ଟିକେ ପଛ ଘୁଞ୍ଚା ଦେଇଥିଲେ। କହିଲେ, ମୁଁ କିଛି ଏମିତି ଚରିତ୍ର କରିବାକୁ ଚାହୁଁ ଥିଲି ଯାହା ମୋର କମଫର୍ଟ ଜୋନ୍ ଠାରୁ ବାହାରେ ଥିବ। ଯେବେ ସନ୍ଦୀପ କହିଲେ କି, ମୋର ଚରିତ୍ର ଏକ ମୂକ ଚରିତ୍ର ହେବ, ମୋତେ ଲାଗିଲା କି ମୋର ସ୍ୱର ହିଁ ତ ମୋର ଶକ୍ତି , ହେଲେ ମୁଁ ତଥାପି ଏହାକୁ କରିବାକୁ ନିଷ୍ପତ୍ତି ନେଲି। ବବି କହିଛନ୍ତି,ଫିଲ୍ମରେ ତାଙ୍କ ଭାଗ ସୁଟ୍ ହେବାରେ ବହୁତ ବିଳମ୍ବ ଥିଲା। ଏହି ମଧ୍ୟରେ ତାଙ୍କୁ ଅସୁରକ୍ଷିତ ବି ମନେହେଉ ଥିଲା। ସେ କହିଲେ, ମୁଁ ଫିଲ୍ମ ସୁଟ୍ କରିବା ପାଇଁ ୧.୫ ବର୍ଷ ଯାଏ ଅପେକ୍ଷା କଲି। ଫିଲ୍ମ ୩.୫ ଘଣ୍ଟା ଅବଧିର ଥିଲା। ସେଥିପାଇଁ ବହୁ ସମୟ ଯାଏ ରଣବୀରଙ୍କ ସୁଟିଂ ଚାଲି ଥିଲା। ଏହି ସମୟରେ ମୁଁ ଭାବିଲି, ଏମିତି ନୁହେଁ ତ ସେମାନଙ୍କ ମନ ବଦଳି ଯାଇଛି। ହଠାତ୍ ସେ ମନା କରି ଦେବେନି ତ ମୋର ଆବଶ୍ୟକ ନାହିଁ କହି । ମୋ ମନରେ ଏମିତି ଭାବନା ଆସୁଥିଲା। କିନ୍ତୁ ସନ୍ଦୀପ ବହୁତ ଭଲ। ଫିଲ୍ମଟି ଏତେ ସଫଳ ହେଲା ଯେ,ମୁଁ କେବେ ଭାବି ନଥିଲି କି ମୋର ଏହି ସିନ୍ ପୂରା ଧମାକା କରିବ। ବବି ଏହାବି କହିଛନ୍ତି କି, ଫିଲ୍ମ ବ୍ଲକବଷ୍ଟର ହେବା ପରେ ମଧ୍ୟ ଏହାର ସଫଳତାକୁ ସେଲିବ୍ରେଟ୍ କରି ପାରି ନଥିଲେ, କାରଣ ତାଙ୍କ ଶାଶୂଙ୍କର ମୃତ୍ୟୁ ହୋଇଯାଇ ଥିଲା।

# 'ବ୍ଲାକ୍' ଫିଲ୍ମ ପାଇଁ ଫି' ନେଇନଥିଲେ ବିଗ୍ ବି'



ଅମିତାଭ ବଚ୍ଚନଙ୍କୁ ଶତାବ୍ଦୀର ମହାନାୟକ କୁହାଯାଏ। ସେ ବଲିଉଡ୍‌ର ଅନେକ ଡାଇରେକ୍ଟର ଓ ଆକ୍ଟରଙ୍କ ସହ କାମ କରିଛନ୍ତି। ଆପଣଙ୍କୁ ଅମିତାଭ ବଚ୍ଚନଙ୍କର ଏକ ଏମିତି ଫିଲ୍ମ ବିଷୟରେ କହୁଛୁ, ଯେଉଁଥିରେ ସେ କିଛି ଫି' ନେଇ ନଥିଲେ। ଏହି ଫିଲ୍ମଟି ୨୦୦୫ ମସିହାରେ ରିଲିଜ ହୋଇଥିଲା। ଅମିତାଭଙ୍କର ଏହି ଫିଲ୍ମକୁ ସଞ୍ଜୟ ଲୀଲା ଭନସାଲୀ ନିର୍ଦ୍ଦେଶନା ଦେଇ ଥିଲେ। ଫିଲ୍ମରେ ଅମିତାଭଙ୍କ ସହ ରାଣୀ ମୁଖାର୍ଜୀ ନଜର ଆସି ଥିଲେ। ଆପଣ ଏହି ଫିଲ୍ମର ନାଁ ଜାଣନ୍ତି କି ? ଫିଲ୍ମଟି ଥିଲା 'ବ୍ଲାକ୍'। ଅମିତାଭ ବଚ୍ଚନ ଜଣେ ଶିକ୍ଷକର ଚରିତ୍ରରେ ନଜର ଆସିଥିଲେ। ରିପୋର୍ଟରେ ଦାବି କରାଯାଏ କି, ଅମିତାଭ ବଚ୍ଚନ ଫିଲ୍ମ ପାଇଁ କୌଣସି ଫି' ନେଇ ନଥିଲେ। ୨୦୦୨ ମସିହାରେ ସଞ୍ଜୟ ଲୀଲା ଭନସାଲୀଙ୍କର ଫିଲ୍ମ ଦେବଦାସ ରିଲିଜ ହୋଇ ଥିଲା। ଫିଲ୍ମଟି ବହୁତ ବଡ଼ ହିଟ୍ ସାବ୍ୟସ୍ତ ହୋଇ ଥିଲା ଏବଂ ସଞ୍ଜୟ ଲୀଲା ଭନସାଲୀଙ୍କ ନାଁ ଟପ୍ ନିର୍ଦ୍ଦେଶକଙ୍କ ତାଲିକାରେ ସାମିଲ ହୋଇ ସାରି ଥିଲା। ବଲିଉଡ୍‌ର ବଡ଼ ବଡ଼ ଆକ୍ଟରମାନେ ସଞ୍ଜୟ ଲୀଲା ଭନସାଲୀଙ୍କ ସହ କାମ କରିବାକୁ ଚାହୁଁଥିଲେ, କିନ୍ତୁ ଭନସାଲୀ ଅମିତାଭଙ୍କ ସହ କାମ କରିବାକୁ ଚାହୁଁ ଥିଲେ। ଭନସାଲୀ ଯେବେ ଅମିତାଭଙ୍କୁ ବ୍ଲାକ୍‌ର ସ୍କ୍ରିପ୍ଟ ଶୁଣାଇବାକୁ ପହଞ୍ଚିଲେ, ଏହି ସମୟରେ ଅମିତାଭ ଫିଲ୍ମ ଖାକିର ସୁଟିଂ କରୁ ଥିଲେ। ବ୍ଲାକ୍‌ର ସ୍କ୍ରିପ୍ଟ ଜାଣିବା ପରେ ଅମିତାଭ ଫିଲ୍ମ ପାଇଁ କେବଳ ହଁ କରି ନଥିଲେ, ଏହାସହ ସେ ଫିଲ୍ମ ପାଇଁ କୌଣସି ଫି' ନେବାକୁ ମନା କରିଥିଲେ। ମିଡ଼ିଆ ରିପୋର୍ଟ ଅନୁସାରେ, ଅମିତାଭ ବଚ୍ଚନ କହିଥିଲେ ସଞ୍ଜୟ ଲୀଲା ଭନସାଲୀଙ୍କର ସବୁ ଫିଲ୍ମ ଦେଖିବା ପରେ ସେ ତାଙ୍କ ସହ କାମ କରିବାକୁ ଚାହୁଁ ଥିଲେ ଏବଂ ଏହା ତାଙ୍କର ଫି'। ଏହି ଫିଲ୍ମରେ ସଞ୍ଜୟ ଲୀଲା ଭନସାଲୀ ଯେବେ ରାଣୀ ମୁଖାର୍ଜୀଙ୍କୁ ଆପ୍ରୋଚ କଲେ, ସେ ଫିଲ୍ମ କରିବାକୁ ମନା କରି ଦେଇ ଥିଲେ। ସେ ଭାବୁ ଥିଲେ ଯେ, ରୋଲ୍ ବହୁତ ମୁସ୍କିଲ ଅଛି ଏବଂ ସେ କରି ପାରିବେ ନାହିଁ। ହେଲେ ପରେ ରାଣୀ ମୁଖାର୍ଜୀ ଫିଲ୍ମ ପାଇଁ ହଁ କରି ଦେଇ ଥିଲେ। ସଞ୍ଜୟ ଲୀଲା ଭନସାଲୀ ଯେବେ ଫିଲ୍ମ କରିବାକୁ ନିଷ୍ପତ୍ତି ନେଲେ, କିଛି ଲୋକଙ୍କ କହିବାର ଥିଲା ଯେ, ଫିଲ୍ମ ଫ୍ଲପ୍ ହୋଇଯିବ ଏବଂ କେହି ଏହାକୁ ଦେଖିବାକୁ ଆସିବେ ନାହିଁ। ହେଲେ ଫିଲ୍ମ ଯେବେ ରିଲିଜ ହେଲା ତ ଫିଲ୍ମକୁ ବହୁତ ଭଲପାଇବା ମିଳିଲା ଏବଂ ଫିଲ୍ମଟି ଭଲ ଆୟ କରି ଥିଲା। ଏହି ଫିଲ୍ମ ପାଇଁ ଅମିତାଭ ବଚ୍ଚନଙ୍କୁ ୪ର୍ଥ ଥର ବେଷ୍ଟ ଆକ୍ଟରର ଜାତୀୟ ପୁରସ୍କାର ମିଳି ଥିଲା। ଯଦି ଫିଲ୍ମର ବଜେଟ୍ କଥା କହିବା ତ ଏହି ଫିଲ୍ମ ୨୧.୫ କୋଟି ଟଙ୍କାରେ ତିଆରି ହୋଇଥିଲା। ଫିଲ୍ମର ଆୟର କଥା ଯଦି କହିବା ତ ଏହି ଫିଲ୍ମରେ ପାଖାପାଖି ୬୬.୬ କୋଟି ଟଙ୍କାର ଆୟ ହୋଇଥିଲା।

# ଶୁଭ ଦିନକୁ ଅପେକ୍ଷା



କରୀନା କପୁର ଖାଁ ସେହି ଶୁଭ ଦିନଟିକୁ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି । କଥା କ'ଣ କି, ଖୁବଶୀଘ୍ର ସେ ଅଭିନୟ କରିଥିବା ଏକ ଦ୍ୱିଭାଷୀ ଫିଲ୍ମ ରିଲିଜ ହେବାକୁ ଯାଉଛି । ଚିତ୍ରଟି ଉଭୟ ହିନ୍ଦୀ ଏବଂ ଇଂରାଜୀ ଭାଷାରେ ପ୍ରସ୍ତୁତ ହୋଇଛି । ଆଉ ଏହାର ଟାଇଟଲ୍ ରହିଛି 'ଦ ବକ୍କିଙ୍ଗହାମ ମର୍ଡରର୍ସ' । ଏହାର ମୂଳ ଭାଷା ହେଉଛି ଇଂରାଜୀ ଏବଂ ପରେ ଏହାକୁ ହିନ୍ଦୀରେ ଡବିଂ କରାଯାଇଛି । ଏଭଳି ଏକ ସସପେନ୍ସ ଥ୍ରୀଲରକୁ ନେଇ ବେଶ୍ ଖୁସି ଅଛନ୍ତି କରୀନା । ଏ ବିଷୟରେ ସେ କହନ୍ତି, 'ଫିଲ୍ମଟିର କାହାଣୀ ଏବଂ ପ୍ରେଜେଣ୍ଟେସନ ସୁନ୍ଦର ହୋଇଛି । ଫିଲ୍ମଟି ଏକାଥରେ ହଲିଉଡ୍ ଏବଂ ବଲିଉଡ୍‌ରେ ରିଲିଜ ହେବ । ହେଲେ ସେଥିପାଇଁ ଶୁଭ ଦିନ ଖୋଜା ଚାଲିଛି । ଆଉ ମୁଁ ବେଶ୍ ଉତ୍ସୁକତାର ସହ ସେହି ଦିନକୁ ଅପେକ୍ଷା କରିଛି ।' ଖାସ୍ କଥା ହେଲା ଏହାର ପ୍ରଯୋଜନା କରିଛନ୍ତି ଶୋଭା କପୁର, ଏକତା କପୁର ଏବଂ କରୀନା କପୁର ଖାଁ । ନିର୍ଦ୍ଦେଶନା ଦେଇଛନ୍ତି ହାନ୍‌ସଲ୍ ମେହେଟ୍ଟା । ଏଥିରେ କରୀନାଙ୍କ ବ୍ୟତୀତ କିଥ୍ ଆଲେନ୍ ଏବଂ ରଣବୀର ବ୍ରାର୍ ଅଭିନୟ କରିଛନ୍ତି । ଫିଲ୍ମଟିର ଅବଧି ରହିଛି ମାତ୍ର ୧୧୦ ମିନିଟ୍ । ତେବେ ଫିଲ୍ମରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ ।

# ଶାହାରୁଖଙ୍କ ନୂଆ ହେୟାର ଷ୍ଟାଇଲ୍



ବଲିଉଡ୍‌ର କିଙ୍ଗ ଖାନ୍ ଶାହାରୁଖ ଖାନ । ସେ ତାଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନ ବିଷୟରେ ଚର୍ଚ୍ଚାରେ ରୁହନ୍ତି । ଅଭିନେତା ତାଙ୍କ ଲୁକ୍ ଓ ଚାର୍ମ ପାଇଁ ସମସ୍ତଙ୍କୁ ଆକର୍ଷିତ କରନ୍ତି। ତାଙ୍କ ଫ୍ୟାଶନ ଷ୍ଟେଟମେଣ୍ଟ ବିଷୟରେ ଖୁବ୍ ଆଲୋଚନା ହୁଏ। ନିକଟରେ ଅଭିନେତା ତାଙ୍କର ନୂଆ ଲୁକ୍ ସହିତ ସମସ୍ତଙ୍କୁ ସରପ୍ରାଇଜ୍ କରିଥିଲେ। ମଙ୍ଗଳବାର ଦିନ ଏକ ଇଭେଣ୍ଟରେ ଶାହାରୁଖଙ୍କୁ ନୂଆ ଲୁକ୍‌ରେ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ଆଗାମୀ ଓଓ୍ୱଇ ଆଓ୍ୱାର୍ଡ ପାଇଁ ଥିଲା। ଇଭେଣ୍ଟରେ ଶାହାରୁଖ ଖାନ କଳା ଟି-ସାର୍ଟ ଏବଂ କଳା ଜିନ୍ସ ପିନ୍ଧିଥିବାର ନଜର ଆସିଥିଲେ। ତାହାକୁ ମ୍ୟାଚିଂ କରି କଳା ଟୋପି ମଧ୍ୟ ପିନ୍ଧିଥିଲେ। ଶାହାରୁଖ ଏହି ଲୁକ୍‌ରେ ପୁରା ହ୍ୟାଣ୍ଡସମ୍ ଦେଖାଯାଉଥିଲେ । ଶାହାରୁଖ ଖାନଙ୍କ ସଟ୍ ହେୟାର ଲୁକ୍‌କୁ ସଭିଏଁ ପସନ୍ଦ କରୁଛନ୍ତି। ପ୍ରଶଂସକମାନେ ଶାହାରୁଖଙ୍କୁ ଷ୍ଟାଇଲ୍ ଗୁରୁ ବୋଲି କହୁଛନ୍ତି ।

# ଦୀପିକାଙ୍କ ମୋଟ୍ ସମ୍ପତ୍ତି

ମା ହୋଇଛନ୍ତି ଦୀପିକା ପାଦୁକୋନ । ଗତ ୮ ଏକ କନ୍ୟା ସନ୍ତାନକୁ ଦେଇଛନ୍ତି ଜନ୍ମ । କିନ୍ତୁ ଦୀପିକାଙ୍କ ଝିଅ ଜନ୍ମ ହେବା ମାତ୍ରେ ହୋଇଛନ୍ତି କୋଟିକୋଟିର ମାଲିକାଣୀ । ଦୀପିକା ନିଜର ୧୭ ବର୍ଷର ଫିଲ୍ମ କ୍ୟାରିୟରରେ କେବଳ ଖ୍ୟାତି ଅର୍ଜନ କରିନାହାଁନ୍ତି, ବରଂ ବହୁତ ଟଙ୍କା ମଧ୍ୟ ବିପୁଳ ଧନ ମଧ୍ୟ ଅର୍ଜନ କରିଛନ୍ତି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଦୀପିକା ପାଦୁକୋନ ଗୋଟିଏ ଫିଲ୍ମ ପାଇଁ ପ୍ରାୟ ୩୦ କୋଟି ଟଙ୍କା ଫି ନେଇଥାନ୍ତି । ଅଭିନେତ୍ରୀ ବିଭିନ୍ନ ବିଜ୍ଞାପନ ଏବଂ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟରୁ ପ୍ରତିବର୍ଷ ୪୦ କୋଟି ଟଙ୍କା ରୋଜଗାର କରନ୍ତି । ଏହାସହିତ ସେ ବ୍ୟବସାୟରୁ ମଧ୍ୟ ଭଲ ରୋଜଗାର କରନ୍ତି । ତାଙ୍କର ଏକ ବିୟୁଟି ବ୍ରାଣ୍ଡ ରହିଛି । ଏହାବ୍ୟତୀତ ସେ ଅନେକ ଲଗଜୁରୀ ଘର ଏବଂ କାରର ମାଲିକ ଅଟନ୍ତି । ଦୀପିକାଙ୍କ ମୋଟ ସମ୍ପତ୍ତି ହେଉଛି ୫୦୦ କୋଟି ଟଙ୍କା । ସେହିପରି 'ବ୍ୟାଣ୍ଡ ବାଜା ବାରାତ୍' ସହିତ ବଲିଉଡରେ ଏଣ୍ଟ୍ରି କରିଥିବା ରଣଭୀର ସିଂଙ୍କର ମଧ୍ୟ ବହୁତ ସମ୍ପତ୍ତି ରହିଛି । ଅଭିନେତା ଗୋଟିଏ ଫିଲ୍ମ ପାଇଁ ୩୦ - ୫୦ କୋଟି ଟଙ୍କା ଫି ନେଇଥାନ୍ତି । ରଣଭୀରଙ୍କ ବାର୍ଷିକ ଆୟ ୨୧ କୋଟି ଟଙ୍କା ବୋଲି କୁହାଯାଉଛି। ଲଗଜୁରୀ ଘର ଏବଂ କାର କଲେକ୍ସନ ସହିତ ଅଭିନେତାଙ୍କର ମୋଟ ସମ୍ପତ୍ତି ୩୪୫ କୋଟି ଟଙ୍କା । ଫିଲ୍ମ ବ୍ୟତୀତ ରଣଭୀର ସିଂ ବ୍ୟବସାୟ ଏବଂ ବ୍ୟକ୍ତିଗତ ବିନିଯୋଗରୁ ବହୁତ ରୋଜଗାର କରନ୍ତି । ଦୀପିକା ଏବଂ ରଣଭୀରଙ୍କ ମୋଟ ସମ୍ପତ୍ତି ମିଶିଲେ ୭୪୫ କୋଟି ହେଉଛି । ଏହି ଅନୁଯାୟୀ ଦମ୍ପତିଙ୍କ ଝିଅ ଜନ୍ମ ହେବା ପରେ ସେ ୭୪୫ କୋଟିର ମାଲିକାଣୀ ହୋଇଛି ।

# ଦେବଦାସୀରୁ ଆରମ୍ଭ

ଅଦିତି ରାଓ ହାଇଦରିଙ୍କ ବଡ଼ ପରଦା ଜୀବନ ଆରମ୍ଭ ହୋଇଥିଲା ଏକ ତାମିଲ ଫିଲ୍ମରୁ । 'ଶ୍ରୀଙ୍ଗାରମ୍' ଟାଇଟଲ୍ ବିଶିଷ୍ଟ ଏହି ଚିତ୍ରଟି ସତେ ଯେମିତି ତାଙ୍କ ପାଇଁ ଆଶୀର୍ବାଦସୂଚକ ଥିଲା । ଏଥିରେ ସେ ଜଣେ ଦେବଦାସୀ ଭୂମିକାରେ ଅଭିନୟ କରିଥିଲେ । ସବୁଠାରୁ ଖାସ୍ କଥା ହେଲା, ନିଜର ପ୍ରଥମ ସିନେମା ତାଙ୍କ ଭାଗ୍ୟ ରାସ୍ତାକୁ ଖୋଲି ଦେଇଥିଲା । ଏହି ଫିଲ୍ମକୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା । ଏ ନେଇ ଅଦିତି କହନ୍ତି, 'ମୁଁ କଦାପି ବିଶ୍ୱାସ କରି ନ ଥିଲି ଯେ, ମୋର ପ୍ରଥମ ସିନେମା ମୋ ପାଇଁ ଏତେ ଖୁସି ଆଣି ଦେବ । ଯେତେବେଳେ ଜାଣିଲି ଏହି ଫିଲ୍ମକୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳୁଛି ସେତେବେଳେ ମୁଁ ବିଶ୍ୱାସ କରିପାରି ନ ଥିଲି । ମୋତେ ଯେତେବେଳେ ଯେଉଁ ଅଫର ମିଳେ ପ୍ରଥମେ ମୁଁ ସେଗୁଡ଼ିକୁ ଭଲ ଭାବରେ ତର୍ଜମା କରେ । କାରଣ ଏଣ୍ଡୁତେଣ୍ଡୁ ଗୁଡ଼ାଏ ସିନେମାରେ ଅଭିନୟ କରି କେବଳ ସଂଖ୍ୟା ଗଣିଲେ କିଛି ଲାଭ ନାହିଁ । ପ୍ରତିଟଇ ସିନେମାରେ ଯଦି ନିଜ ଭୂମିକା ଦର୍ଶକଙ୍କୁ ପ୍ରଭାବିତ କରିପାରିଲା ତେବେ ପରିଶ୍ରମର ଉପଯୁକ୍ତ ମୂଲ୍ୟ ମିଳିଥାଏ ।' ୨୦୦୭ରେ ରିଲିଜ ହୋଇଥିଲା ଏହି ଫିଲ୍ମ ତିନୋଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଥିଲା । ପରବର୍ତ୍ତୀ ସମୟରେ ଅଦିତି ନିଜକୁ ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବରେ ପରିଚିତ କରାଇ ପାରିଥିଲେ । କେବଳ ଜଣେ ଭଲ ଅଭିନେତ୍ରୀ ନୁହନ୍ତି ଅଦିତି ଭାରତନାଟ୍ୟମ ନୃତ୍ୟରେ ବି ବେଶ ନିପୁଣା । ତାଙ୍କର ପ୍ରଥମ ହିନ୍ଦୀ ସିନେମା ଥିଲା 'ଦିଲ୍ଲୀ-୬', ଯେଉଁଥିରେ ଜଣେ ପାର୍ଶ୍ୱ ଅଭିନେତ୍ରୀ ଭାବରେ ତାଙ୍କୁ ସୁଯୋଗ ମିଳିଥିଲା । ଅଦିତିଙ୍କ ଅଭିନୀତ ପ୍ରମୁଖ ହିନ୍ଦୀ ସିନେମାଗୁଡ଼ିକ ହେଲା– 'ଧୋବି ଘାଟ', 'ୟେ ଶାଲି ଜିନ୍ଦୋଗ', 'ରକ୍ ଷ୍ଟାର୍', 'ଲଣ୍ଡନ, ପ୍ୟାରିସ, ନ୍ୟୁୟର୍କ', 'ମର୍ଡର-୩', 'ବସ୍', 'ଗୁଡ୍ଡୁ ରଙ୍ଗୀଲା', 'ଓ୍ୱଜିର', 'ଭୂମି', 'ଦି ଗାର୍ଲ ଅନ ଦି ଟ୍ରେନ୍' ଏବଂ 'ସର୍ଦ୍ଦାର କା ଗ୍ରାଣ୍ଡସନ୍' ଆଦି ।



ଅଦିତି



ଦୀପିକା

# ଭୁଲି ପାରୁ ନାହାନ୍ତି ଭୂମି

ଭୂମି ପେଡନେକର ନିଜ ପ୍ରଥମ ସିନେମା 'ଦମ୍ ଲଗାକେ ହେଁସା'ର ଅଡିଶନକୁ ଭୁଲି ପାରୁନାହାନ୍ତି । କେମିତି ବା ଭୁଲିବେ କହୁନାହାନ୍ତି ? ଏଥିପାଇଁ ସେ ଥରେ ଅଡିଶନ ଦେଇ ସିଲେକ୍ଟ ହୋଇଥିଲେ । କିନ୍ତୁ କ'ଣ ହେଲା କେଜାଣି ସେହି 'ସନ୍ଧ୍ୟା' ଚରିତ୍ର ପାଇଁ ନିର୍ଦ୍ଦେଶକ ଶରତ କାଟ୍‌ରିୟା ଆହୁରି ୫-୬ ଥର ଅଡିଶନ ନେଇଥିଲେ । ଏ ନେଇ ଭୂମି କହନ୍ତି, 'ମୁଁ ଯେତେବେଳେ ଅଡିଶନ ଦେଲି ଆଉ ସେଥିରେ ଉତ୍ତୀର୍ଣ୍ଣ ହେଲି, ସେତେବେଳେ ବେଶ୍ ଖୁସି ହୋଇଯାଇଥିଲି । କିନ୍ତୁ ପରେ ମୋ ଭୂମିକା ପାଇଁ ମୋତେ ଆଉ ୫-୬ ଥର ଅଡିଶନ ଦେବାକୁ ପଡ଼ିଥିଲା । ସେହି ସମୟରେ ଫିଲ୍ମର ଡାଏଲଗ, ତା' ସହ ଅଭିନୟକୁ ତନ୍ନ ତନ୍ନ କରି ନିର୍ଦ୍ଦେଶକ ତର୍ଜମା କରିଥିଲେ । ଯାହା ହେଉ ଶେଷରେ ଭାଗ୍ୟଦେବୀ ମୋ ପ୍ରତି ପ୍ରସନ୍ନ ହେଲେ ଏବଂ ମୁଁ ବଡ଼ ପରଦାରେ ମୁହଁ ଦେଖାଇବାରେ ସକ୍ଷମ ହୋଇଥିଲି ।' ଏହି ଅଡିଶନ ଡ୍ରାମା ପ୍ରାୟ ଅଢ଼େଇ ମାସ ଧରି ଚାଲିଥିଲା । ଏଥିରେ ଭୂମିଙ୍କ ଅପୋଜିଟ୍‌ରେ ଆୟୁଷ୍ମାନ ଖୁରାନାଙ୍କୁ କାଷ୍ଟିଂ କରାଯାଇଥିଲା । ୨୦୧୫ରେ ରିଲିଜ ହୋଇଥିବା ତଥା ୧୪ କୋଟି ବଜେଟ୍‌ରେ ନିର୍ମିତ ହୋଇଥିବା ଫିଲ୍ମଟି ବକ୍ସ ଅଫିସରେ ପାଖାପାଖି ୧୧୩ କୋଟି ଆୟ କରିଥିଲା ।



ମାତୃଭାଷା



# ସେପ୍ଟେମ୍ବର ୧୫ରୁ ୧୭ ମଧ୍ୟରେ ଝାଡ଼ଖଣ୍ଡ, ଗୁଜରାଟ ଓ ଓଡ଼ିଶା ଗସ୍ତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ (ପିଆଇବି) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ୧୫-୧୭, ୨୦୨୪ ମଧ୍ୟରେ ଝାଡ଼ଖଣ୍ଡ, ଗୁଜରାଟ ଏବଂ ଓଡ଼ିଶା ଗସ୍ତ କରିବେ । ସେପ୍ଟେମ୍ବର ୧୫ ରେ ପ୍ରଧାନମନ୍ତ୍ରୀ ଝାଡ଼ଖଣ୍ଡ ଗସ୍ତ କରିବେ ଏବଂ ପୂର୍ବାହ୍ନ ପ୍ରାୟ ୧୦ଟାରେ ଝାଡ଼ଖଣ୍ଡର ଟାଟାନଗର ଜଙ୍କସନ୍ ରେଳ ଷ୍ଟେସନରେ ଟାଟାନଗର-ପାଟନା ବନ୍ଦେ ଭାରତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ସେ ଝାଡ଼ଖଣ୍ଡର ଟାଟାନଗରରେ ୬୬୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପର ଶିଳାନ୍ୟାସ ଓ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିବା ସହ ୨୦ ହଜାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମ୍ଏୱାଇ-ଜି) ହିତାଧିକାରୀଙ୍କୁ ମଞ୍ଜୁରି ପତ୍ର ବଣ୍ଟନ କରିବେ। ସେପ୍ଟେମ୍ବର ୧୬ ତାରିଖ ସକାଳ ପ୍ରାୟ ୯ଟା ୪୫ ମିନିଟରେ ପ୍ରଧାନମନ୍ତ୍ରୀ ଗାନ୍ଧୀନଗରରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନାର ହିତାଧିକାରୀଙ୍କ ସହ ଆଲୋଚନା କରିବେ। ଏହାପରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ସେ ଗୁଜରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରଠାରେ ଚତୁର୍ଥ ବିଶ୍ୱ ଅକ୍ଷୟ ଶକ୍ତି ନିବେଶକ ସମ୍ମିଳନୀ ଓ ଏକ୍ସପୋ (ରି-ଇନଭେଷ୍ଟ)କୁ ଉଦଘାଟନ କରିବେ। ଅପରାହ୍ନ ପ୍ରାୟ ୧ଟା ୪୫ରେ ପ୍ରଧାନମନ୍ତ୍ରୀ ଅହମ୍ମଦାବାଦ ମେଟ୍ରୋ ରେଳ ପ୍ରକଳ୍ପର ଉଦଘାଟନ କରିବେ ଏବଂ ସେକ୍ଟର ୧ ମେଟ୍ରୋ ଷ୍ଟେସନରୁ ଗିଫ୍ଟ ସିଟି ମେଟ୍ରୋ ଷ୍ଟେସନ ପର୍ଯ୍ୟନ୍ତ ମେଟ୍ରୋ ଯାତ୍ରା କରିବେ । ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଅହମ୍ମଦାବାଦରେ ସେ ୮୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ। ସେପ୍ଟେମ୍ବର ୧୭ ରେ ପ୍ରଧାନମନ୍ତ୍ରୀ ଓଡିଶା ଗସ୍ତରେ ଆସିବେ ଏବଂ ପୂର୍ବାହ୍ନ ପ୍ରାୟ ୧୧ଟା ୧୫ ମିନିଟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ସହରାଞ୍ଚଳର ହିତାଧିକାରୀଙ୍କ ସହ ଆଲୋଚନା କରିବେ । ଏହାପରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ସେ ଓଡ଼ିଶାର ଭୁବନେଶ୍ୱରରେ ୩୮୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ।

# ନିଜ ବାସଭବନରେ ଜନ୍ମିତ ବାଛୁରୀର ନାମ 'ଦୀପଜ୍ୟୋତି' ରଖିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ (ପିଆଇବି) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବାସଭବନରେ ନବ ଜନ୍ମିତ ବାଛୁରୀକୁ 'ଦୀପଜ୍ୟୋତି' ଭାବେ ନାମକରଣ କରିଛନ୍ତି । ଏକ୍ସ ରେ ଏକ ଭିଡିଓ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି: "ଆମ ଶାସ୍ତ୍ରରେ କୁହାଯାଇଛି- ଗାବଃ ସର୍ବ ସୁଖପ୍ରଦାଃ ' । ଲୋକ କଲ୍ୟାଣ ମାର୍ଗସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପରିବାରର ଏକ ନୂତନ ସଦସ୍ୟର ଆଗମନ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଗୋମାତା ଏକ ବାଛୁରୀକୁ ଜନ୍ମ ଦେଇଛନ୍ତି, ଯାହାର ମସ୍ତକରେ ଜ୍ୟୋତିର ଚିହ୍ନ ରହିଛି । ତେଣୁ ମୁଁ ତାର ନାମ 'ଦୀପଜ୍ୟୋତି' ରଖିଛି ।"

# ଚତୁର୍ଥ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀକୁ ସମ୍ବୋଧିତ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ

ନୂଆଦିଲ୍ଲୀ (ପିଆଇବି) : କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ସରକାରୀ ଭାଷା ହୀରକ ଜୟନ୍ତୀ ସମାରୋହ ଏବଂ ଚତୁର୍ଥ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି । ଏହି ଅବସରରେ ଗୃହ ମନ୍ତ୍ରୀ ସତନ୍ତ୍ର ଭାବେ ପ୍ରସ୍ତୁତ 'ରାଜଭାଷା ଭାରତୀ'; ପତ୍ରିକାର ହୀରକ ଜୟନ୍ତୀ ସତନ୍ତ୍ର ସଂସ୍କରଣ ଉନ୍ମୋଚନ କରିଥିଲେ। ଶ୍ରୀ ଅମିତ ଶାହ ହୀରକ ଜୟନ୍ତୀ ଅବସରରେ ଏକ ସ୍ମାରକୀ ଡାକ ଟିକେଟ ଏବଂ ସ୍ମାରକୀ ମୁଦ୍ରା ଉନ୍ମୋଚନ କରିଥିଲେ । ଶ୍ରୀ ଶାହ ରାଜଭାଷା ଗୌରବ ଏବଂ ରାଜଭାଷା କୀର୍ତ୍ତି ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଗୃହମନ୍ତ୍ରୀ ଭାରତୀୟ ଭାଷା ଅନୁଭାଗ (ଇଣ୍ଡିଆନ୍ ଲାଙ୍ଗୁଏଜ୍ ସେକ୍ସନ)ର ମଧ୍ୟ ଶୁଭାରମ୍ଭ କରିଥିଲେ। ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଗତ ୭୫ ବର୍ଷର ଯାତ୍ରା ହେଉଛି ହିନ୍ଦୀକୁ ସରକାରୀ ଭାଷା ଭାବରେ ଗ୍ରହଣ କରିବା ଏବଂ ଏହା ମାଧ୍ୟମରେ ଦେଶର ସମସ୍ତ ସ୍ଥାନୀୟ ଭାଷାକୁ ସଂଯୋଗ କରି ଆମର ପରମ୍ପରା, ସଂସ୍କୃତି, ଭାଷା, ସାହିତ୍ୟ, କଳା ଏବଂ ବ୍ୟାକରଣର ସଂରକ୍ଷଣ ତଥା ପ୍ରୋତ୍ସାହନ ଦେବା । ହିନ୍ଦୀର ୭୫ ବର୍ଷର ଯାତ୍ରା ଏବେ ଏହାର ଲକ୍ଷ୍ୟ ହାସଲର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଆଜି ହିନ୍ଦୀକୁ ଯୋଗାଯୋଗ, ଲୋକ, ପ୍ରଯୁକ୍ତି ବିଦ୍ୟାର ଭାଷା ଏବଂ ବର୍ତ୍ତମାନ ଏକ ଅନ୍ତର୍ଜାତୀୟ ଭାଷା ରେ ପରିଣତ କରିବାର ଦିନ ବୋଲି ସେ କହିଥିଲେ। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଆଜି ଭାରତୀୟ ଭାଷା ବିଭାଗ ଉଦଘାଟିତ ହୋଇଛି। ସେ କହିଥିଲେ ଯେ ଆମେ ସମସ୍ତେ ଏକ ନୂତନ ଆରମ୍ଭର ସାକ୍ଷୀ ହୋଇଛୁ ଯାହା ଏକ ଛୋଟ ମଞ୍ଜି ବୁଣିବା ପରି ଏବଂ ଖୁବଶୀଘ୍ର ଏକ ବଡ ବର ଗଛ ପରି ବଢିବ । ଆଗାମୀ ବର୍ଷମାନଙ୍କରେ ଏହି ଭାରତୀୟ ଭାଷା ବିଭାଗ ଆମ ଭାଷାର ସୁରକ୍ଷା ପାଇଁ କେନ୍ଦ୍ର ରେ ପରିଣତ ହେବ ବୋଲି ସେ କହିଥିଲେ । ସେ କହିଥିଲେ ଯେ ଭାରତୀୟ ଭାଷା ବିଭାଗ ସରକାରୀ ଭାଷା ବିଭାଗର ଏକ ସପ୍ଲିମେଣ୍ଟାରୀ ବିଭାଗରେ ପରିଣତ ହେବ, କାରଣ ଆମେ ଆମର ସମସ୍ତ ସ୍ଥାନୀୟ ଭାଷାକୁ ସୁଦୃଢ଼ ନକରିବା ପର୍ଯ୍ୟନ୍ତ ଏବଂ ସରକାରୀ ଭାଷା ଏବଂ ଅନ୍ୟ ଭାରତୀୟ ଭାଷା ମଧ୍ୟରେ ଆଲୋଚନା ପ୍ରତିଷ୍ଠା ନ କରିବା ପର୍ଯ୍ୟନ୍ତ




ସରକାରୀ ଭାଷାର ପ୍ରଚାର ପ୍ରସାର ହୋଇପାରିବ ନାହିଁ । ଶ୍ରୀ ଅମିତ ଶାହ କହିଥିଲେ ଯେ ହିନ୍ଦୀ ଏବଂ ସ୍ଥାନୀୟ ଭାଷା ମଧ୍ୟରେ କେବେ ବି ପ୍ରତିଯୋଗିତା ହୋଇପାରିବ ନାହିଁ କାରଣ ହିନ୍ଦୀ ସମସ୍ତ ସ୍ଥାନୀୟ ଭାଷାର ବନ୍ଧୁ ଅଟେ। ସେ କହିଥିଲେ ଯେ ହିନ୍ଦୀ ଏବଂ ସ୍ଥାନୀୟ ଭାଷା ପରସ୍ପରର ପରିପୂରକ ଏବଂ ସେଥିପାଇଁ ଭାରତୀୟ ଭାଷା ବିଭାଗ ମାଧ୍ୟମରେ ହିନ୍ଦୀ ଏବଂ ସମସ୍ତ ସ୍ଥାନୀୟ ଭାଷା ମଧ୍ୟରେ ବନ୍ଧୁତ୍ୱ ସୁଦୃଢ଼ ହେବ । ଯଦି କୌଣସି ଲେଖା, ଭାଷଣ କିମ୍ବା ଚିଠି ହିନ୍ଦୀରେ ଥାଏ ତେବେ ଭାରତୀୟ ଭାଷା ବିଭାଗ ଏହାକୁ ଦେଶର ସମସ୍ତ ଭାଷାରେ ଅନୁବାଦ କରିବ ବୋଲି ସେ କହିଛନ୍ତି। ସେହିଭଳି ଦେଶର ସମସ୍ତ ଭାଷାର ସାହିତ୍ୟ, ପ୍ରବନ୍ଧ ଓ ଭାଷଣକୁ ହିନ୍ଦୀରେ ଅନୁବାଦ କରାଯିବ, ଯାହା ସମୟର ଆବଶ୍ୟକତା। ଯେଉଁମାନେସ୍ୱରାଜ, ସ୍ୱଧର୍ମ ଓ ସ୍ୱଭାଷାକୁ ଅନ୍ତର୍ଭୁକ୍ତ କରୁନାହାନ୍ତି ସେମାନେ ନିଜ ଭବିଷ୍ୟତ ପିଢ଼ିକୁ ଦାସ ମାନସିକତାରୁ ମୁକ୍ତ କରିପାରିବେ ନାହିଁ ବୋଲି କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ସ୍ୱରାଜର ସଂଜ୍ଞାରେ ସ୍ୱଭାଶାକୁ ଅନ୍ତର୍ଭୁକ୍ତ କରାଯାଇଛି । ଯେଉଁ ଦେଶ ଓ ଲୋକମାନେ ନିଜ ଭାଷାକୁ ସୁରକ୍ଷା ଦେଇପାରିବେ ନାହିଁ, ସେମାନେ ନିଜ ଇତିହାସ, ସାହିତ୍ୟ, ସଂସ୍କୃତିରୁ ବିଚ୍ଛିନ୍ନ ହୋଇ ଯାଆନ୍ତି ଏବଂ ସେମାନଙ୍କର ଭବିଷ୍ୟତ ପିଢ଼ି ଦାସ ମାନସିକତା ସହିତ ବଞ୍ଚିଛନ୍ତି ବୋଲି ସେ କହିଥିଲେ। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଶିବାଜୀ ମହାରାଜଙ୍କ ସ୍ୱରାଜ, ସ୍ୱଭାଷା ଓ ସ୍ୱଧର୍ମ ନୀତି ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଅତ୍ୟନ୍ତ ଜରୁରୀ ବୋଲି ଶ୍ରୀ ଶାହା କହିଛନ୍ତି। ନୂଆ ଶିକ୍ଷାନୀତିରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମାତୃଭାଷାରେ ପ୍ରାଥମିକ ଶିକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଥିଲେ ଯେ ଭାଷାଗତ ଅଭିବ୍ୟକ୍ତି, ଚିନ୍ତାଧାରା, ବୁଝାମଣା, ଯୁକ୍ତି, ବିଶ୍ଳେଷଣ ଏବଂ ନିଷ୍ପତ୍ତିରେ ପହଞ୍ଚିବା ପାଇଁ ପିଲାଙ୍କ ପାଇଁ ସବୁଠାରୁ ସହଜ ଭାଷା ହେଉଛି ତା'ର ମାତୃଭାଷା । ସେଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀ ମାତୃଭାଷାରେ ଶିକ୍ଷା ଦେବା ଉପରେ ଗୁରୁତ୍ୱ ଦେଇଛନ୍ତି । ଗୃହମନ୍ତ୍ରୀ କହିଥିଲେ ଯେ ଆଜି ହେଉଛି ଭାରତର ସମସ୍ତ ଭାଷାକୁ ସୁଦୃଢ଼ କରିବା ଏବଂ ସରକାରୀ ଭାଷାକୁ ଦେଶର ସଂଯୋଗୀକରଣ ଭାଷାରେ ପରିଣତ କରିବାର ଦିନ ଯାହା ମାଧ୍ୟମରେ ଆମେ ଆମ ଦେଶର କାର୍ଯ୍ୟକୁ ନିଜ ଭାଷାରେ ସମ୍ପାଦନ କରିପାରିବା । ଶ୍ରୀ ଅମିତ ଶାହ କହିଥିଲେ ଯେ ଆମ ସ୍ୱାଧୀନତା ସଂଗ୍ରାମରେ ହିନ୍ଦୀର ବହୁତ ବଡ଼ ଅବଦାନ ରହିଛି । ସେ କହିଥିଲେ ଯେ ୧୮୫୭ ବିପ୍ଳବ ବିଫଳ ହେବା ପଛରେ ଏକ ମୁଖ୍ୟ କାରଣ ହେଉଛି ସଂଯୋଗକାରୀ ଭାଷାର ଅଭାବ । ସେ କହିଥିଲେ ଯେ ଆମ ଦେଶ ଏକ ଭୂ-ରାଜନୈତିକ ନୁହେଁ ବରଂ ଏକ ଭୂ-ସାଂସ୍କୃତିକ ଦେଶ ଏବଂ ଆମ ଦେଶକୁ ସଂଯୋଗ କରୁଥିବା ସେତୁ ହେଉଛି ସଂସ୍କୃତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମ ଦେଶର ଏକତା ସଂସ୍କୃତି ଉପରେ ନିର୍ମିତ, ଆମ ସଂସ୍କୃତି ସଂଯୁକ୍ତ ଏବଂ ଭାଷା ଉପରେ ନିର୍ମିତ ଏବଂ ଯେଉଁଦିନ ଆମେ ଆମର ଭାଷା ହରାଇବୁ, ଦେଶର ଏକତା ବଡ଼ ବିପଦରେ ପଡ଼ିବ । ଭୀମ ରାଓ ଆମ୍ବେଦକର, ସି ରାଜଗୋପାଳଚାରୀ, ମହାତ୍ମା ଗାନ୍ଧୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, କେଏମ୍ ମୁନ୍ସି, ଲାଲା ଲାଜପତ ରାୟ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କିମ୍ବା ଆଚାର୍ଯ୍ୟ କ୍ରିପାଲାନି, ହିନ୍ଦୀକୁ ପ୍ରୋତ୍ସାହନ ଦେଉଥିବା ଆମର ଅଧିକାଂଶ ନେତା ଅଣହିନ୍ଦୀ ଭାଷୀ ଅଞ୍ଚଳରୁ ଆସିଛନ୍ତି ବୋଲି କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି। ସେ କହିଥିଲେ ଯେ ସମସ୍ତଙ୍କ ମାତୃଭାଷା ଅଲଗା ଅଲଗା କିନ୍ତୁ ସେମାନେ ବୁଝିଥିଲେ ଯେ ହିନ୍ଦୀ ଭାଷା ଦେଶକୁ ଏକଜୁଟ କରିବାର ଏକ ମାଧ୍ୟମ, ତେଣୁ ହିନ୍ଦୀକୁ ଜାତୀୟ ଏକତାର ପ୍ରତୀକ କରି ସେମାନେ ଏହାକୁ ଏକ ସରକାରୀ ଭାଷାର ରୂପ ଦେଇଛନ୍ତି ।

## କିଟ୍ ବିଶ୍ୱବିଦ୍ୟାଳୟର ବିଂଶତମ ସମାବର୍ତ୍ତନ

# ଯୁବଶକ୍ତି ହେଉଛି ଦେଶର ସବୁଠୁ ବଡ଼ ଶକ୍ତି: ରାଜ୍ୟପାଳ

ଭୁବନେଶ୍ୱର : ଯୁବଶକ୍ତି ହେଉଛି ଦେଶର ସବୁଠୁ ବଡ଼ ଶକ୍ତି ବୋଲି ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଆଜି କିଟ୍ ବିଶ୍ୱବିଦ୍ୟାଳୟର ବିଂଶତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଦାସ କହିଲେ, ଯୁବଶକ୍ତି ହେଉଛି ଭବିଷ୍ୟତର ମୂଳଦୁଆ। ଏହି ଯୁବଉର୍ଜା, ଉତ୍ସାହ ଓ ନବସର୍ଜନା ସହ ଭାରତ ଆଜି ବିଶ୍ୱରେ ସଫଳତାର କାହାଣୀ ଲେଖିଚାଲିଛି। ଭାରତର ଯୁବଶକ୍ତି ହେଉଛନ୍ତି ପରିବର୍ତ୍ତନ ବାହକ। ଏକ ସମୃଦ୍ଧ ଭାରତ ଗଠନରେ ଯୁବଶକ୍ତିଙ୍କ ଅଗ୍ରଣୀ ଭୂମିକା ରହିଛି ବୋଲି ସେ କହିଥିଲେ। ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇ ରାଜ୍ୟପାଳ କହିଲେ, ଛାତ୍ରଛାତ୍ରୀଙ୍କ ସଫଳତା ସମାଜର ଅନ୍ୟମାନଙ୍କୁ ଉପରକୁ ଉଠାଇବା ସହ ସମାଜରେ ସାର୍ଥକ ପରିବର୍ତ୍ତନରେ ନିହିତ ରହିଛି। ଏହାକୁ ପ୍ରଥମେ ନିଜ ପରିବାର ଓ ସମାଜରୁ ଆରମ୍ଭ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବାସ୍ତବିକ ଜୀବନରେ ପାଦ ଦେବାବେଳେ ସମାଜର ସବୁଠାରୁ ଗରିବ, ନିଷ୍ପେସିତ ଓ ଅବହେଳିତ ଲୋକଙ୍କ କଥା ଚିନ୍ତା କରି ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଜୀବନରେ ଯେତେ ଉପରକୁ ଗଲେ ମଧ୍ୟ ନିଜର ମୂଲ୍ୟବୋଧକୁ ଭୁଲିଯିବା ଉଚିତ୍ ନୁହେଁ ବୋଲି ସେ କହିଥିଲେ। ଜୀବନରେ ସର୍ବଦା ଦୟା, ବିନମ୍ରତା ଓ ସାମାଜିକ ଦାୟିତ୍ୱବୋଧ ଆଦି ମୂଲ୍ୟବୋଧ ବଜାୟ ରଖିବାକୁ ରାଜ୍ୟପାଳ ଶ୍ରୀ ଦାସ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଆଭାସୀ ମାଧ୍ୟମରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ୟୁକ୍ରେନ୍‌ର ଶାନ୍ତି ନୋବେଲ୍ ବିଜେତା ଓଲେକ୍ସାଣ୍ଡ୍ରା ମାତ୍‌ଭିଚକ୍ କିହଲେ, ଖୁବ୍ ଅଳ୍ପ ସମୟ ମଧ୍ୟରେ କିଟ୍ ଭାରତ ତଥା ବିଶ୍ୱର ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭାବେ ପ୍ରସିଦ୍ଧି ଲାଭ କରିପାରିଛି । ଏଭଳି ଏକ ଶିକ୍ଷାନୁଷ୍ଠାନ ଗଢ଼ିବା ଏବଂ ଅସମାନତା ଦୂର କରିବା କ୍ଷେତ୍ରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ ପ୍ରଶଂସନୀୟ। ଜଣେ ସାଧାରଣ ଲୋକ ସମାଜରେ ସୁଦୂରପ୍ରସାରୀ ପ୍ରଭାବ ପକାଇବା ସହ ଅସାଧାରଣ କାମ କରିପାରେ ବୋଲି ଏଥିରୁ ପ୍ରମାଣିତ ବୋଲି ସେ କହିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ହାଇଦ୍ରାବାଦସ୍ଥିତ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ ଏଆଇଜି ହସ୍‌ପିଟାଲ୍‌ର ଅଧ୍ୟକ୍ଷ ଡ. ଡି. ନାଗେଶ୍ୱର ରେଡ୍ଡୀ, ଆଧ୍ୟାତ୍ମିକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶିଷ୍ଟ ଆଧ୍ୟାତ୍ମିକ ଚିନ୍ତକ ଡ. ଚନ୍ଦ୍ରଭାନୁ ଶତପଥୀ, ଟେକ୍ନୋଲୋଜି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପୁନେସ୍ଥିତ କେପିଆଇଟି ଟେକ୍ନୋଲୋଜିର ସହ-ପ୍ରତିଷ୍ଠାତା କିଶୋର ପାଟିଲ୍ ଏବଂ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଓଡ଼ିଶା ଆଥଲେଟିକ୍ ସଂଘ ଓ ଓଡ଼ିଶା ଫୁଟବଲ୍ ସଙ୍ଘର ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ଗ୍ରହଣ କରି ଡ. ରେଡ୍ଡୀ କହିଲେ, କିଟ୍ ହେଉଛି ସମାଜକୁ ପ୍ରତିଦାନ କ୍ଷେତ୍ରରେ ଏକ ଆଦର୍ଶ ମଡେଲ। ଡ. ଶତପଥୀ ଏହି ସମ୍ମାନ ଗ୍ରହଣ କରି କହିଲେ, ଯେଉଁମାନେ ଦିନେ ସ୍ୱପ୍ନ ଦେଖିବାର କଳ୍ପନା କରି ନଥିଲେ, ଅଚ୍ୟୁତ ସାମନ୍ତ ଆଜି ସମାଜର ସେହି ଅବହେଳିତ ବର୍ଗଙ୍କ ମଧ୍ୟରେ ଆଶାର ଆଲୋକ ସୃଷ୍ଟି କରିପାରିଛନ୍ତି। ଶ୍ରୀ ପାଟିଲ କହିଲେ, କିଟ୍ ? ଓ କିସ୍ ହେଉଛି ବିଶ୍ୱର ଅଷ୍ଟମ ଆଶ୍ଚର୍ଯ୍ୟ । କିଟ୍‌ର ଏହି ସମ୍ମାନ ମୋତେ ଆଗକୁ ଆହୁରି ଅଧିକ କାମ କରିବାକୁ ପ୍ରେରଣା ଯୋଗାଇବ। ଶ୍ରୀ ବେହେରା ତାଙ୍କର ଏହି ସମ୍ମାନକୁ ସମଗ୍ର କ୍ରୀଡ଼ା ଜଗତକୁ ଉତ୍ସର୍ଗ କରିଥିଲେ। ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଅଶୋକ ପରିଜା ନିଜ ସଭାପତିତ୍ୱ ଅଭିଭାଷଣରେ ଦୂରଦୃଷ୍ଟି, କଠିନ ପରିଶ୍ରମ ଏବଂ ଉତ୍ସର୍ଗୀକୃତ ମନୋଭାବର ପ୍ରତୀକ ହେଉଛି କିଟ୍ ବିଶ୍ୱବିଦ୍ୟାଳୟ ବୋଲି କହିଥିଲେ। କୁଳପତି ପ୍ରଫେସର ଶରଣଜିତ ସିଂହ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତବର୍ଷ ମୋଟ ୭୨୮୩ ଛାତ୍ରଛାତ୍ରୀ ଡିଗ୍ରୀ ପାଇଥିବା ବେଳେ ୫୪୫୫ଜଣଙ୍କୁ ସ୍ନାତକ, ୧୫୯୭ ଜଣଙ୍କୁ ସ୍ନାତକୋତ୍ତର ଓ ୧୮୬ ଜଣଙ୍କୁ ପିଏଚ୍ ?ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ହାସଲ କରିଥିବା ୫୯ଜଣ ଛାତ୍ରଛାତ୍ରୀଙ୍କୁ ପଦକ ପ୍ରଦାନ କରାଯାଇଥିଲା। ୩ଜଣଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ, ୨୬ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ, ୨୭ଜଣଙ୍କୁ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ସେହିପରି ନନିବାଳା ସ୍ମୃତି ସ୍ୱର୍ଣ୍ଣ ପଦକ, ପି. କେ. ବଳ ସ୍ମୃତି ସ୍ୱର୍ଣ୍ଣ ପଦକଳ ପିପିଏଲ୍ ସ୍ୱର୍ଣ୍ଣ ପଦକ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍‌ର ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର ଏନ୍ ଦାଶ, ପ୍ରାକ୍ତନ କୁଳାଧିପତି ପ୍ରଫେସର ଏନ୍ ଏଲ୍ ମିତ୍ର, ପ୍ରଫେସର ବେଦ ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।



# ସଦସ୍ୟତା ଅଭିଯାନରେ ଯୋଗଦେଲେ କଳାହାଣ୍ଡି ସାଂସଦ ମାଳବିକା ଦେବୀ



ନୂଆପଡା (ମାନିସ) : ସାରା ଭାରତ ବର୍ଷରେ ବିଜେପିର ସଦସ୍ୟତା ଅଭିଯାନ ବଡ ଯୋର ସୋର ରେ ଚାଲୁଥିବା ବେଳେ ଆଜି ସଦର ବ୍ଲକ ନୂଆପଡା ସ୍ଥିତ ପରକୋଡ ପଂଚାୟତରେ ସଦସ୍ୟତା ଅଭିଯାନରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଯୋଗଦାନ କରିଥିଲେ। ତାଙ୍କ ସହ ନୂଆପଡା ବିଜେପି ଦଳର ବରିଷ୍ଠ ନେତା ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ,ବିଧାୟକ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା,ବରିଷ୍ଠ ନେତା ହରିଶ୍ଚନ୍ଦ୍ର ପଣ୍ଡା,ବରିଷ୍ଠ ନେତା ଗୋଲ୍ଡି ଅଗ୍ରୱାଲ,ଖରିଆରୋଡ ଏନଏସି ଚ୍ୟାରମେନ ସୋନିଆ ଜୈନ,ସନ୍ଦିପ ଶର୍ମା,ଚତୁର୍ଭୁଜ ଶର୍ମା ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ପରକୋଡ ଗ୍ରାମପଂଚାୟତର ସମସ୍ତ ବିଜେପି କାର୍ଯ୍ୟକର୍ତା ଉପସ୍ଥିତ ରହି ସାଂସଦ ମାଳବବିକା ଦେବୀଙ୍କୁ ଫୁଲ ତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରି ପାଛୋଟି ନେଇଥିଲେ। ପରେ ଏକ ଦଳିୟ ବୈଠକରେ ଯୋଗଦାନ କରି ଅଧିକରୁ ଅଧିକ ସଦସ୍ୟ ବିଜେପିରେ ସାମିଲ କରିବା ପାଇଁ ବିଜେପିର ଦଳିୟ କର୍ମୀ ମାନଙ୍କୁ ଅନୁରୋଧ କରିଥିଲେ। ପରେ କୋମନା ବ୍ଲକ ସ୍ଥିତ କୁରୁମପୁରି ଏବଂ ନୂଆଗାଁ ପଂଚାୟତରେ ସଦସ୍ୟତା ଅଭିଯାନରେ ଯୋଗଦେଇ କର୍ମୀ ମାନଙ୍କୁ ଉତ୍ସାହିତ କରିଥିଲେ। ପରକୋଡ ପଂଚାୟତରେ ସଦସ୍ୟତା ଅଭିଯାନରେ ପରକୋଡ ପଂଚାୟତର ବିଜେପିର ସମସ୍ତ କାର୍ଯ୍ୟକର୍ତା ସରୋଜ ଜଗତ,ଲିଙ୍ଗରାଜ ଦଣ୍ଡସେନା,ରିଜୁ ପାଣ୍ଡେ,ଟିକରାମ ଦେବାଙ୍ଗନ,ଭରତ ଦେବାଙ୍ଗନ,ଭିଖମ ଦଣ୍ଡସେନା,ନବିନ ଦେବାଙ୍ଗନ,ମନୋହର ପାଣ୍ଡେ,ହେମନ୍ତ ସାହୁ,ଭାଓସିଙ୍ଗ ହରିଜନ,ଗୁଲୁ ରାଉତ,ଦୟାଲାଲ ସାହୁ,ଲୋଚନ କୁମାର ସାହୁ,ଅଶୋକ ସାହୁ,ଅନ୍ତରାମ ରାଉତ ପ୍ରମୁଖ ସାମିଲ ଥିଲେ।

# ବନ୍ଧନ ବ୍ୟାଙ୍କ ଏଜେଣ୍ଟଙ୍କ ଠାରୁ ଲୁଟ ଘଟଣାର ଦୁଇ ଅଭିଯୁକ୍ତ ଗିରଫ



ବାଲେଶ୍ୱର (ମାନିସ) : ଗତ ୧୦ ତାରିଖ ପୁରୁଣା ବାଲେଶ୍ୱର କସବା ସ୍କୁଲ ଠାରେ ଜଣେ ମହିଳା ବ୍ୟାଙ୍କ ଏଜେଣ୍ଟଙ୍କ ଠାରୁ ଲୁଟ ଘଟଣାର ଟାଉନ ଥାନା ପୋଲିସ ଆଜି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ସୂଚନା ମୁତାବକ ବନ୍ଧନ ବ୍ୟାଙ୍କର ମହିଳା ଏଜେଣ୍ଟ ବଉଳ ବେହେରା ଗତ ତା,୧୦/୦୯/୨୦୨୪ ରିଖ ଦିନ ଟାଉନ ଥାନା ଅନ୍ତର୍ଗତ ପୁରୁଣା ବାଲେଶ୍ୱର ଅଞ୍ଚଳରୁ ବନ୍ଧନ ବ୍ୟାଙ୍କର ମହିଳା ଏଜେଣ୍ଟ ବଉଳ ବେହେରା ଟଙ୍କା କଲେକ୍ସନ କରି ଯାଉଥିଲେ। କସବା ସ୍କୁଲ ନିକଟରେ ତିନି ଜଣ ଯୁବକ ଏକ ନୀଳ ରଙ୍ଗର ଆପାଚି ବାଇକ ରେ ଆସି ତାଙ୍କୁ ଛୁରୀ ଦେଖାଇବା ସହ ଟଙ୍କା ବ୍ୟାଗ ଲୁଟ କରି ଫେରାର ହୋଇଯାଇଥିଲେ ।ଏହି ବ୍ୟାଗ ରେ କଲେକ୍ସନ ଟଙ୍କା ୧ ଲକ୍ଷ ୨୪ ହଜାର ୨୦ ଟଙ୍କା ଥିଲା ବୋଲି ଏଜେଣ୍ଟ ଅଭିଯୋଗ କରିଥିଲେ ।ଏହି ଘଟଣାର ଟାଉନ ଥାନା ପକ୍ଷରୁ ୩୨୩/୨୪ ମୂଳେ ମାମଲା ରୁଜୁ ହୋଇଥିଲା ।ଏସପି ସାଗରିକା ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିଟି ଡିଏସପି ଶୁଭ୍ରାଂଶୁ ଶେଖର ନାୟକ,ଆଇଆଇସି ଅଶୋକ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ତଦନ୍ତ କରି ଦୁଇ ଜଣ ଅଭିଯୁକ୍ତ ଙ୍କୁ ଗିରଫ କରି ସେମାନଙ୍କ ଠାରୁ ନଗଦ ୪୨ହଜାର ଟଙ୍କା ଲୁଟ ରେ ବ୍ୟବହୃତ ବାଇକ୍,ଛୁରୀ ଆଦି ଜବତ କରିଥିଲେ। ଗିରଫ ଦୁଇଜଣ ହେଲେ ଟାଉନ ଥାନା ବାଲୁବଜାର ଅଞ୍ଚଳର ଡି.ଜେ ସନ୍ନୁ,ସଦର ଥାନା ଓଲନ୍ଦା ସାରଗାଁ ର ରାମ ଓରଫ ଗେଣ୍ଡୁ ।ଅନ୍ୟ ଜଣେ ଚିହ୍ନଟ ହୋଇ ପାରି ନଥିବାର ପୋଲିସ କହିଛି ।ତେବେ ଅଧିକ ତଦନ୍ତ ଜାରି ରହିଛି।

# ଗାନ୍ଧିଛକ ବଣିକ ସଂଘର ଦଶହରା କୁମାର ପୂର୍ଣ୍ଣିମା ପ୍ରସ୍ତୁତି ବୈଠକ



ଚୌଦ୍ୱାର (ମାନିସ) : ଚୌଦ୍ୱାର ର ପ୍ରସିଦ୍ଧ ଦଶହରା କୁମାର ପୂର୍ଣ୍ଣିମା ଉତ୍ସବ ପାଇଁ ଗାନ୍ଧିଛକ ବଣିକ ସଂଘର ପ୍ରସ୍ତୁତି ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଦୀପ ନାୟକ ଓ ସମ୍ପାଦକ ଅଜୟ ମହାନ୍ତି ଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକ ରେ ଗାନ୍ଧିଛକ ବଣିକ ସଂଘର ଆଗାମୀ ପୂଜା ଉତ୍ସବ କିପରି ଅନୁଷ୍ଠିତ ହେବ ଏ ନେଇ ଆଲୋଚନା ହୋଇଥିଲା । ପ୍ରତିବର୍ଷ ପରି ଦୁଇଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ଦୁଇଦିନ ୧୭.୧୦.୨୪ ଓ ୧୮.୧୦.୨୪ ରେ ମେଲୋଡି କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିର କରାଯାଇଛି ।୧୬ ତାରିଖରେ ମା ମହାଲକ୍ଷ୍ମୀ ଙ୍କ ମୂର୍ତ୍ତି ମଣ୍ଡପ ରେ ଶୋଭା ପାଇବେ । ବିଧି ମୁତାବକ ସକାଳ ୧୦ ଘଟିକା ସମୟରେ କଳସ ଶୋଭାଯାତ୍ରା କରାଯାଇ ମାଙ୍କ ପୂଜାର୍ଚ୍ଚନା ପୂର୍ବକ ଆବାହନ କର୍ଜିବ । ୧୬ ତାରିଖ ସନ୍ଧ୍ୟାରେ ମାଙ୍କ ଆଳତି କରାଯିବା ସହ ବଜାର ର ବ୍ୟବସାୟୀ ମାନେ ଏକତ୍ରିତ ହୋଇ ମାଙ୍କ ପୂଜାର୍ଚ୍ଚନା ରେ ଯୋଗ ଦେବେ ।୧୭ ତାରିଖ ଗୁରୁବାର ପ୍ରତିବର୍ଷ ପରି ମାର୍କେଟ କମ୍ପ୍ଲେକ୍ସ ପରିସରରେ ୫୦୦ ରୁ ୭୦୦ ଲୋକଙ୍କ ପାଇଁ ଦହି ପଖାଳ କରାଯିବ ବୋଲି ନିଷ୍ପତି ନିଆଗଲା । ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ସଂପୂର୍ଣ୍ଣ ବଜାରକୁ ପ୍ରତିବର୍ଷ ପରି ଆଲୋକି କରଣ ,ତୋରଣ ନିର୍ମାଣ ଓ ପ୍ରଶାସନ ର ନୂତନ ନିୟମ ଅନୁଯାୟୀ କିପରି ଶାନ୍ତିପୂର୍ଣ୍ଣ ଭାବେ ଭସାଣି ଶୋଭାଯାତ୍ରା ହୋଇ ପାରିବ ଏ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ତେବେ ପରବର୍ତ୍ତୀ ସମୟରେ ଗାନ୍ଧିଛକ ବଣିକ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ପୂଜା ପୂର୍ବରୁ ଅନ୍ୟ ଏକ ସଭା କରାଯିବ ବୋଲି ନିର୍ଣ୍ଣୟ କରାଗଲା । ଏହି କାର୍ଯ୍ୟକ୍ରମରେ ବଜାର ର ସନାତନ ମହାରଣା ,ନରେନ୍ଦ୍ର ମହାନ୍ତି ,ଶଙ୍କର୍ଷଣ ମହାପାତ୍ର ,ସୂର୍ଯ୍ୟମଣି ଦାସ ,ସୁରେଶ କୁମାର ଦାସ ,ଭୁବନା ନନ୍ଦ ସାହୁ ,ରଶ୍ମିରଞ୍ଜନ ,ବିଜୟ ବର୍ଦ୍ଧନ ,ସରୋଜ ନାୟକ ଗୋଲକ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଡେଙ୍ଗୁ ମେଲେରିଆ ନିରାକରଣ ସଚେତନତା ଅଭିଯାନ



ବଲାଣି (ମାନିସ)କେନ୍ଦୁଝରେ ଜିଲ୍ଲା ବଡ଼ବିଲ ପୌରାଞ୍ଚଳ ଅନ୍ତର୍ଗତ ଦୁଇ ନମ୍ବର ୱାର୍ଡ଼ ସ୍ଥିତ କାରା ଗ୍ରାମରେ ଆଜି ଆର୍ସେଲର ମିତ୍ତଲ କମ୍ପାନୀ ପକ୍ଷରୁ ଡେଙ୍ଗୁ ମେଲେରିଆ ନିରାକରଣ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ବଡ଼ବିଲ ପୌରପାଳିକା ଦୁଇ ନମ୍ବର ୱାର୍ଡର ୱାର୍ଡ କାଉନସିଲର ବବିରାଣୀ ମହାନ୍ତ ଏବଂ ଆର୍ସେଲର ମିତ୍ତଲ କମ୍ପାନୀର ଖଣି ମ୍ୟାନେଜର ମୁକେଶ ଥାବାଇତ, ସିଏସଆର ମୁଖ୍ୟ ଅରୁଣ ଅଗରୱାଲ ଓ ଡକ୍ଟର ସୁବ୍ରତ ଧଳ ଆଦି ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ଦୁଇ ନମ୍ବର ୱାର୍ଡ଼ କାଉନସିଲର ଓ ଆର୍ସେଲର ମିତ୍ତଲ ଖଣି କମ୍ପାନୀ ଅଧିକାରୀଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା । ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଡେଙ୍ଗୁ ମେଲେରିଆ ରୋଗର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ସମସ୍ତ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଏହି ସଚେତନତା ବାର୍ତ୍ତା ଦିଆଯିବାର ବ୍ୟବସ୍ଥା କରାଯାଇଥିଲା । ଡେଙ୍ଗୁ ମେଲେରିଆ ରୋଗରୁ ବଞ୍ଚିତ ରହିବା ପାଇଁ ସମସ୍ତଙ୍କୁ ଲିଫଲେଟ ବଣ୍ଟନ କରିବା ସହିତ ଚାରିପାଖ ସଫା ସୁତୁରା ରଖିବା ସହ ପ୍ରତିଦିନ ମଶାରୀ ବ୍ୟବହାର କରିବା ପାଇଁ ଅନୁରୋଧ କରାଯାଇଥିଲା ।

# ଉନ୍ନୟନ କାର୍ଯ୍ୟରେ କ୍ଷେତ୍ର ପରିଦର୍ଶନ କରି ଶ୍ରମଦାନ କଲେ ଜିଲ୍ଲାପାଳ



ନୂଆପଡା (ମାନିସ) : ନୂଆପଡା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସିଲଭା ଗ୍ରାମପଂଚାୟତ ର ଚଂଚରାଝରଣ ଗାଁ ଏବଂ ସମରସିଂ ଗ୍ରାମପଂଚାୟତ ର ଖଜୁର ବାହାଲ ଗାଁ ଠାରେ ଏମଜିଏନଆରଇଜିଏସ ରେ ଶ୍ରମ ଭିତିକ ଟ୍ରେଂଚ ଖନନ କାମରେ ଉଭୟ ଗ୍ରାମରେ ୧୫୦ଜଣ ଲେଖାଁଏ ଶ୍ରମିକ ନିୟୋଜିତ ହୋଇ କାମ କରୁଥିବା ବେଳେ ଆଜି ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ କୋମନା ବ୍ଲକର ଉନ୍ନୟନ କାର୍ଯ୍ୟକ୍ଷେତ୍ର ପରିଦର୍ଶନ କରି ଶ୍ରମିକ ମାନଙ୍କ ସହ ମିଶି ଶ୍ରମଦାନ କରି ଶ୍ରମିକ ମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟକ୍ଷେତ୍ର ପରିଦର୍ଶନ କରି ଶ୍ରମଦାନ କରିବା ସମୟରେ ନୂଆପଡା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଧର ଧରୁଆ ଏବଂ ଗୋଷ୍ଠୀଉନ୍ନୟନ ଅଧିକାରୀ କୋମନା ହିତାଂଶୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## "ସାମୁଦ୍ରିକ ଅର୍ଥନୀତି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହେବ ଓଡ଼ିଶା"

# ନୂଆଦିଲ୍ଲୀରେ 'ଗ୍ଲୋବାଲ୍ ବାୟୋ ଇଣ୍ଡିଆ' : 'ବ୍ଲୁ ଇକୋନମି' ଶୀର୍ଷକ ଅଧିବେଶନରେ ଓଡ଼ିଶାର ଉପସ୍ଥାପନା

ନୂଆଦିଲ୍ଲୀ/ଭୁବନେଶ୍ୱର : ଭାରତୀୟ ଅର୍ଥନୀତିକୁ ଆଗାମୀ ଦିନରେ ବାୟୋଟେକ୍ନୋଲୋଜି କ୍ଷେତ୍ର ସମୃଦ୍ଧ କରିବାକୁ ଯାଉଛି। ଏଥିରେ ସାମୁଦ୍ରିକ ଜୈବ-ସମ୍ବଳ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାର ସଠିକ ଉପଯୋଗ କରିବା ପାଇଁ ଓଡ଼ିଶା ପ୍ରସ୍ତୁତ ହେଉଛି ବୋଲି ବିଜ୍ଞାନ ଓ ବୈଷୟିକ ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ନୂଆଦିଲ୍ଲୀର ପ୍ରଗତି ମଇଦାନଠାରେ ଆୟୋଜିତ 'ଗ୍ଲୋବାଲ ବାୟୋ ଇଣ୍ଡିଆ-୨୦୨୪'ର ତୃତୀୟ ଦିନରେ 'ଟ୍ୟାପିଂ ଦ ବ୍ଲୁ ଇକୋନମି' ଶୀର୍ଷକରେ ଏକ ବିଶେଷ ଅଧିବେଶନ କରାଯାଇଥିଲା। ଏଥିରେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀଯୁକ୍ତ ପାତ୍ର ଓଡ଼ିଶାରେ ଥିବା ବ୍ୟାପକ ସାମୁଦ୍ରିକ ସମ୍ବଳ କିପରି ଭାରତୀୟ ବାୟୋ-ଅର୍ଥନୀତିକୁ ସମୃଦ୍ଧ କରିବ ତା' ଉପରେ ଭି□ ବକ୍ତବ୍ୟ ରଖିଥିଲେ। "ଓଡ଼ିଶାରେ ୪୮୦ କିଲୋମିଟର ବ୍ୟାପୀ ସୁଦୀର୍ଘ ବେଳାଭୂମି ରହିଛିç ଏହାକୁ ଆଧାରକରି 'ମେରାଇନ୍ ବାୟୋଟେକ୍ନୋଲୋଜି' କ୍ଷେତ୍ରକୁ ବ୍ୟାପକ କରିବା ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ରୋଡମ୍ୟାପ୍ ପ୍ରସ୍ତୁତ କରୁଛନ୍ତି। ଏହି ସାମୁଦ୍ରିକ ସମ୍ବଳ ସହିତ ଜ୍ଞାନକୌଶଳ ଉପଯୋଗ କରାଯାଇ କିପରି ଆଧୁନିକ ବାୟୋଟେକ୍ନୋଲୋଜି ଓ ଆନୁଷଙ୍ଗିକ ଶିଳ୍ପ ବିକଶିତ ହୋଇପାରିବ ସେ ଦିଗରେ ସରକାର ପଦକ୍ଷେପ ନେବାକୁ ଯାଉଛନ୍ତି," କହିଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଭାରତ ସାମୁଦ୍ରିକ ସମ୍ବଳରେ ସମୃଦ୍ଧ ଦେଶ। ତେଣୁ ବିଭିନ୍ନ ସାମୁଦ୍ରିକ ସମ୍ବଳ ସହିତ ଏହାକୁ ଆଧାରକରି ଆଗାମୀ ଦିନରେ ସୃଷ୍ଟି ହେବାକୁ ଥିବା ବିଭିନ୍ନ ଶିଳ୍ପ ଓ କାରବାରକୁ 'ବ୍ଲୁ ଇକୋନମି' ବା 'ନୀଳ ଅର୍ଥନୀତି' ଭାବେ ବର୍ଣ୍ଣନା କରାଯାଉଛି। ମନ୍ତ୍ରୀ ଶ୍ରୀଯୁକ୍ତ ପାତ୍ର 'ଗ୍ଲୋବାଲ ବାୟୋ ଇଣ୍ଡିଆ' ମ□ରେ ଭାରତର ଏହି ବିଶାଳ ସମ୍ଭାବନା କଥା କହିବା ବେଳେ ଓଡ଼ିଶା କରିଥିବା ବିଭିନ୍ନ ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ। "ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ଆଗାମୀ ଦିନରେ ଓଡ଼ିଶାର ସୁଦୀର୍ଘ ସାମୁଦ୍ରିକ ତଟ ଉପରେ ବ୍ୟାପକ ଗବେଷଣା ଲାଗି ଯୋଜନା କରୁଛି। ଏହି ଗବେଷଣାରୁ ଯେଉଁ ଫଳାଫଳ ବାହାରିବ ତାକୁ ଆଧାରକରି ରାଜ୍ୟରେ ସାମୁଦ୍ରିକ ବାୟୋଟେକ୍ନୋଲୋଜି ଶିଳ୍ପ ପ୍ରତିଷ୍ଠା ପାଇଁ ମୂଳଦୁଆ ପଡ଼ିବ।



ମାତୃଭାଷା



# ଖୁବଶୀଘ୍ର ସନ୍ନ୍ୟାସ ଘୋଷଣା କରିପାରନ୍ତି ଭୁବନେଶ୍ୱର କୁମାର




**ନୂଆଦିଲ୍ଲୀ, ୧୪।୯:** ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା କେବଳ ଭାରତୀୟ ନୁହେଁ ବରଂ ଅନେକ ବିଦେଶୀ କ୍ରିକେଟର ଅବସର ନେଇସାରିଲେଣି। ଡେଭିଡ ୱାର୍ଣ୍ଣରଙ୍କ ଠାରୁ ଦୀନେଶ କାର୍ତ୍ତିକ ପର୍ଯ୍ୟନ୍ତ ଏବଂ ଶିଖର ଧାୱନ ଓ ମୋଇନ ଅଲିଙ୍କ ଭଳି ଖେଳାଳି ମଧ୍ୟ କ୍ରିକେଟରୁ ଅବସର ନେଇସାରିଛନ୍ତି। ଏପରିକି ବିରାଟ କୋହଲି ଏବଂ ରୋହିତ ଶର୍ମା ଟି ୨୦ କ୍ରିକେଟକୁ ବିଦାୟ ଦେଇସାରିଛନ୍ତି। ବର୍ତ୍ତମାନ ଖୁବ୍ ଶୀଘ୍ର ଭାରତୀୟ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କ ନାମ ମଧ୍ୟ ଏହି ତାଲିକାରେ ଯୋଡି ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

୨୦୧୨ ରେ ପାକିସ୍ତାନ ବିପକ୍ଷ ଟି ୨୦ ମ୍ୟାଚରେ ଭୁବନେଶ୍ୱର କୁମାର ଭାରତ ପାଇଁ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ବର୍ତ୍ତମାନ ସୋସିଆଲ ମିଡିଆରେ ଦାବି କରାଯାଉଛି ଯେ ଭୁବନେଶ୍ୱର କୁମାର ଖୁବ୍ ଶୀଘ୍ର ଅବସର ଘୋଷଣା କରିପାରନ୍ତି। ଯଦିଓ ଏନେଇ କୌଣସି ଅଫିସିଆଲ ଘୋଷଣା କରାଯାଇ ନାହିଁ ତଥାପି ଏନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି। ଭୁବନେଶ୍ୱର ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ପାଇଁ ଶେଷ ମ୍ୟାଚ୍ ଖେଳିଥିଲେ। ନଭେମ୍ବର ୨୦୨୨ ରେ ଅନୁଷ୍ଠିତ ହୋଇଥିବା ଟି ୨୦ ମ୍ୟାଚ୍ ରେ ଭୁବନେଶ୍ୱର କୌଣସି ୱିକେଟ୍ ନେଇପାରିନଥିଲେ ଏବଂ ଡକୱର୍ଥ-ଲୁଇସ୍ ନିୟମ ଅନୁଯାୟୀ ସେହି ମ୍ୟାଚ୍ ଟାଇ ଘୋଷିତ ହୋଇଥିଲା।

ଜୁଲାଇ ୨୦୨୩ ରେ ଭୁବନେଶ୍ୱର ତମାମ ଚର୍ଚ୍ଚାରେ ଥିଲେ। କହିରଖୁଛୁ ଯେ, ଏହା ପୂର୍ବରୁ ସେ ନିଜ ଇନଷ୍ଟାଗ୍ରାମ ପ୍ରୋଫାଇଲରେ 'ଇଣ୍ଡିଆନ କ୍ରିକେଟର' ଲେଖିଥିଲେ। କିନ୍ତୁ ଗତ ବର୍ଷ ଜୁଲାଇରେ ସେ 'କ୍ରିକେଟର' ଶବ୍ଦକୁ ହଟାଇ ତାଙ୍କ ପ୍ରୋଫାଇଲରେ କେବଳ 'ଇଣ୍ଡିଆନ' ଲେଖାକୁ ଉଲ୍ଲେଖ କରିଥିଲେ। ଯଦିଓ ଏହା ଏହି କ୍ୟାପ୍‌ସନ୍‌କୁ ଅବସରର ସଙ୍କେତ ଭାବରେ ଦେଖାଯାଉଥିଲା, ତେବେ ଏପର୍ଯ୍ୟନ୍ତ ସେ ଏହି ବିଷୟରେ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି।

ଭୁବନେଶ୍ୱର କୁମାର ୨୫ ଡିସେମ୍ବର ୨୦୧୨ ରେ ପାକିସ୍ତାନ ବିପକ୍ଷରେ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। କ୍ୟାରିୟରର ପ୍ରଥମ ଓଭରରେ ସେ ପାକିସ୍ତାନୀ ବ୍ୟାଟରମାନଙ୍କୁ ତାଙ୍କ ସ୍ୱିଙ୍ଗର ଜାଲରେ ଫସାଇଥିଲେ। ତାଙ୍କର ପ୍ରଥମ ଓଭରର ଶେଷ ବଲରେ ସେ ନାସିର ଜାମସେଦଙ୍କୁ ଏକ ଇନ୍-ସୁଇଙ୍ଗ୍ ବଲ୍ ବୋଲିଂ କରି କ୍ଲିନ୍ ବୋଲ୍ଡ କରିଥିଲେ। ସେ ଏହି ମୁକାବିଲାରେ ୪ ଓଭର ବୋଲିଂ କରିଥିଲେ, ଯେଉଁଥିରେ ଭୁବନେଶ୍ୱର ମାତ୍ର ୯ ରନ୍ ଦେଇ ୩ ୱିକେଟ୍ ନେଇଥିଲେ।

# ପାକିସ୍ତାନକୁ ଧୂଳି ଚଟାଇଲା ଭାରତ

**ବେଜିଂ, ୧୪।୯:** ଚାଇନାରେ ଚାଲିଥିବା ଏସିଆନ ଚାମ୍ପିୟନ୍ସ ଟ୍ରଫିର ଶେଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ପାକିସ୍ତାନକୁ ଧୂଳି ଚଟାଇଛି ଭାରତୀୟ ହକି ଟିମ। ଆଜିର ମ୍ୟାଚ୍‌କୁ ଭାରତ ୨-୧ରେ ଜିତି ନିଜର ଅପରାଜେୟ ଧାରା ଜାରି ରଖିଛି।

ଗ୍ରୁପ ପର୍ଯ୍ୟାୟରେ ଅପରାଜେୟ ରହି ଦଳ ସେମି ଫାଇନାଲ ଖେଳିବାକୁ ଯାଉଛି। ଭାରତକୁ ଆଜି ହରାଇବାକୁ ପାକିସ୍ତାନ ପୂରା ଚେଷ୍ଟା କରିଥିଲେ ହେଁ ତା'ର ସବୁ ଉଦ୍ୟମ ଫେଲ ମାରିଛି। ପ୍ରଥମ ମ୍ୟାଚରେ ଭାରତ ଆୟୋଜକ ଚାଇନା, ପରେ ଜାପାନ, ତୃତୀୟ ମ୍ୟାଚ୍‌ରେ ମାଲେସିୟା ଓ ୪ର୍ଥ ମ୍ୟାଚରେ କୋରିଆକୁ ଚିତ କରିଥିଲା। ଆଜି ଦଳ ଚୀରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ ଦେଇଛି। ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ହକି ଟିମ ମ୍ୟାଚ୍ ଜିତିଥିଲେ ହେଁ ପାକିସ୍ତାନ ପକ୍ଷରୁ ଦଳକୁ କଡ଼ା ଚ୍ୟାଲେଞ୍ଜ ମିଳିଥିଲା। ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ପାକିସ୍ତାନ ପ୍ରଥମେ ଲିଡ ହାସଲ କରି ନେଇଥିଲା।

ମ୍ୟାଚ୍‌ର ୮ମ ମିନିଟରେ ନଦୀମ ଅହମଦ ଗୋଲ ସ୍କୋର କରି ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ହେଲେ ଭାରତ ହାର ମାନିବା ମୁଡରେ ନଥିଲା। ମ୍ୟାଚ୍‌ର ୧୩ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ

**ଏସିଆନ ଚାମ୍ପିୟନ ଟ୍ରଫି ହକି**

**୨-୧ରେ ପାକ୍‌କୁ ହରାଇଲା ଭାରତ**

ଅଧିନାୟକ ହରମନପ୍ରୀତ ସିଂହ ଗୋଲରେ ପରିଣତ କରି ସ୍ଥିତି ୧-୧ କରି ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଭାରତ ଆଟାକିଂ ଖେଳ ଦେଖାଇଥିଲା। ୧୯ତମ ମିନିଟରେ ଦଳକୁ ପୁଣି ଏକ ପିସି ମିଳିଥିଲା। ଏଥର ମଧ୍ୟ ହରମନପ୍ରୀତ ସିଂହ କମାଲ କରିଥିଲେ। ସେ ଗୋଲ ସ୍କୋର କରିବାରୁ ଭାରତ ପ୍ରଥମଥର ପାଇଁ



ମ୍ୟାଚ୍‌ରେ ଲିଡ ହାସଲ କରିଥିଲେ।

ପାକିସ୍ତାନ ବାରମ୍ବାର ସ୍ଥିତି ବରାବର କରିବାକୁ ଉଦ୍ୟମ କରିଥିଲେ ହେଁ କୌଣସି ଲାଭ ମିଳି ନଥିଲା। ହାଫ ଟାଇମ ସୁଦ୍ଧା ମ୍ୟାଚ୍‌ର ସ୍ଥିତି ଭାରତ ସପକ୍ଷରେ ୨-୧ରେ ରହିଥିଲା। ତୃତୀୟ କ୍ୱାର୍ଟରରେ ପାକିସ୍ତାନ ମିଡ୍ ଫିଲ୍ଡରେ ଚମତ୍କାର ପ୍ରଦର୍ଶନ କରି ଭାରତର ଡି' ଭିତରରେ ବାରମ୍ବର ପ୍ରବେଶ କରିଥିଲା। ଦଳକୁ ଏକାଧିକ ପିସି ମଧ୍ୟ ମିଳିଥିଲା। ହେଲେ ଗୋଲ କିପର କିଷନ ବାହାଦୂର ପାଠକ ଚମତ୍କାର ଢଙ୍ଗରେ ପାକିସ୍ତାନର ସବୁ ଉଦ୍ୟମରେ ପାଣି ପକାଇ ଦେଇଥିଲେ। ୪ର୍ଥ କ୍ୱାର୍ଟରରେ ଭାରତ ପାଖରେ ଗୋଲ କରିବାର ସୁଯୋଗ ରହିଥିଲା। ହେଲେ ତାଳମେଳ ଅଭାବରୁ ଏହା ସମ୍ଭବ ହୋଇ ପାରି ନଥିଲା। ଭାରତକୁ ପିସି ବି ମିଳିଥିଲା। ଏହାର ଫାଇଦା ଦଳ ଉଠାଇ ପାରି ନଥିଲା। ମ୍ୟାଚ ସରିବାକୁ ୧୦ ମିନିଟ ବାକି ଥିବା ବେଳେ ପାକିସ୍ତାନର ଅଶରଫ ରାଣା ଡି' ମଧ୍ୟରେ ଭାରତର ଯୁଗରାଜ ସିଂହଙ୍କୁ ବିପଦଜନକ ଭାବେ ଧକ୍କା ଦେଇଥିଲେ। ଏଥିଯୋଗୁ ବେଶ କିଛି ସମୟ ଟକ୍କରାଟକ୍କରି ସ୍ଥିତି ଦେଖିବାକୁ ମିଳିଥିଲା। ରେଫରୀ ଧକ୍କା ମାରିଥିବା ରାଣାଙ୍କୁ ୧୦ ମିନିଟ ପାଇଁ ବେଞ୍ଚରେ ବସାଇଥିଲେ। ପାକିସ୍ତାନକୁ ଶେଷ ୧୦ ମିନିଟ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିବାକୁ ପଡ଼ିଥିଲା।

ସେହିପରି ମ୍ୟାଚ୍ ସରିବାକୁ ୫ ମିନିଟକୁ କମ ସମୟ ଥିବା ବେଳେ ମନପ୍ରୀତି ସିଂହଙ୍କୁ ୟେଲୋ କାର୍ଡ ମିଳିଥିଲା। ତେଣୁ ସେ ବାକି ମ୍ୟାଚ୍‌ରେ ଆଉ ଖେଳି ପାରି ନଥିଲେ। ତଥାପି ଭାରତ ଶେଷରେ ୨-୧ରେ ପାକିସ୍ତାନକୁ ହରାଇବାକୁ ସକ୍ଷମ ହୋଇଥିଲା। ଆସନ୍ତା ୧୬ ତାରିଖରେ ସେମି ଫାଇନାଲ ଲଢ଼େଇ ହେବାକୁ ଥିବା ବେଳେ ୧୭ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

■ ଦାୟିତ୍ୱ ଗ୍ରହଣ ପରେ ମର୍କେଲଙ୍କ ପ୍ରତିକ୍ରିୟା

# ଭାରତକୁ ବିଶ୍ୱର ବେଷ୍ଟ ଟିମ୍ କରିବି

**ନୂଆଦିଲ୍ଲୀ, ୧୪।୯:** ଭାରତର ନୂଆ ବୋଲିଂ କୋଚ୍ ମୋର୍ନେ ମୋର୍କେଲ ଟିମ୍ ଇଣ୍ଡିଆକୁ ବିଶ୍ୱର ବେଷ୍ଟ ଟିମ୍ କରିବାକୁ ଚାହୁଁଛନ୍ତି। ମୋର୍ନେ ମୋର୍କେଲ ନିଜର ଏକ ବୟାନରେ କୋଟି କୋଟି ଭାରତୀୟ ଫ୍ୟାନ୍ସଙ୍କ ହୃଦୟ ଜିତିଛନ୍ତି। ଭାରତର ନୂଆ ବୋଲିଂ କୋଚ୍ ମୋର୍ନେ ମୋର୍କେଲଙ୍କ କହିବା ଅନୁସାରେ ଭାରତୀୟ କ୍ରିକେଟର ବ୍ୟବସ୍ଥା ନିଜେ ନିଜେ ସଞ୍ଚାଳିତ ହେଉଛି ଏବଂ ତାଙ୍କ ଲକ୍ଷ୍ୟ ଛୋଟ ଛୋଟ ପ୍ରୟାସରେ ଏହାକୁ ଭଲ କରିବାକୁ ହେବ। ମୋର୍ନେ ମୋର୍କେଲ ବହୁ ସମୟରୁ ଭାରତରେ ରହୁଛନ୍ତି। ସେ ଭାରତୀୟ ଟିମର ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ସହ ଲକ୍ଷ୍ନୌ ସୁପର ଜାୟଣ୍ଟସଙ୍କ ସହଯୋଗୀ ଷ୍ଟାଫରେ ବି ସାମିଲ ଥିଲେ। ଏଥିଲାଗି ସେ ଭାରତୀୟ କ୍ରିକେଟର ବ୍ୟବସ୍ଥାରେ ଭଲ ଭାବେ ଜାଣିଛନ୍ତି ଏବଂ ତାଙ୍କୁ ଜଣା କି ଏଥିରେ କେଉଁଭଳି କାମ କରିବାକୁ ହେବ।

ମୋର୍ନେ ମୋର୍କେଲ ବିସିସିଆଇ ଟିଭିକୁ କହିଛନ୍ତି କି ଏଠାରେ ଏକ ଏଭଳି ବ୍ୟବସ୍ଥା ଅଛି ଯିଏ ନିଜେ ନିଜେ ସଞ୍ଚାଳିତ ହୋଇଥାଏ। ଏଥିଲାଗି ଏହାକୁ ସୁରକ୍ଷିତ ରଖିବା ଏବଂ ଛୋଟ ଛୋଟ ପ୍ରୟାସରେ ଭଲ କରିବାକୁ ଲକ୍ଷ୍ୟ ଅଛି। ଦକ୍ଷିଣ ଆଫ୍ରିକାର ଏହି ପୂର୍ବତନ ଦ୍ରୁତ ବୋଲରଙ୍କୁ ଏହା ବି ଲାଗୁଛି କି ରୋହିତ ଶର୍ମା, ବିରାଟ କୋହଲୀ, ରବିନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଏବଂ ଜସପ୍ରୀତ ବୁମରାହ ସବୁବେଳେ ନିଜ ନିଜେ ବିଭାଗରେ ମୋର୍ଚ୍ଚା ସମ୍ଭାଳିବେ ଏବଂ ତାଙ୍କ କାମ ତାଙ୍କୁ ସର୍ବଶ୍ରେଷ୍ଠ ପରାମର୍ଶ ଦେବା ହେବ। ଖୁବଶୀଘ୍ର ୪୦ବର୍ଷର ହେବାକୁ ଥିବା ମୋର୍ନେ ମୋର୍କେଲ କହିଥିଲେ କି, ଆମେ ଭାଗ୍ୟଶାଳୀ ଅଛୁ କି ଆମ ପାଖରେ ଉଚ୍ଚ ସ୍ତରର ଖେଳାଳୀ ଅଛନ୍ତି ଯିଏ ସବୁବେଳେ ନିଜ କ୍ଷେତ୍ରରେ ମୋର୍ଚ୍ଚା ସମ୍ଭାଳିବେ। ଆମ ଦାୟିତ୍ୱ ସବୁବେଳେ ତାଙ୍କର ସମର୍ଥନ କରିବା ଏବଂ ତାଙ୍କୁ ସର୍ବୋତ୍ତମ ପରାମର୍ଶ ଦେବା ଅଟେ ଯାହା ଆମେ ଦେଇପାରିବୁ।

**ଜିତିଲେ ଭାରତୀୟ ଫ୍ୟାନ୍ସଙ୍କ ହୃଦୟ**



ହରିଶ ସାଲଭେଙ୍କ ବଡ଼ ଦାବି

# କ୍ରୀଡ଼ା କୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବାକୁ ଚାହିଁ ନ ଥିଲେ ଭିନେଶ

**ପ୍ୟାରିସ ଅଲିମ୍ପିକ୍‌ସ ଫାଇନାଲ୍ ଦିନ ସକାଳେ ଭିନେଶ ଫୋଗଟ ଅଯୋଗ୍ୟ ଘୋଷିତ ହେବା ପୁରା ଦେଶକୁ ସ୍ତବ୍ଧ କରିଥିଲା। ଏହାକୁ ନେଇ ବିବାଦ ଦେଖା ଦେଇଥିଲା। ଏହି କ୍ରମରେ ଦେଶର ଖ୍ୟାତିସଂପନ୍ନ ଓକିଲ ହରିଶ ସାଲଭେ ପ୍ୟାରିସ ଅଲିମ୍ପିକ୍ସକୁ ନେଇ ବଡ଼ ବୟାନ ଦେଇଛନ୍ତି।**



**ନୂଆଦିଲ୍ଲୀ, ୧୪।୯:** ନିର୍ଦ୍ଧାରିତ ନିୟମଠୁ ଅଧିକ ଓଜନ କାରଣରୁ ପ୍ୟାରିସ୍ ଅଲିମ୍ପିକ୍ସରେ ପଦକରୁ ବଞ୍ଚିତ ହୋଇଥିଲେ ତାରକା କୁସ୍ତି ଖେଳାଳି ଭିନେଶ ଫୋଗାଟ। ଅଗଷ୍ଟ ୭ ତାରିଖ ଫାଇନାଲ୍ ଦିନ ସକାଳେ ସେ ଅଯୋଗ୍ୟ ଘୋଷିତ ହେବା ପୁରା ଦେଶକୁ ସ୍ତବ୍ଧ କରିଥିଲା। ଏହାକୁ ନେଇ ବିବାଦ ଦେଖା ଦେଇଥିଲା। ଏହି କ୍ରମରେ ଦେଶର ଖ୍ୟାତିସଂପନ୍ନ ଓକିଲ ହରିଶ ସାଲଭେ ପ୍ୟାରିସ ଅଲିମ୍ପିକ୍ସକୁ ନେଇ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଫୋଗାଟ୍ ଚାହୁଁ ନ ଥିଲେ କ୍ରୀଡ଼ା କୋର୍ଟ ତାଙ୍କ ବିରୋଧରେ ନେଇଥିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଉ। ଉଲ୍ଲେଖନୀୟ ଅଲିମ୍ପିକ୍ସ ଇତିହାସରେ ପ୍ରଥମ ଥର କୌଣସି ମହିଳା ପହିଲମାନ ଅଲିମ୍ପିକ୍ସ ଫାଇନାଲ୍‌ରେ ପହଞ୍ଚିଥିଲେ।

ଭିନେଶ ନିକଟରେ ଦାବି କରିଥିଲେ ଯେ, ଫାଇନାଲ୍‌ରେ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯିବା ପରେ ଭାରତୀୟ ଅଲିମ୍ପିକ୍ସ ସଂଘ ପକ୍ଷରୁ ତାଙ୍କୁ କୌଣସି ସମର୍ଥନ ମିଳି ନ ଥିଲା। ଏହା ପରେ ହରିଶ ସାଲଭେଙ୍କ ଉପରୋକ୍ତ ବୟାନ ସାମ୍ନାକୁ ଆସିଛି। ଭିନେଶ କହିଥିଲେ, ଆମର ଯେଉଁ ଓକିଲ ଥିଲେ ସେମାନେ ନିଷ୍ପତ୍ତିକୁ ନେଇ ପ୍ରଥମରୁ ନରମ ମନୋଭାବ ପୋଷଣ କରିଥିଲେ। ଏହି ସମସ୍ତ କାରଣରୁ ଅଲିମ୍ପିକ୍ସରେ ତାଙ୍କୁ ସ୍ୱର୍ଣ୍ଣ କିମ୍ବା ରୌପ୍ୟ ପଦକ ମିଳି ପାରି ନ ଥିଲା। ଭାରତୀୟ ଆଇନଜୀବୀ ଦଳରେ ହରିଶ ସାଲଭେ ରହିଥିଲେ।

ଟାଇମ୍ସ ନାଓକୁ ଦେଇଥିବା ସାକ୍ଷାତକାରରେ ହରିଶ ସାଲଭେ କହିଛନ୍ତି, ଆମର ପ୍ରସ୍ତାବ ପରେ ବି ଭିନେଶ ଫୋଗାଟ୍ କୋର୍ଟ ଅଫ ଅର୍ବିଟ୍ରେଶନ ଫର ସ୍ପୋର୍ଟ୍ସ ଦ୍ୱାରା ଦିଆଇଥିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ ଦେବାକୁ ଚାହୁଁ ନ ଥିଲେ। ପରେ ଆମକୁ ଅପିଲ୍ କରିବା ପାଇଁ ଉପଯୁକ୍ତ କାଗଜପତ୍ର ଓ ସୂଚନା ମିଳିଥିଲା। ଏହା ପରେ ଆମେ କୋର୍ଟରେ କଡ଼ା ସଂଘର୍ଷ କରିଥିଲୁ। ମାତ୍ର ଆମର ଅପିଲ୍‌କୁ ଖାରଜ କରି ଦିଆଗଲା। ଆମେ କ୍ରୀଡ଼ା କୋର୍ଟ ଦ୍ୱାରା ଆସିଥିବା ନିଷ୍ପତ୍ତିକୁ ସ୍ୱିସ୍ ଅଦାଲତରେ ଚ୍ୟାଲେଞ୍ଜ କରିପାରିଥାନ୍ତେ। ମାତ୍ର ଭିନେଶ ଏହାକୁ ନେଇ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଏହା ପରେ ତାଙ୍କ ଓକିଲ ମୋତେ ଜଣାଇଥିଲେ ଯେ, ଭିନେଶ ମାମଲାକୁ ଆଉ ଆଗକୁ ବଢାଇବାକୁ ଚାହୁଁ ନାହାନ୍ତି।

ସାଲଭେ ଅଭିଯୋଗ କରିଛନ୍ତି ଯେ, ଭିନେଶ ଫୋଗାଟ୍‌ଙ୍କ ଓକିଲଙ୍କ ମଧ୍ୟରେ ତାଳମେଳର ଅଭାବ ଥିଲା। ଏହାର କାରଣ ଭାରତୀୟ ଅଲିମ୍ପିକ୍ସ ସଂଘ ଦ୍ୱାରା ନିଯୁକ୍ତ କରାଯାଇଥିବା ଏକ ଲ ଫର୍ମର କିଛି ଓକିଲ ମାମଲାର ସବିଶେଷ ତଥ୍ୟ ଦେବାକୁ ଚାହୁଁ ନ ଥିଲେ। ଫଳରେ ମାମଲାକୁ ଉପର ଅଦାଲତରେ ଚ୍ୟାଲେଞ୍ଜ କରାଯାଇ ନ ଥିଲା।

## ଆନ୍ତଃ ସେକ୍ଟର ଫୁଟବଲ୍ ପ୍ରତିଯୋଗିତା

**ସମ୍ବଲପୁର, ୧୪।୯:** ସିଆରପିଏଫ ର ଆନ୍ତ ସେକ୍ଟର ବ୍ୟାଟାଲିୟନ (ଅପରେସନ୍) ଓ ଗ୍ରୁପ୍ ସେଂଟର ଫୁଟବଲ୍ ପ୍ରତିଯୋଗିତା ସମ୍ବଲପୁର ଗ୍ରୁପ୍ ସେଂଟର୍ କ୍ୟାମ୍ପସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମୁଦାୟ ଛଅଟି ବାଟାଲିୟନ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଗ୍ରୁପ୍ ସେଂଟର, ସେଂଟ୍ରାଲ୍ ରିଜର୍ଭ ପୋଲିସ୍ ଫୋର୍ସ ର ଡିଆଇଜି ସଂଜୟ କୁମାର ସିଂହ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ସମ୍ବଲପୁର ଗ୍ରୁପ ସେଂଟର ରିଜର୍ଭ ପୋଲିସ୍ ଫୋର୍ସ ଏବଂ ୬୪ ବାଟାଲିଅନ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆରପିଏଫ ର ୬୪ ବାଟାଲିଅନ୍ ସର୍ବୋତମ ପ୍ରଦର୍ଶନ କରି ବିଜେତା ତଥା ଗ୍ରୁପ୍ ସେଂଟର ଟାଇଟଲ୍ ହାସଲ କରିଥିବା ବେଳେ ସମ୍ବଲପୁର ଟିମ ଉପବିଜେତା ହୋଇଥିଲା।

# ଶକ୍ତିଶାଳୀ ବଡି ବିଲ୍ଡର ଇଲିଆ ଗୋଲେମଙ୍କ ପରଲୋକ

**ମିନସ୍କ ୧୪।୯:** ବେଲାରଷ ବଡି ବିଲ୍ଡର ଇଲିଆ ଗୋଲେମ ୟେଫିମଚେକ୍ ଙ୍କ ହୃଦଘାତରେ ପରଲୋକ ହୋଇଛି। ଇଲିଆଙ୍କ ବୟସ ମାତ୍ର ୩୬ ଥିଲା ଓ ସେ ତାଙ୍କ ଶରୀରର ଆକାର ପାଇଁ ଲୋକପ୍ରିୟ ଥିଲେ। ସେ ତାଙ୍କର ଅବିଶ୍ୱସନୀୟ ଶରୀର ଲାଗି ବିଶ୍ୱର ସବୁଠୁ ବିପଦଜନକ ବଡିବିଲ୍ଡରର ଟାଇଟଲ ହାସଲ କରିଥିଲେ। ସେ ସୋସିଆଲ ମିଡିଆରେ ପ୍ରାୟତଃ ତାଙ୍କ ଏକ୍ସରସାଇଜର ଫଟୋ ଓ ଭିଡିଓ ସେୟାର କରନ୍ତି। ଲକ୍ଷାଧିକ ସଂଖ୍ୟାରେ ତାଙ୍କ ଫଲୋଅର୍ସ ଥିଲେ।

ଇଲିଆଙ୍କ ମୃତ୍ୟୁର ଅଧିକାରିକ କାରଣ ଏପର୍ଯ୍ୟନ୍ତ ଜଣାପଡି ନାହିଁ। ତେବେ ତାଙ୍କ ପତ୍ନୀ ଆନ୍ନା କହିଛନ୍ତି ଯେ ଇଲିଆ ସେପ୍ଟେମ୍ବର ୬ ତାରିଖ ଦିନ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୨ ଦିନ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଇଲିଆଙ୍କ ଛାତି ୬୧ ଇଞ୍ଚର ଥିଲା। ଏଥିରୁ ତାଙ୍କ ଶରୀରକୁ ଆକଳନ କରାଯାଇପାରେ। ୧୬୦ କେଜି




ଓଜନର ଇଲିଆଙ୍କୁ ତାଙ୍କ ଓଜନ କାୟମ ରଖିବା ପାଇଁ ଦୈନିକ ୧୬,୫୦୦ କ୍ୟାଲୋରୀର ଖାଦ୍ୟ ଖାଉଥିଲେ। ସେ ଏହାକୁ ଦିନକୁ ୭ ଥରରେ ଖାଉଥିଲେ।

**ମୃତ୍ୟୁ ବେଳକୁ ମାତ୍ର ୩୬ ବର୍ଷ ବୟସ ହୋଇଥିଲା**

ବେଲାରଷର ଗୋଲେମଙ୍କୁ ଅଳ୍ପବୟସରୁ ଶାରୀରିକ ବ୍ୟାୟାମର ଶୌକ ଥିଲା। ସେ ପାଠ ପଢିବା ପାଇଁ ଚେକ୍ ରିପବ୍ଲିକ ଯାଇଥିବା ବେଳେ ଡାୟେଟ ଓ ବ୍ୟାୟାମରେ ଶରୀର ଗଢିଥିଲେ। ଇଲିଆ ନିଜକୁ ସିଲଭେଷ୍ଟର ଷ୍ଟାଲୋନ ଓ ଅର୍ଣ୍ଣୋଲ୍ଡ ଶ୍ୱର୍ଜନେଗରଙ୍କ ଭଳି ଦେଖିବାକୁ ଚାହୁଁଥିଲେ। ବଡି ବିଲ୍ଡିଂ ଜଗତ ସହିତ ସମ୍ପୃକ୍ତ ଲୋକଙ୍କ ମୃତ୍ୟୁ ଖବର ଏବେକା ସମୟରେ ଲଗାତାର ସାମ୍ନାକୁ ଆସୁଛି। ଇଲିଆଙ୍କ ପୂର୍ବରୁ ବ୍ରାଜିଲିୟ ବଡି ବିଲ୍ଡର ମାଥ୍ୟୁସ୍ ପାଭଲକ ତାଙ୍କ ଘରେ ମୃତ ମିଳିଥିଲେ।




| Branch/Cadre | Vacancies* | Gender |
| --- | --- | --- |
| General Service {GS(X)/ Hydro Cadre | 56 (Including 06 Hydro) | Men and Women {maximum of 15 vacancies in GS (X) and 02 vacancies in GS (Hydro) for women} |
| Pilot | 24 | Men and Women (maximum of 07 vacancies for women) |
| Naval Air Operations Officer (Air Crew) | 21 | Men and Women (maximum of 06 vacancies for women) |
| Air Traffic Controller(ATC) | 20 | Men and Women (maximum of 06 vacancies for women) |
| Logistics | 20 | Men and Women (maximum of 06 vacancies for women) |
| Naval Armament Inspectorate Cadre(NAIC) | 16 | Men and Women |
| Education | 15 | Men and Women |
| Engineering Branch {General Service (GS)} | 36 | Men and Women (maximum of 11 vacancies for women) |
| Electrical Branch {General Service (GS)} | 42 | Men and Women (maximum of 13 vacancies for women) |


Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar